

## ଦିଦି ତମ ସମୟ ସରିଆସିଲାଣି

ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live    mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 34 | ISSUE 70 | ଭାଗ ୩୪ | ସଂଖ୍ୟା ୭୦ | Bhubaneswar | Monday 2 June 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୨ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ପୁରୁଣା ରୂପକୁ ଫେରିଲା ସୁପ୍ରିମକୋର୍ଟ

### ପୁଣି ସ୍ଥାପିତ ହେଲା ପୁରୁଣା ପ୍ରତୀକ, ହଟିବ କାଚଦ୍ୱାର




**ନୂଆଦିଲ୍ଲୀ ୧।୬:** ସୁପ୍ରିମକୋର୍ଟର ପ୍ରତୀକ ଚିହ୍ନ ପୁଣି ଥରେ ବଦଳିଛି। ନୂଆ ପ୍ରତୀକ ଚିହ୍ନ ହଟିଥିବା ବେଳେ ପୁରୁଣା ପ୍ରତୀକ ଚିହ୍ନକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ବି.ଆର. ଗବାଇ ପୁନଃ ସ୍ଥାପନା କରିଛନ୍ତି। କେବଳ ଏତିକି ନୁହେଁ ସୁପ୍ରିମକୋର୍ଟ କରିଡ଼ରରେ ଲଗାଯାଇଥିବା କାଚ ଦ୍ୱାରଗୁଡ଼ିକୁ ହଟାଯିବ ଓ ସୁପ୍ରିମକୋର୍ଟ ପୁଣି ପୁରୁଣା ରୂପକୁ ଫେରିବ। ନୂଆ ସିଜେଆଇ ଜଷ୍ଟିସ୍ ଗବାଇଙ୍କ ଦ୍ୱାରା କରାଯାଉଥିବା ପରିବର୍ତ୍ତନକୁ ଏବେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

ସୁପ୍ରିମକୋର୍ଟ ଓକିଲ ଆସୋସିଏସନ ପୂର୍ବତନ ସିଜେଆଇ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଦ୍ୱାରା କୋର୍ଟର ପ୍ରତୀକ ଚିହ୍ନ ବଦଳାଯିବା ଘଟଣାକୁ ବିରୋଧ କରିଥିଲେ। ସେହିପରି କୋର୍ଟ କରିଡ଼ରରେ କାଚ କବାଟ ଲଗାଇ ବାତାନୁକୂଳ କରିବାକୁ ମଧ୍ୟ ସଂଘ ଆପତ୍ତି କରିଥିଲା। ଓକିଲ ସଂଘ କହିଥିଲା ଯେ ସୁପ୍ରିମକୋର୍ଟରେ କାଚର ଦ୍ୱାର ଲାଗିବା ଦ୍ୱାରା ଏହାର ମୌଳିକତା ବଦଳି ଯାଉଛି ଓ ଏହା ଆଦୌ ଠିକ୍ ନୁହେଁ। କୁହାଯାଉଛି ସିଜେଆଇ ଗବାଇ ସୁପ୍ରିମକୋର୍ଟ ବାର ଆସୋସିଏସନ ଓକିଲଙ୍କ ଆପତ୍ତିକୁ ଧ୍ୟାନରେ ରଖି ଏହି ସବୁ ପରିବର୍ତ୍ତନ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ସେପ୍ଟେମ୍ବର ମାସରେ ସୁପ୍ରିମକୋର୍ଟର ୭୫ତମ ସ୍ଥାପନା ଦିବସରେ କୋର୍ଟର ନୂଆ ପ୍ରତୀକ ଚିହ୍ନ ଜାରି କରାଯାଇଥିଲା। ସେତେବେଳେ ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ଼ ସିଜେଆଇ ଥିଲେ।

### ବଢ଼ିଲା କ୍ଷୀର ଦର, ମିଳିବ ଲକ୍ଷେ ଟଙ୍କା ବୀମା

# ଦୁଗ୍ଧଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଡବଲ୍ ଉପହାର

- ୩ ନୂଆ ଉତ୍ପାଦର ଲୋକାର୍ପଣ
- ସଫଳ ଗୋପାଳକଙ୍କୁ ସହାୟତା ରାଶି ପ୍ରଦାନ
- ଚାଷୀଙ୍କୁ ସମୃଦ୍ଧ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'
- ଆଗାମୀ ୫ ବର୍ଷରେ ଦ୍ୱିଗୁଣିତ ହେବ ଦୁଗ୍ଧ ଉତ୍ପାଦନ



**ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଓମଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ପକ୍ଷରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ବୋଲି ଘୋଷଣା କରିବା ସହ ଓମଫେଡ ଚାଷୀଙ୍କୁ ଲକ୍ଷେ ଟଙ୍କା ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅ ପରି ତିନିଟି ନୂଆ ଉତ୍ପାଦର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଆଜିଠୁ ଓମ୍‌ଫେଡ୍ ଚାଷୀଙ୍କୁ ଦୁଗ୍ଧ ଲିଟର୍ ପିଛା ପୂର୍ବାପେକ୍ଷା ୩ ଟଙ୍କା ଅଧିକ ମିଳିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ଅଢ଼େଇ ଲକ୍ଷ ଗୋପାଳକ ସିଧାସଳଖ ଉପକୃତ ହୋଇପାରିବେ। ତେବେ ଖାଉଟିଙ୍କୁ ଓମ୍‌ଫେଡ୍ କ୍ଷୀର ଲିଟର ପିଛା ୪ ଟଙ୍କା ଦେବାକୁ ପଡ଼ିବ, ଯେଉଁଥିରୁ ୨ ଟଙ୍କା ସରକାର ବହନ କରିବେ। ତେଣୁ ଖାଉଟିଙ୍କ ଉପରେ ଲିଟର ପିଛା ବୋଝ ମାତ୍ର ୨ ଟଙ୍କା ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ, ମଇଁଷି ଉଦ୍ୟୋଗ ବିକାଶ, ମାଈ ବାଛୁରୀ ପାଳନ, ଗୋମହିଷାଦିଙ୍କ ବୀମାକରଣ, ଗୋପାଳକଙ୍କ ଆୟବୃଦ୍ଧି ନିମନ୍ତେ ନଗଦ ପ୍ରୋତ୍ସାହନ ଓ ଘାସଚାଷ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ସେ ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ପ୍ରାୟ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ ଓ ରାଜ୍ୟର ୭୭ଟି ପଞ୍ଜିକୃତ ଗୋଶାଳାରେ ଅସହାୟ ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ପ୍ରାଣୀ କଲ୍ୟାଣ ସଂଗଠନଙ୍କୁ ୧୦.୫ କୋଟି ଟଙ୍କାର ଆର୍ଥିକ ସହାୟତା ବଣ୍ଟନ କରିଥିଲେ।

ସୂଚନାଯୋଗ୍ୟ ଯେ ପୋଷଣୀୟ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାଣୀପାଳକଙ୍କ ଅବଦାନ, ସୁଷମ ଖାଦ୍ୟ ମଧ୍ୟରେ ଦୁଗ୍ଧର ଉପକାରିତା ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର ଲକ୍ଷ୍ୟରେ ୨୦୦୧ରୁ ପ୍ରତିବର୍ଷ ଜୁନ ୧ରେ ବିଶ୍ୱ ଦୁଗ୍ଧ ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ଥିମ ରହିଛି 'ଆସନ୍ତୁ, ଦୁଗ୍ଧ ଶକ୍ତି ପାଳନ କରିବା'। ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ବହୁଗୁଣିତ କରିବା ସହ ଦୁଗ୍ଧ ଚାଷୀଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରତିବଦ୍ଧ ରହିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବା ବେଳେ ଦୁଗ୍ଧ ଉତ୍ପାଦନ ଗ୍ରାମୀଣ ଅର୍ଥନୀତିର ପ୍ରମୁଖ ଅଙ୍ଗ। ଏହା ଏକ ଆୟର ଉତ୍ସ ସହ ସମାଜରେ ପୁଷ୍ଟିକର ଖାଦ୍ୟ ଯୋଗାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ➪ପୃଷ୍ଠା-୬

### ସମ୍ବଲପୁର 'କୃଷି ଭବନ' ଉଦ୍‌ଘାଟିତ

## କୃଷି କ୍ଷେତ୍ର ପାଇବ ନୂଆ ପରିଚୟ



**ସମ୍ବଲପୁର,୧।୬(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର 'ଶୀତଳ ଷଷ୍ଠୀ'ର ପବିତ୍ର ଅବସରରେ ସମ୍ବଲପୁରରେ କୃଷି ଭବନର ଉଦଘାଟନ କରିବା ସହ ମୃତ୍ତିକା ଭବନ ପରିଦର୍ଶନ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଏକ କୃଷି ପ୍ରଧାନ ଅଞ୍ଚଳ। ଆଜି ଲୋକାର୍ପିତ ଅତ୍ୟାଧୁନିକ କୃଷି ଭବନ ସମ୍ବଲପୁରର କୃଷି ଗବେଷଣା ସହ କୃଷି କ୍ଷେତ୍ରକୁ ନୂଆ ପରିଚୟ ଦେବା ସହ ଅନ୍ନଦାତାଙ୍କ ଉତ୍ତରୋତ୍ତର ଉନ୍ନତି ଦିଗରେ ବିଶେଷ ସହାୟକ ହେବ। ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ଓଡ଼ିଶାର ଗରିବ, ଚାଷୀ, ମହିଳା, ଯୁବକଙ୍କ କଲ୍ୟାଣ ଏବଂ ଶିଶୁଙ୍କୁ ଉପଯୁକ୍ତ ପୋଷଣ ପ୍ରଦାନ

- ଡବଲ୍ ଇଞ୍ଜିନ୍ ସରକାର ମୌଳିକ ଆବଶ୍ୟକତା ପୂରଣ କରୁଛନ୍ତି
- 'ମା' ପାଇଁ ଗଛଟିଏ' ଅଭିଯାନରେ ଚାରାରୋପଣ କାର୍ଯ୍ୟକ୍ରମ

କରିବା ଦିଗରେ ଡବଲ ଇଞ୍ଜିନ ସରକାର ସମର୍ପିତ। ନୂଆ ସରକାରର ଶାସନକୁ ଏକ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଲମ୍ବା ସମୟ ଧରି ଓଡ଼ିଶାର ଥିବା ଆବଶ୍ୟକତାକୁ ଡବଲ ଇଞ୍ଜିନ ସରକାର ପୂରଣ କରୁଛନ୍ତି। ପୂର୍ବ ସରକାର ସୋହେଲାରେ ଧାନ ଉପରେ ୧୦୦ ଟଙ୍କା ଅତିରିକ୍ତ ବୋନସ୍ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହାକୁ ପୂରଣ କରିନଥିଲେ। ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ଇନପୁଟ ସବସିଡିକୁ ମିଶାଇ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ଖରିଫ ଓ ରବି ଧାନ ସଂଗ୍ରହ ପ୍ରାୟ ୯୦ ହଜାରରୁ ୧ ଲକ୍ଷ ମେଟ୍ରିକ୍ ଟନ କିଣାଯାଉଛି। ରାଜ୍ୟ ସରକାର ଧାନକିଣା ବାବଦକୁ ନିଜସ୍ୱ ବଜେଟରୁ ପ୍ରାୟ ୮ ହଜାର କୋଟି ଟଙ୍କା ଚାଷୀମାନଙ୍କୁ ଦେଉଛନ୍ତି। ସୁଭଦ୍ରା ଯୋଜନାରେ ପ୍ରାୟ ଏକ କୋଟି ମା' ୧୦ ହଜାର କୋଟି ପାଇ ସଶକ୍ତ ହୋଇଛନ୍ତି। ହିତାଧିକାରୀମାନଙ୍କୁ ଡିବିଟି ଜରିଆରେ ସିଧାସଳଖ ସହାୟତା ରାଶି ପ୍ରଦାନ ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓଡ଼ିଶାର ବିକାଶ ଗତିକୁ ତ୍ୱରାନ୍ୱିତ କରୁଛି। ସ୍କୁଲ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେଇ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟକୁ ବିକଶିତ କରିବାର ଦାୟିତ୍ୱ ମଧ୍ୟ ନିଆଯାଇଛି। ଏହି ଅବସରରେ ଶ୍ରୀ ପ୍ରଧାନ ଏହି ଅବସରରେ କୃଷି ଭବନ ପରିସରରେ ➪ପୃଷ୍ଠା-୬

### ଦେଶରେ ବଢ଼ିଚାଲିଛି କରୋନା ସଂକ୍ରମଣ

## ଆକ୍ରାନ୍ତଙ୍କ ସଂଖ୍ୟା ୩୭୫୮

### କେରଳ ପାଲଟିଛି ହଟସ୍ପଟ୍



**ନୂଆଦିଲ୍ଲୀ,୧।୬:** ଦେଶରେ କାୟା ମେଲାଉଛି କରୋନା। ଦିନକୁ ଦିନ ବଢ଼ି ଚାଲିଛି ସଂକ୍ରମଣ। ଦେଶରେ ଧିରେ ଧିରେ କରୋନାର କାୟା ବ୍ୟାପିବାରେ ଲାଗିଛି। ସାରା ଦେଶରେ କରୋନା ପୁଣି ଥରେ ଚିନ୍ତା ବଢ଼ାଇ ଥିବାବେଳେ ଇତିମଧ୍ୟରେ ୩ ହଜାର ଟପିଛି କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ରବିବାର ଦେଶରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୭୫୮ରେ ପହଞ୍ଚିଛି। ଗତ ୨୪ ଘଣ୍ଟାରେ ଦେଶର ବିଭିନ୍ନ ରାଜ୍ୟରେ ୩୬୩ଟି ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ଇତିମଧ୍ୟରେ ୪ ଜଣଙ୍କର ମୃତ୍ୟୁ ହୋଇସାରିଛି। ଏଯାଏଁ ସର୍ବାଧିକ ମାମଲା କେରଳରୁ ଚିହ୍ନଟ ହୋଇଥିବାରୁ ଏହା ହଟ୍‌ସ୍ପଟ୍ ପାଲଟିଛି। ଅଦ୍ୟାବଧି ➪ପୃଷ୍ଠା-୬

### ଓଡ଼ିଶାରେ ଆଉ ୪ ସଂକ୍ରମିତ

#### ୧୧ରେ ପହଞ୍ଚିଲା ମୋଟ ସଂଖ୍ୟା

**ଭୁବନେଶ୍ୱର:** ଦେଶରେ କ୍ରମାଗତ ଭାବେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ଓଡ଼ିଶାରେ ମଧ୍ୟ ଏହି ଧାରା ଜାରି ରହିଛି। ଗତକାଲି ସୁଦ୍ଧା ରାଜ୍ୟରେ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୦୨୫ରେ ଏହି ଭୂତାଣୁ ଯୋଗୁଁ ପ୍ରଥମ ମୃତ୍ୟୁ ମଧ୍ୟ ସାମ୍ନାକୁ ଆସିଥିଲା। ଅବଶ୍ୟ ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଜାରି କରାଯାଇନାହିଁ। କିନ୍ତୁ ଆଜି ➪ପୃଷ୍ଠା-୬

## ସିକ୍କିମରେ ଫସିଛନ୍ତି ୧୫୦୦ ପର୍ଯ୍ୟଟକ

**ଗ୍ୟାଙ୍ଗଟକ୍,୧।୬:** ସିକ୍କିମରେ ଗତ କିଛିଦିନ ହେଲାଣି ପ୍ରବଳ ବର୍ଷା ଜାରି ରହିଥିବା ବେଳେ

> ଇତିଶ୍ରୀ ଓ ଅନ୍ୟ ନିଖୋଜଙ୍କ ଖୋଜ୍‌ଖବର ମିଳୁନି

ତଜ୍ଜନିତ ଭୟଙ୍କର ଭୂସ୍ଖଳନ ଫଳରେ ସ୍ଥିତି ବେଶ୍ ଗମ୍ଭୀର ରହିଛି। ଉତ୍ତର ସିକ୍କିମର ଲାଚେନ ଓ ଲାଚୁଙ୍ଗ ଅଞ୍ଚଳରେ ପାଖାପାଖି ୧୫୦୦ରୁ ଅଧିକ ପର୍ଯ୍ୟଟକ ଫସିଥିବା ବେଳେ ୮ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନ ଯୋଗୁଁ ଅନେକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଯାତାୟାତ ମଧ୍ୟ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଏସ୍‌ପିଙ୍କ କହିବାନୁସାରେ, ଲାଚେନରେ ୧୧୫ ଜଣ ଓ ➪ପୃଷ୍ଠା-୬

## ୫ରେ ରାମମନ୍ଦିରରେ ଦ୍ୱିତୀୟ ପ୍ରାଣପ୍ରତିଷ୍ଠା

### ପରିବାର ସହ ବିରାଜିବେ ପ୍ରଭୁ ଶ୍ରୀରାମ



**ଅଯୋଧ୍ୟା,୧।୬:** ଗତ ବର୍ଷ ଜାନୁଆରୀ ୨୨ ତାରିଖରେ ପ୍ରଭୁ ଶ୍ରୀରାମଙ୍କୁ ବାଳକ ରାମ ଭାବେ ଅଯୋଧ୍ୟାର ରାମ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏବେ ଦ୍ୱିତୀୟ ପ୍ରାଣ ପ୍ରତିଷ୍ଠାରେ ପ୍ରଭୁ ଶ୍ରୀ ରାମଙ୍କୁ ରାଜା ଭାବେ ସ୍ଥାପନ କରାଯିବ। ଆସନ୍ତା ୫ ତାରିଖରେ ଶ୍ରୀରାମ ମନ୍ଦିରରେ ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଥମ ମହଲାରେ ରାଜା ରାମଙ୍କ ଏକ ଦରବାର ରହିବ। ଏହି ଦରବାରରେ ପ୍ରଭୁ ଶ୍ରୀ ରାମ ତାଙ୍କ ସାନ ଭାଇ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ମାତା ଜାନକୀ ଏବଂ ସେବକ ହନୁମାନଙ୍କ ସହ ➪ପୃଷ୍ଠା-୬

## ଆରପାରିରେ 'ଜରି ମାଉସୀ'

**କେନ୍ଦ୍ରାପଡ଼ା,୧।୬(ସଂଚାର ବ୍ୟୁରୋ):** ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ତିଆରି କରି ବେଶ୍ ଚର୍ଚ୍ଚାରେ ଥିବା କମଳା ମହାରଣାଙ୍କର ପରଲୋକ ଘଟିଛି। କେନ୍ଦ୍ରାପଡ଼ା ବ୍ଲକ୍ ଗୁଲନଗର ପଞ୍ଚାୟତ ଖଇରାବାଦ୍ ନିବାସୀ ଶ୍ରୀମତୀ ମହାରଣାଙ୍କୁ ପରଲୋକ ସମୟରେ ୬୬ ବର୍ଷ ବୟସ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାରେ 'ଜରି ମାଉସୀ' ଭାବେ ବେଶ୍ ଜଣାଶୁଣା ଥିବା ଶ୍ରୀମତୀ ମହାରଣା ଘରେ ପଡ଼ିଯିବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। କିନ୍ତୁ ସେଠାରେ ଗତକାଲି ତାଙ୍କର ପରଲୋକ ହୋଇଯାଇଥିବା ଜଣାପଡ଼ିଛି।

'ଜରି ମାଉସୀ' ବାହାରେ ପଡୁଥିବା କୁରୁକୁରି, ବିସ୍କୁଟ୍ ଜରି ଆଦି ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଏପରିକି ତାଙ୍କର ଏହି ଉଦ୍ୟମ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଶଂସା କରିଥିଲେ। କମଳାଙ୍କ ଏପରି ଉଦ୍ୟମ ପରିବେଶ ସୁରକ୍ଷା ପ୍ରଶଂସନୀୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେହିପରି ଗତ ସାଧାରଣ ନିର୍ବାଚନ



- ବର୍ଜ୍ୟବସ୍ତୁକୁ ଦେଉଥିଲେ ଘରକରଣା ସାମଗ୍ରୀ ରୂପ
- 'ମନ କୀ ବାତ୍'ରେ ପ୍ରଧାନମନ୍ତ୍ରୀ କରିଥିଲେ ପ୍ରଶଂସା

ପାଇଁ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବାରୁଆ ନିର୍ବାଚନୀ ସଭାରେ ତାଙ୍କୁ ଭେଟିବା ସହ ପାଦ ଛୁଇଁ ନମସ୍କାର କରିଥିଲେ। ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନିତ ମଧ୍ୟ କରିଥିଲେ। ସେହିପରି କମଳା ମଧ୍ୟ ➪ପୃଷ୍ଠା-୬

## ଧୂଳିଝଡ଼ରେ ଫସିଲା ଇଣ୍ଡିଗୋ ବିମାନ

**ରାୟପୁର,୧।୬:** ରାୟପୁରରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନ ୬ଇ-୬୩୧୩ ଧୂଳି ଝଡ଼ର ସମ୍ମୁଖୀନ ହୋଇଥିଲା। ତେବେ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏଥିରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ବିମାନଟି ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିବାର କିଛି ସମୟ ପୂର୍ବରୁ ହଠାତ୍ ପାଗ ବଦଳିଯାଇଥିଲା ଓ ଧୂଳି ଝଡ଼ ଆରମ୍ଭ ହୋଇଯାଇଥିଲା। ଯାହା ଫଳରେ ରନୱେରେ ଦୃଶ୍ୟମାନ କ୍ଷମତା ହ୍ରାସ ପାଇଥିଲା। ତେବେ ବିମାନଟି ଅବତରଣ କରିବା ସମୟରେ ପାଗ ଅନୁକୂଳ ନଥିଲା। ତେଣୁ ପାଇଲଟ୍ ପାଗ ସୁଧୁରିବା ପର୍ଯ୍ୟନ୍ତ ବିମାନକୁ ଉଡ଼ାଇଚାଲିଥିଲେ। ପରେ ସେ ବିମାନଟିକୁ ଦିଲ୍ଲୀ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। ଏହି ସମୟର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।

# ମା' ଭଟ୍ଟାରିକାଙ୍କ ପୀଠ ପାଲଟିଛି ଆବର୍ଜନା କୁଣ୍ଡ

**ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ):** ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ପୀଠ ଏବେ ଏକପ୍ରକାର ଆବର୍ଜନାକୁଣ୍ଡରେ ପରିଣତ ହୋଇଛି। ମନ୍ଦିର ସମ୍ମୁଖରେ ପ୍ଲାଷ୍ଟିକ ବୋତଲ, ଅଇଁଠା ଥର୍ମକୁଲ୍

- ଚାରିଆଡ଼େ କୁଢ଼ କୁଢ଼ ପ୍ଲାଷ୍ଟିକ ଅଳିଆ
- ମହାନଦୀରେ ମିଶୁଛି ପ୍ଲାଷ୍ଟିକ ବୋତଲ ଓ ଥର୍ମୋକୁଲ ଥାଳି

ଥାଳି ସମେତ ମନ୍ଦିରରୁ ବାହାରୁଥିବା ପୂଜାସାମଗ୍ରୀ ଏଣେତେଣେ ଫିଙ୍ଗାଯାଉଛି। ଏଥିସହିତ ଲୋକେ ନିଜ ସହ ଆଣୁଥିବା ଖାଦ୍ୟ ସାମଗ୍ରୀର ଜରିକୁ ବି ନିର୍ବିକାର ଭାବେ ମହାନଦୀରେ ଫିଙ୍ଗି ଦେଉଛନ୍ତି।

ବଡ଼ମ୍ବା ନିକଟରେ ମହାନଦୀ କୂଳରେ ରହିଛି ମା' ଭଟ୍ଟାରିକାଙ୍କ ମନ୍ଦିର। ଛୋଟ ମନ୍ଦିରଟିର



ପାଦଦେଶକୁ ମହାନଦୀର ଜଳ ଛୁଇଁଯାଇଛି। ଦୁଇ ପଟେ ପାହାଡ଼। ଅତ୍ୟନ୍ତ ମନୋରମ ପରିବେଶ ସାଙ୍ଗକୁ ପ୍ରଖ୍ୟାତ ଶକ୍ତିପୀଠ ହୋଇଥିବାରୁ ଏଠାକୁ ଦୈନିକ ଶତାଧିକ ଶ୍ରଦ୍ଧାଳୁ ଆସୁଛନ୍ତି। ମା'ଙ୍କ ଦର୍ଶନ ସହିତ ଏଠାରେ ପ୍ରସାଦସେବନର ବ୍ୟବସ୍ଥା ବି ରହିଛି। ଭକ୍ତମାନେ ବସି ଖାଇବା ପାଇଁ ଗ୍ରାନାଇଟ୍ ପଡ଼ି ଖୋଲା ଘର ବି ତିଆରି ହୋଇଛି। ତେଣୁ ଭକ୍ତମାନେ ଏଠାରେ ଆସି ବରାଦ ଦେଇ ପ୍ରସାଦ ସେବନ କରୁଛନ୍ତି। ମା'ଙ୍କ ମନ୍ଦିରକୁ ମହାନଦୀର ଜଳମାଡ଼ରୁ ସୁରକ୍ଷିତ ରଖିବା ପାଇଁ ମନ୍ଦିର ସମ୍ମୁଖରେ ବଡ଼ ବଡ଼ ପଥରଖଣ୍ଡ ପକାଯାଇ ତାହାକୁ ତାରଜାଲିରେ ବନ୍ଧାଯାଇଛି। ହେଲେ ଏହି ସ୍ଥାନଟି ଏବେ ଭକ୍ତଙ୍କ ପାଇଁ ଏକରକମ ଡଷ୍ଟବିନ୍ ପାଲଟିଯାଇଛି। ମନ୍ଦିର ସମ୍ମୁଖରେ ଉକ୍ତ ସ୍ଥାନରେ ମାଳ ମାଳ ପ୍ଲାଷ୍ଟିକ ବୋତଲ, ଅଇଁଠା ଥର୍ମକୁଲ୍ ଖଲି, ପ୍ଲାଷ୍ଟିକ ଗ୍ଲାସ ଆଦି ଉଡୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବିଭିନ୍ନ ପ୍ରକାର ରଙ୍ଗର ପ୍ଲାଷ୍ଟିକ ଜରି ବି ଏଠାରେ ପଡୁଛି। ସାମାନ୍ୟ ପବନ ➪ପୃଷ୍ଠା-୬





# ମାଁ ଆସିଛ ନେଇ କଳସ ଯାତ୍ରାର ମହକ

**ସ୍ୱାଗତିକା ସାହୁ**

ମାଁ ଆସିଛ.....
ସଭ୍ୟତା ଓ ସଂସ୍କୃତିର ଆଭରଣ ମଧ୍ୟେ
ସାଜି ଚୈତ୍ର ଖରାର ପ୍ରେମ ବର୍ଷିଣୀ
ନାଲି ନାଲି ରୂପ ଲାବଣ୍ୟର ବର୍ଣ୍ଣାଢ୍ୟ
ନାଲି ଚୁଡ଼ି,ଶଙ୍ଖା ନାଲି ଓଢ଼ଣୀ...
ନାଲି ଓଠ, ନାଲ୍ ମଲ୍ ମଲ୍ ସିନ୍ଦୂର
ଅନନ୍ତ ଅନାଦି ଶକ୍ତିର ଉତ୍ସ ନେଇ
ମୋକ୍ଷଧାମର କୈବଲ୍ୟ ପରଶି...
ଭୁବନ ମୋହିନୀ ଶକ୍ତିପ୍ରଦାୟୀନି
ଦୁର୍ଗମ ଛେଦିନି ଦୁର୍ଗତିନାଶିନି...
ବରଦାୟୀନି ମାଁ ମଙ୍ଗଳା...
ତୁମେ ଆସ....!!

ଦେଖ ...
ଉଲ୍ଲସି ଉଠୁଛି ନିଥର ବାୟୁ ଗୁଡ଼ାକ
ପବନେ ନାଚଇ ଦାଣ୍ଡର ଧୂଳି....
ନବରଙ୍ଗପୁର ଜିଲ୍ଲା... ତା ହୃଦୟ ବେଦୀରେ
ଅକ୍ଷୁର୍ଣ୍ଣ ରଖିଛି ସେଇ ପରମ୍ପରା...
ଉମରକୋଟ ମାଟି ମେଖଳା କାଳେ
ଅନାଇ ବସିଛି ପ୍ରସନ୍ନ ଚିତ୍ତରେ...!
ପାଇଛି ଦିବ୍ୟ ପ୍ରେମର ମନ୍ତୁରାପାଣି
ଆଧାତ୍ମିକ ଚିନ୍ତା ଚେତନାର
ଏକ ସଂଗୋପିତ ଉତ୍ତରଣ....!
ଛମ୍ ଛମ୍ ଘୁଙ୍ଗୁରର ଶାଣିତ ସୁର
ପାରମ୍ପାରିକ ବାଦ୍ୟ ଯନ୍ତ୍ର ସହ...
ଘାଣ୍ଟ କାହାଳୀ,ଭୋଗ ନୈବେଦ୍ୟ
ଝୁଣା ମହମହର ବାତାବରଣ ମଧ୍ୟେ
ପାଛୋଟି ହୋଇ ଆସନ୍ତି ମାଁ ....!

ଓଢ଼ଣୀ ଫାଙ୍କରେ ଦିଶୁଥାଏ
ହଳଦୀ ମହମହ ପୂର୍ଣ୍ଣ ଗର୍ଭା ରୂପ
ତମାମ ଜୀବନକୁ ସତେ ବନ୍ଦୀ କରେ
ତାଙ୍କ ଆତ୍ମୀୟତାର ଇଙ୍ଗିତରେ
ମାଁ ତୁମ ଆଜ୍ଞା ମାଳ ମାତ୍ରେ...
ପୂଜକ ପବିତ୍ର କଳସ ମଧ୍ୟେ
ସ୍ଥାପନ କରେ ମାଁ ଙ୍କୁ...!
ପ୍ରାରମ୍ଭ ହୁଏ ପବିତ୍ର କଳସ ଯାତ୍ରା
ବୋଭୋର ଭକ୍ତଙ୍କ ଅଭିସାର ଆକର୍ଷଣ
ଶାଶୁ ଘରୁ ଯିବେ ମାଁ ଘରକୁ
ନାନା ପଟୁଆରେ ଭକ୍ତଙ୍କ ଭିଡ଼ରେ....!
ନବ ଦିନ ଧରି କଳସ ଯାତ୍ରା ।
ଦାଣ୍ଡେ ଦାଣ୍ଡେ ନାଲି
ନାଲୀ ରଙ୍ଗ ବେରଙ୍ଗର
ମୁରୁଜ ଚିତା ସହ କୁମ୍ଭ ନୈବେଦ୍ୟ ଥାଳ
ଗୁଡ଼ ମୁହାଁ କୁ ସ୍ୱାଦିଷ୍ଟ ପଣା...
ଯାତ୍ରା ମେଳାର ମେଲଣ...
ହଜାଇ ଦିଏ ତାଙ୍କରି,
ମଙ୍ଗଳ ତୁର୍ଯନାଦ ମଧ୍ୟେ...!
ସେଇ ମଧୁମଖା ହୃଦୟ ରାଇଜେ
କାଟି ଦିଅ ପାପର ସମସ୍ତ ଅଡୁଆ ସୂତା
ଦୂର ହୋଇଯାଉ ସକଳ ଭିତ୍ତି...
ଭରୁ ଦିବ୍ୟ ଗୁଣର ସଜଳ ପ୍ରକୃତି
ତୁମ କରୁଣାର କାଣିଚାଏ ବିନ୍ଦୁ ପାଇ
କଟିଯାଉ ତମାମ ଆୟୁଷ...
ତୁମ ପଣତରେ ଆତ୍ମୀୟ
ଆଶିଷ କୋଳେ ।
**ଉମରକୋଟ, ନବରଙ୍ଗପୁର**



# ଧାନ ସାଉଁଟି

**ଅନୁପମା ବିଶ୍ୱାଳ**



ବିଶ୍ୱର ବୈଶିଷ୍ଟ୍ୟ ଏକ ବିସ୍ମୟ ପରିଶୀଳନ ।ତହିଁରେ ପ୍ରାକୃତିକ ପ୍ରକ୍ରିୟାର ଆବର୍ତ୍ତ। ଅପରିବର୍ତ୍ତିତ ସେହି ଆବର୍ତ୍ତନରୁ ଅବତୀର୍ଣ୍ଣ ହୁଏ ଛାଇ ଆଲୁଅର ଅଲଙ୍ଘ୍ୟ ପରିକ୍ରମା। ପରିକ୍ରମଣର ପ୍ରତିଦାନରୁ ପାର୍ଥିବ ପ୍ରେକ୍ଷାର ପରିବର୍ତ୍ତନ ଆସେ ।ନିୟତିର ନୀତି ଅଦୃଶ୍ୟରେ ଦୃଶ୍ୟରୁ ହର୍ଷ କାଢିନିଏ। ବିଦଗ୍ଧ ମାନସ ହନ୍ତସନ୍ତ ହୋଇଉଠେ । କଞ୍ଚି ନୟନକୁ ଉନ୍ମୋଚନ କରି ଓହ୍ଲେଇ ଆସେ ବାଧକ ସକାଳ। ସୁଲୁସୁଲୁ ପବନରୁ ମଧ ସମ୍ଭାବନାର ଗରମ ତାତି ଛିଟିକି ହୋଇ ପଡୁଥାଏ। ବର୍ତ୍ତମାନ ସେ ନିଃସ୍ୱ.....।

ମୁଣ୍ଡ ଭିତରେ ସତେ ଯେପରି ସେଦିନ ଯନ୍ତ୍ରଟିଏ ଘୂରୁଥାଏ ବିକାଶର। ଧାନକିଣା ପୂର୍ବରୁ ପ୍ରତିଥର ପ୍ରଶାସନ, ଯୋଗାଣ ବିଭାଗ ଏବଂ ଚାଷୀଙ୍କ ବୈଠକ ବସୁଛି । ଟୋକନ୍ ବ୍ୟବସ୍ଥାକୁ ସ୍ଥାନୀୟ ପ୍ରଶାସନ ହାତକୁ ନେବାକୁ ଦାବି ହେଲେ ମଧ ସବୁଥର ତାହା ଅଣଦେଖା ହେଉଛି। ସରକାରୀ ଖାତାରେ ଧାନକିଣା ଟାର୍ଗେଟ ପୂରଣ ହେଲେ ବି ପ୍ରତି ଋତୁରେ ଲକ୍ଷ ଲକ୍ଷ ବସ୍ତା ଧାନ ବିକ୍ରି ନହୋଇ ପଡ଼ି ରହୁଛି।ଚଳିତ ଖରିଫରେ ମଧ ଏହି ଅବ୍ୟବସ୍ଥାର ଝଲକ ଦେଖିବାକୁ ମିଳୁଛି।

ଭଉଣୀର ବାହାଘର ବହୁ କଷ୍ଟରେ ସ୍ଥିରୀକୃତ ହୋଇଛି।ଚାକିରିଆ ବର ବାହାହେବ ବୋଲି ଭଉଣୀ ଆଖିରେ ଖୁସିରେ ନିଦ ନାହିଁ।ବନ୍ଧୁବାନ୍ଧବ ମାନଙ୍କ ଖୁସି ମଧ ତଉଲି ହେବ ନାହିଁ।ପାଖ ପଡିଶା ମୁହଁରେ ବିକାଶର ପ୍ରଶଂସା।ଭାଇଟେ ହୋଇ ଭଉଣୀ ପାଇଁ କେତେ କଣ ନ କରୁଛି।ଆଜିର ସମାଜରେ କିଏ ଏମିତି ସ୍ୱାର୍ଥହୀନ ଭାବେ ସ୍ନେହ ଆଦର ଦେଖାଉଛି।ନିଜେ ନ ଖାଇ ନ ପିଇ ଭଉଣୀକୁ ଖୁଆଇଛି ,ପିଆଇଛି।ତା ଟିକି ମୁହଁରେ ହସ ଫୁଟାଇବା ପାଇଁ ଦିନରାତି ଏକ କରିଦେଇଛି।ହେଲେ କେମିତି ଉଠେଇବ ଏତେ ବଡ଼ ଦାୟିତ୍ୱ......!

ମନେ ମନେ ବିକାଶ ଭାବୁଥାଏ ମୋର ବୋଧହୁଏ ଶନିଦଶା ଲାଗିଛି। ପ୍ରଥମେ ନିଅଣ୍ଟିଆ ବର୍ଷା ଦାଉ ସାଧିବା ବେଳେ ଏବେ ଅମଳ ଧାନ ବିକ୍ରିବଟା ହୋଇ ପାରୁନାହିଁ। ଭଉଣୀର ବାହାଘର ଖର୍ଚ୍ଚ ବାହାରି ବର୍ଷକର ଆହାର ଯୋଗାଡର ଯେଉଁ ସ୍ୱପ୍ନ ଦେଖିଛି ତାହା ସାକାର ଆଉ ହେବନାହିଁ।ଭାଗ୍ୟ ଆଦରି ରହିବାକୁ ପଡିବ। ପାଠପଢି ଚାକିରି ନ ମିଳିବାରୁ ଆଜି ଏ ଦିନ ଦେଖିବାକୁ ପଡୁଛି ସିନା।

ଅମଳ ଧାନ ଖଳାରେ ରହିଥିଲେ ମଧ ଟୋକନ୍ ନ ଥିବାରୁ ବିକ୍ରି ହୋଇପାରୁନାହିଁ।ସ୍ଥାନ ଅଭାବରୁ ଅଧା ରାଜପଥ ଉପରେ ପଡିରହିଛି।ବ୍ୟବସ୍ଥା ପରେ ଧାନ ସାଉଁଟି ମଣ୍ଡିକୁ ଯିବ।ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଆର.ଏମ.ସି ଅଧୀନରେ ଥିବା ୟାର୍ଡରେ ମଧ ବସ୍ତା ବସ୍ତା ଧାନ ପଡିରହିଛି। ଭରସା କ୍ଷୀଣ ହେଉଥାଏ ବିକାଶର।ଇତି ମଧ୍ୟରେ ଆକାଶରେ ଭସା ମେଘ ବର୍ଷାର ଆଶଙ୍କା ବଢି ବଢି ଯାଉଥାଏ।ବର୍ଷ ତମାମ ପରିଶ୍ରମର ଫଳ ଏମିତି କଣ ଧୋଇ ହୋଇଯିବ ?ଆଖିର ଲୁହ ସହ ସେ କଣ ମିତ୍ରତା କରିବ...!ଭଉଣୀର ଆଶା ଆକାଂକ୍ଷାକୁ କଣ ଦଳି ଚକଟି ଦେବ !ପିତାମାତାଙ୍କ ଆତ୍ମାକୁ ସେ କଣ କଷ୍ଟ ଦେବ ? ହେଲେ ଏସବୁର ସମାଧାନ ତା ଭଉଣୀ କ୍ଷଣିକେ କରିଦେଲା।ତା ନିଜ ପାଇଁ ଭାଇର ଚିନ୍ତାକୁ ଦେଖି ପାରିଲା ନାହିଁ। ଭୁଲରେ ହେଉ ବା ଭଲରେ ହେଉ ସେଦିନ ସେ ସବୁଦିନ ପାଇଁ ଚାଲିଗଲା ଅଫେରା ସ୍ଥାନକୁ।

ବାସ୍ ! ସବୁ ଶେଷ। ପ୍ରଶାସନିକ ଅଧିକାରୀମାନେ କ୍ଷତିଗ୍ରସ୍ତ ବିକାଶ ପାଖକୁ ପହଞ୍ଚି ସାନ୍ତ୍ୱନା ଦେଲେ।କ୍ଷତି ପୂରଣ ପାଇଁ ପ୍ରତିଶ୍ରୁତି ଦେଲେ।ହେଲେ ତା ମନର କ୍ଷତି କିଏ ପୂରଣ କରିବ ? ଉଚ୍ଚାସନେ ବସିଥିବା ବାବୁମାନେ ନା ଏ ସମାଜ .....?

**ସମ୍ବଲପୁର, ମୋବାଇଲ୍: ୭୯୭୮୪୬୮୩୨୨**

# ଭାଗ୍ୟ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ଏ ଜୀବନ କେତେବେଳେ ହସକୁରୀ ନଈ ତ କେତେବେଳେ ଫଟା ମାଟିର କ୍ଷେତ... ଫାଟର ଅଙ୍କା ବଙ୍କା ଗାରରେ ଲେଖା ହୋଇଥାଏ ଭାଗ୍ୟର ଗୋପନ ଇତିହାସ... ଯେମିତି ଘଟିଲା ଶ୍ୱେତାର ଜୀବନରେ...ବନ୍ଦିତା ଓ ବିଜୟ ସାମନ୍ତରାୟଙ୍କ ଅଲିଅଳି ଏକମାତ୍ର କନ୍ୟା ଶ୍ୱେତା ସାମନ୍ତରାୟ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ପ୍ରଥମ ଶ୍ରେଣୀ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲା ସେ.. ଜୀବନରେ ଜଣେ ଆଇ. ଏ. ଏସ ଭାବେ ପ୍ରତିଷ୍ଠା ଅର୍ଜନ କରିବ ବାପା ମାଆଙ୍କର ସ୍ୱପ୍ନ ଥିଲା। ତାପରେ ସେ ଆଇ. ଏ. ଏସ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ମଧ୍ୟ ହୋଇଥିଲା। ଅପେକ୍ଷା କରିଥିଲା କେବେ ସେ ଚାକିରୀରେ ଜଏନ କରିବ। ଏହାପରେ ବନ୍ଦିତା ଓ ବିଜୟଙ୍କର ଜୀବନ ପାଇଁ ଓହ୍ଲେଇ ଆସିଥିଲା ଦୁର୍ଭାଗ୍ୟର ଅମାବାସ୍ୟା... ଏକ ସଡ଼କ ଦୁର୍ଘଟଣାରେ ସେମାନଙ୍କର ଜୀବନଚକ୍ର ଓଲଟପାଲଟ ହୋଇଗଲା... ଗୋଟିଏ ମୁହୂର୍ତ୍ତରେ ସ୍ୱାମୀ, ସ୍ତ୍ରୀ ଦୁହିଁଙ୍କର ମୃତ୍ୟୁ ହୋଇଥିଲା... ବଞ୍ଚିଯାଇଥିଲା ଶ୍ୱେତା... ହେଲେ ଶ୍ୱେତାସବୁଦିନ ପାଇଁ ଅକର୍ମଣ୍ୟ ହୋଇଗଲା... ବଡ଼ ବଡ଼ ଡାକ୍ତରମାନଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା... ଶ୍ୱେତାର ଚଳନ ଶକ୍ତି ଆଉ ଫେରିଲା ନାହିଁ... ବାପା ମାଆ ଉଭୟଙ୍କୁ ହରାଇଲା ପରେ ନିଜର ଅକର୍ମଣ୍ୟ ଶରୀରକୁ ନେଇ ସେ ବହୁତ ଭାଙ୍ଗି ପଡିଲା... ତଥାପି ବାପା ମାଆଙ୍କ ଆଶାକୁ ପୂରଣ କରିବା ପାଇଁ ସେ ଘରେ ଏକ ଆଇ. ଏ.ଏସ କୋଚିଂ ସେଣ୍ଟର ଖୋଲିଲା...। ହୁଇଲ ଚେୟାରରେ ବସି ସେ ପିଲାମାନଙ୍କୁ ଆଇ. ଏ ଏସ କୋଚିଂଦେଲା... ଜୀବନରେ କିଛି ହରେଇ ଥିଲେ ବି... ସେ ବାପା ମାଆଙ୍କ ସ୍ୱପ୍ନକୁ ପୁରା କରିବାକୁ ଚେଷ୍ଟା କରିଥିଲା । ସତରେ ସ୍ୱପ୍ନଟା କେବେ ଜୀବନ ନୁହେଁ... ଜୀବନ ବି ସ୍ୱପ୍ନ ନୁହେଁ... ଜୀବନର ଶେଷ ଉତ୍ତର ହିଁ ଭାଗ୍ୟ ।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଲିଆ, ବାଲେଶ୍ୱର, ମୋବାଇଲ୍: ୯୩୩୭୩୦୪୨୯୫**



# ଶିବ ବିବାହ

**ଶୋଭାମୟୀ ପତ୍ରୀ**

ଓଡ଼ିଆ ସଂସ୍କୃତି ମହାନ ସଂସ୍କୃତି
ଆମ ଗର୍ବ ପ୍ରତି ପର୍ବ,
ଶୀତଳ ଷଷ୍ଠୀର ପବିତ୍ର ତିଥିରେ
ଶିବ ବିବାହ ଉତ୍ସବ ॥
ଅନନ୍ତ ପ୍ରେମ ପ୍ରତୀକ ନାଗେଶ୍ୱର
ଶିବଶମ୍ଭୁ ଭୋଳାନାଥ,
ତାଙ୍କରି ଇଙ୍ଗିତେ ଏବିଶ୍ୱ ବ୍ରହ୍ମାଣ୍ଡ
ସୂର୍ଯ୍ୟ ଚନ୍ଦ୍ର ଆତଯାତ ॥
ଯୋଗାଗ୍ନିରେ ସ୍ୱୟଂ ଦେହତ୍ୟାଗ
କରି
ମା ହିମାଳୟ କୁମାରୀ,
ତପ ନିମଗ୍ନା ମହାସତୀ ପାର୍ବତୀ
ଶିବେ ପତିରୂପେ ବରି ॥
ତାରକାସୁର ଅତ୍ୟାଚାରରେ
ହୋଇ
ଦେବତାଏ ଧରାସାୟୀ,
ମାତା ପାର୍ବତୀଙ୍କ ଶରଣ ପଶିଲେ
ମୁକ୍ତିର ପଥକୁ ଚାହିଁ ॥
ତାରକାସୁର ନିଧନାର୍ଥେ କାମବାଣେ
ଯୋଗେଶ୍ୱର ଯୋଗଭଗ୍ନ,
ସପ୍ତର୍ଷି ମଧ୍ୟସ୍ତେ ବ୍ରହ୍ମା ପୌରହିତେ
ଉମାଶିବ ବିଭାଲଗ୍ନ ॥
ଭୁତପ୍ରେତ ଚଣ୍ଡିଚାମଣ୍ଡା ଗହଣେ
ଶଦାଶିବ ବରବେଶ,
ଆଗେ ବରଯାତ୍ରୀ ପଛେ ମହେଶ୍ୱର
ରୋମାଞ୍ଚିତ ପରିବେଶ ॥
ପଞ୍ଚାକ୍ଷରି ମନ୍ତ୍ର ଜପକରି ଦେବୀ
ପ୍ରାପ୍ତ ହେଲେ ଯୋଗେଶ୍ୱର,
ଶୀତଳଷଷ୍ଠୀର ପବିତ୍ର ପର୍ବରେ
ଭିଜେ ହେମମନ୍ତ ପୁର ॥
ପଶ୍ଚିମ ଓଡିଶା ମହାନ ଯାତ୍ରା ଏ
ହରଗୌରୀ ବିବାହର,
ମହେଶ ପାର୍ବତୀ ମହାମିଳନରେ
ଜଗ ଆନନ୍ଦ ମୁଖର ॥
ଏ କଳିଯୁଗରେ ମର୍ତ୍ତ୍ୟମଣ୍ଡଳରେ
ବିବାହ ପରବେ ମାତି,
ଗାଁଆ ଠୁଁ ସହର ଉତ୍ସବ ମୁଖର
ପ୍ରଭୁଙ୍କ ଭକ୍ତିରେ ମତି ॥
ନନ୍ଦିପରେ ବସି ଶିବଶକ୍ତି ଦୁହେଁ
ପରିକର୍ମା କରିଥାନ୍ତି,
ପାବନ ଦିବସେ ପୂର୍ଣ୍ୟଶୋଭାରସେ
ଭବବାସୀ ଚାଲିଥାନ୍ତି ॥
ନଗର ଜନଙ୍କ ଦୁଃଖ ଓ ସନ୍ତାପ
ପ୍ରଭୁ କରିଥାନ୍ତି ଦୂର,
ଅସୁର ସମାନ ଷଡ଼ରିପୁଗଣ
ବିନାଶ କରନ୍ତି ହର ।
ଜୟ ଶିବଶମ୍ଭୁ
କେନ୍ଦ୍ରାପଡ଼ା





# ଡଙ୍ଗାରୀ ପାହାଡ

**ଡ ଚନ୍ଦ୍ରକଳା ନାୟକ**

ତାର ଔଷଧୀୟ ଡଙ୍କରେ
ଭଲ ହେଉଥିଲା ସବୁ ରୋଗ ବୋଲି
ନାଁଟି ତାର ଡଙ୍ଗାରୀ ପାହାଡ।
ଡଙ୍ଗାରୀ ବୁକୁରେ ଅବିରତ ଡିନାମାଇଟିର ବିସ୍ଫୋରଣ
ଛାତିକୁ ବିଦାରିତ କରୁଛି କମ୍ପରେସରର ନିର୍ଘାତ ଆଘାତ
୨୫ ବର୍ଷରୁ ଉର୍ଦ୍ଧ କାଳ ଧରି ଧର୍ଷିତା ସେ
ହଜି ଯାଇଛି ତା କୁଳୁ କୁଳୁ ଝରଣାର ଧ୍ୱନୀ
ଜୀବନ ବଂଚାଉଥିବା ଔଷଧୀୟ ଡଙ୍କକୁ ନେଇ
ତାର ସବୁଜ ଯୌବନ।
ମନୁଷ୍ୟକୃତ ଭାଇରସରେ ସେ ସର୍ବଦା ସଂକ୍ରମିତ
ଡଙ୍ଗାରୀ ପାହାଡଟା ଅଛି ସତ କିନ୍ତୁ ଅର୍ଦ୍ଧଦଗ୍ଧ ଓ ମୃତବତ।
ମନୁଷ୍ୟରୂପୀ ଦାନବ ମାନଙ୍କ ଯାନ୍ତ୍ରିକ ଯନ୍ତ୍ରଣାରେ
ଦରଫଟା କଙ୍କାଳଟି ପରି ଅନେଇ ରହିଛି
ତା ସଂଲଗ୍ନ ରାହାଡପୁର ପାହାଡର ପଳ ପଳ ଲୌହ ମାଂସରେ
ଗଢା ହୋଇଛି ପୁଞ୍ଜିବାଦୀର ସୁଉଚ୍ଚ ଅଟ୍ଟାଳିକାର କବାଟ।
ତତଲା କଢେଇରେ ଭାଜି ହେଉଛି ଲେଲିହାନ ଆଖି
ନିଇତି ଗଢା ହେଉଛି ସାମ୍ରାଜ୍ୟବାଦର ନୁଆ ନୂଆ ସାକ୍ଷୀ
କିଛି ବର୍ଷ ତଳେ ସେ ଥିଲା ଅପରୂପା ପରିପୂର୍ଣ୍ଣା
ଆଜି କିନ୍ତୁ ସଂପୂର୍ଣ୍ଣ ଲୁଣ୍ଠିତା ଓ ଧର୍ଷିତା
ତା ଦେହରୁ ଶୋଷା ଚାଲିଛି
ପ୍ରତିଦିନ ନିଷ୍ପାପ ରକତ
ସବୁଦେଇ ବି ସେ ଆଜି ବିକ୍ରି ହେଉଛି ରାଜରାସ୍ତାରେ।
ମାତ୍ର ଅଳ୍ପଦିନ ପରେ ବୁହା ହୋଇ ଶେଷହେବ ତା ଦେହରେ ଥିବା
ରତ୍ନର ଭଣ୍ଡାର
ବିବସ୍ତ୍ରା ବାଘୁଆ ପାହାଡ ପରି ଶୁଷ୍କ ଶ୍ରୀହୀନ ହେବ
ତାର ଅଙ୍ଗ ଓ ଶରୀର, କଟା ହୋଇ ଚାଲି ଯିବ ପାପୁଲିର ହାଡ
ପୁଣି ପୁଞ୍ଜିପତି ଶକୁନିମାନେ ତିଆରିବେ ପାଶାକାଠିର ଖେଳ।
ମୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଛି ଆଖପାଖ ଗାଁ
ଗଙ୍ଗେଇଡୁବୁରୀ ପାହାଡ ତଳେ କଇଁ କଇଁ କାନ୍ଦେ ମାଟି ମାଆ
ରୋଗବ୍ୟାଧୀ ଯନ୍ତ୍ରଣାରେ ଫାଟି ଉଠେ ମନୁଷ୍ୟର ସ୍ୱର
ସୁଉଚ୍ଚ ପ୍ରାସାଦ ତୋଳି ହସ ଶୁଭେ ନର ରାକ୍ଷାସର
ଇତସ୍ତତ ଲୋଟି ପଡିଥିବା
ସାଧାରଣ ମଣିଷର ଦୁର୍ଦ୍ଦଶାକୁ କିଏ ବା ବୁଝିବ !
କିଏ ବା ପୋଛିପାରିବ ଡଙ୍ଗାରୀର ଅସରା ଲୁହକୁ
କିଏ ଅଛି ବାଧା ଦେଇ ପାରିବ ଧନତନ୍ତ୍ରର ଏହି ମଣିଷକୁ
ଅହରହ ବିଳପୁଛି ପାହାଡର ପ୍ରତିଟି କୋଣରେ
କେତେଦିନ ରହିବ ସେ ଅମା ଅନ୍ଧାରରେ।
ରଙ୍ଗ ବଦଳାଇ ଥିବା ଦାନବ ମାନଙ୍କ ଲୁଚକାଳି ଖେଳର
ପୂର୍ଣ୍ଣଛେଦ ଦିନେ ତ ନିଶ୍ଚୟ ପଡିବ
ମାଟି ମା ଯନ୍ତ୍ରଣାର ନିଆଁ ଉପରେ
ଠିଆ ହୋଇ କରୁଛି ନୀରବ ସାଧନା
ଧ୍ୱଂସ ଭିତରୁ ବି ଗୁମୁରୁଛି
ଗଢିବାର 'ଓଁ' କାର
ଓ ଦାନବ ମାନଙ୍କ ବିନାଶକୁ ଅପେକ୍ଷା କରିଛି।
**ଭୁବନପୁର, ଗଡମଧୁପୁର, ଧର୍ମଶାଳା, ଯାଜପୁର**
**ମୋବାଇଲ୍: ୯୪୩୭୯୫୭୬୧୭**





# ପାଠକ ଈଶ୍ୱର

**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

ରବିବାର ସାହିତ୍ୟ ପୃଷ୍ଠାକୁ ଯଦି କିଛି ଲେଖା ପଠେଇଛନ୍ତି ଆଉ ଭୁଲି ଯାଇଛନ୍ତି, କୌଣସି ଏକ ରବିବାରର ସକାଳୁଆ କଲ୍ ପାଇଲେ ଜାଣିବେ ଲେଖାଟି ବାହାରି ଯାଇଚି। ଆଜ୍ଞା, ଅମୁକରେ ଆପଣଙ୍କ ଲେଖା ବାହାରିଛି। ଭାରି ସୁନ୍ଦର୍ ହେଇଛି। ତୁମ ନିଦ ଭାଙ୍ଗି ନଥିବ କିନ୍ତୁ ବାକି ତକ ନିଦ ଉଡ଼ି ଯିବ। ତୁମେ ଘଣ୍ଟାକୁ ଅନେଇବ, ସାଢ଼େ ଛଟା କି ସାତଟା ହେଇ ଥିବ ଅତି ବେଶୀରେ ଓ ପାଠକ ପଚାରୁ ଥିବେ ଆପଣ ଆଉ କଣ ସବୁ ଲେଖନ୍ତି ଓ ଆପଣଂକ ବହି କୋଉଠି ମିଳିବ। ବେଳେବେଳେ ତୁମ କବିତାରେ ଥିବା ଜୀବନ ଦର୍ଶନ (ଯାହା ତୁମେ ବି ଜାଣି ନ ଥିବ) ର ବ୍ୟାଖ୍ୟା ସେ ଆରମ୍ଭ କରି ଦେବେ ଓ ତୁମକୁ ସେତେବେଳେ ଜୋର୍ ରେ ପାଇଖାନା ଲାଗିବ। ତୁମେ ଆଜ୍ଞା, ହଁ, ଧନ୍ୟବାଦ କହି ରକ୍ଷା ପାଇ ଯିବ। ତା ପରେ ଆଉ କେବେ କେବେ ସେ ଫୋନ୍ କରି ତୁମର ଲେଖକୀୟ କର୍ତ୍ତବ୍ୟ ବିଷୟରେ ସଚେତନ କରାଇବେ। ତୁମେ ଖୁସି ହେବ ଯେ ଏପରି ପାଠକ ତୁମର ଅଛନ୍ତି। ତେବେ ଅସୁବିଧା କେଉଁଠି ?

ଅସୁବିଧା ହେଲା ପ୍ରକୃତ ଓ ଅପ୍ରକୃତ ପାଠକ। ଅପ୍ରକୃତ ପାଠକର ତୁମ ଲେଖାଲେଖି ରେ କିଛି ମତଲବ ନଥାଏ। ସେ ଯେ ଜଣେ ସଚେତନ ପାଠକ, ବାସ୍ ଏତିକି ଜଣାଇବା ତାଙ୍କ କାମ।ତାଙ୍କର ମାନସିକତା ମୁଁ ସତରେ ବୁଝି ପାରେନି। ଜଣେ ପାଠକ ଥରେ ମୋର କୌଣସି ଏକ ଲେଖା ପଢ଼ି ମତାମତ ଦିଅନ୍ତି। ତା ପରେ ତାଙ୍କର ବିଭିନ୍ନ ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ରମ ଗୁଡ଼ିକ ୱାଟସ୍ ଆପ୍ ରେ ମତେ ପଠେଇ ଚାଲି ଥାଆନ୍ତି। ତାଙ୍କୁ ଫରକ୍ ହିଁ ପଡ଼େନି କି ମୁଁ ଦେଖୁଚି କି ନାହିଁ। ଏହା ମଧ ନିଜସ୍ୱ ବିଜ୍ଞାପନର ପ୍ରଦର୍ଶନ।

ଏପରି ଅନୁଭୂତି ସମସ୍ତଙ୍କର ଥିବ। ପ୍ରତ୍ୟେକ ଲେଖକ ଚାହେଁ ପାଠକୀୟ ସ୍ୱୀକୃତି। ପାଠକର ମତାମତ ହିଁ ଶ୍ରେଷ୍ଠ ବିଚାର। ସାମାଜିକ ଗଣ ମାଧମରେ ତ କେବଳ ମିଛ ପ୍ରଶଂସା ହିଁ ମିଳେ। ତେଣୁ ସଚେତନ ପାଠକର ମତାମତ ଜାଣିବାକୁ ଫୋନ ନମ୍ବର ଦିଆ ଯାଇଥାଏ। ମାତ୍ର ଦୁଇ ପ୍ରତିଶତ ପାଠକ ହିଁ ପ୍ରକୃତ ପାଠକ। ବାକି ସବୁ କଲ୍ ଏମିତି ହିଁ ଆସେ। ଏସବୁ ଆମ ଫୋଟୋ ଦେବା ଦ୍ୱାରା ହେଉଛି କି, ଥରେ ଭାବିଲି। ଗୋଟିଏ ପେପର୍କୁ ଫୋଟୋ ଦେଇ ନଥାଏ। ଜଣେ ପାଠକ ହ୍ୱାଟସ୍ ଆପରେ କବିତାର ପ୍ରଶଂସା କଲେ। ଧନ୍ୟବାଦ ଦେଲି। ତାଙ୍କ ନମ୍ବର ସେଭ୍ ନାହିଁ, ତେଣୁ ମୋ ଫୋଟୋ ସେ ଦେଖି ପାରୁ ନଥାନ୍ତି। ବଡ଼ କାକୁତି ମିନତି ହୋଇ ମୋ ଫୋଟୋ ମାଗିଲେ। ମୋର ଜଣେ ବୟସ୍କା ମାଉସୀଙ୍କ ଫୋଟୋ ଦେଇ ଦେଲି। ସେବେଠାରୁ ଆଉ ମେସେଜ ନାହିଁ। ତେବେ ସେ କଣ ଆଶା କରୁଥିଲେ ଏଯାଏଁ ସନ୍ଦେହ ଘେରରେ। କିଛି ଦିନ ତଳେ ଜଣେ ମହିଳା ଫୋନ୍କରି କହିଲେ ମୁଁ ଆପଣଙ୍କର ଜଣେ ପ୍ରସଂଶିକା। ଇଏ ତ ଆଶ୍ଚର୍ଯ୍ୟ କଲା ଭଳି ଖବର ଟିଏ। ସେ ମୋ ବହି ମୃଗତୃଷ୍ଣା ପଢ଼ି ଅତ୍ୟନ୍ତ ପ୍ରୀତ। କେମିତି ଚାକିରି ସହ, ପରିବାର ସହ ଏତେ କଥା ଲେଖି ପାରୁଚି ଆଦି କହି ସେ ମତେ ଭାବ ବିହ୍ୱଳ କରି ଦେଲେ। ମୁଁ କହିଲି ଆପଣ କିଏ କହୁଥିଲେ କୁହନ୍ତୁ ତ! ସେ କହିଲେ, କ୍ଷମା କରିବେ, ମୁଁ ଏବେ ପରିଚୟ ଦେଇ ପାରିବି ନାହିଁ। ପରେ କେବେ କହିବି। ମୁଁ ବୋକା ପରି ଚାହିଁ ରହିଲି।

ତେବେ ଖୁସି ଲାଗେ ବିଭିନ୍ନ ପ୍ରକାର ଲୋକ ଫୋନ କରନ୍ତି। କେବେ ମାତ୍ର ଥରଟେ ପାଇଁ। କେବେ ବ୍ଲକ କଲା ଯାଏଁ। ବହୁ ବର୍ଷ ତଳେ ବାଲେଶ୍ୱର ର ଦୁଇ ଜଣ କଲେଜ୍ କଲେଜ୍ ପିଲା ମୋ ବହ୍ନି କନ୍ୟା ଉପନ୍ୟାସ ପଢ଼ି ମତେ ଦେଖା କରିବାକୁ ଆସିଥିଲେ। କ୍ଲାସ୍ ମିସ୍ କରି, ଭୀଷଣ ବର୍ଷାରେ ଓଦା ହେଇ। ମୋ ଉପନ୍ୟାସରେ ବର୍ଣ୍ଣିତ ପ୍ରେମ ପରି ତାଙ୍କ ପ୍ରେମ। ଶାଶୁ ଘରେ, ମେଁଚେ ଲୋକ ବାକ ଭିତରେ ମୁଁ ଲାଜରେ ସଢି ଯାଇଥିଲି, ଏ ଲେଖକୀୟ କୃତିକୁ ଅନୁଭବ କରି ପାରି ନଥିଲି ଏତେ। ଆଜି ଯାଏଁ ସେମିତି ପାଠକ ପାଇ ନାହିଁ। ପାଠକ ବି ଜଣେ ମଣିଷ। ସବୁ ମଣିଷର ଅବବୋଧ ଭିନ୍ନ। କିଏ କିପରି ଗ୍ରହଣ କରିବ ଏହା ତା ଉପରେ ନିର୍ଭର କରେ। ଆମ ଲେଖା ଯେ ସମସ୍ତଙ୍କୁ ଭଲ ଲାଗିବ ଏହା ଆଶା କରିବା ମଧ ଭୁଲ୍। କାରଣ ବିଭିନ୍ନ ପାଠକଙ୍କର ରୁଚି ଅଲଗା। ଗ୍ରହଣୀୟତା ମଧ ଅଲଗା। ଥରେ କ୍ୟାନସର ସଚେତନତା ଉପରେ ଏକ ସ୍ତମ୍ଭ ଲେଖିଥିଲି। କିଛି ପାଠକ ତାଙ୍କ ନିଜସ୍ୱ ରୋଗ ବିଷୟରେ ପ୍ରଶ୍ନ କଲେ। କାରଣ ତାଙ୍କର ଧାରଣା ଯେ ମୁଁ ଡାକ୍ତର। ଗବେଷଣା ଭିତ୍ତିକ ଡକ୍ଟର ଓ ଚିକିତ୍ସକ ଭିତରର ତଫାତ୍ ସେମାନେ ବୁଝିବାକୁ ନାରାଜ। ସେ ଯାହା ବି ହେଉ, ଲେଖାର ସାର୍ଥକତା ସେତେବେଳେ ହିଁ ମିଳେ ଯେତେବେଳେ ତାକୁ ପାଠକ ପଢ଼େ।





ପାଠକ ବିନା ଲେଖକର ସ୍ଥିତି ନାହିଁ। ଜଣେ ଲେଖକ ପାଇଁ ପାଠକ ଟିଏ ଈଶ୍ୱର ହିଁ। ପାଠକ ହିଁ ଲେଖାଟିକୁ କାଳଜୟୀ କରେ। ଲେଖକ ମରି ଯାଏ ମାତ୍ର ଚରିତ୍ର ବଞ୍ଚି ରହେ। କାରଣ ଚରିତ୍ର ସହ ଜଡ଼ିତ ହୋଇ ଯାଇଥାଏ ପାଠକର ଭାବାବେଗ। ଏଠାରେ ବିଖ୍ୟାତ ରହସ୍ୟ ଔପନ୍ୟାସିକ ଆର୍ଥର କୋନାନ୍ ଡୟେଲଙ୍କ କଥା ପ୍ରଣିଧାନଯୋଗ୍ୟ। ତାଙ୍କର ବହୁଚର୍ଚ୍ଚିତ ଚରିତ୍ର ସେରଲକ୍ ହୋମସ ଘରେ ଘରେ ପରିଚିତ ଥିଲେ। ଗୋଟିଏ ବହିରେ ସେ ହୋମସ୍ ଙ୍କ ମୃତ୍ୟୁ ଦର୍ଶାଇ ସିରିଜ୍ ଟିର ଅନ୍ତ କରି ଦେଲେ। ବହି ଟି ଯେଉଁ ଦିନ ବଜାର ପ୍ରବଶେ କଲା, ତହିଁ ପରଦିନ ଆର୍ଥରଙ୍କ ଘରେ ଟେକା ପଥର ବୃଷ୍ଟି ହେଲା। ଏହା ଥିଲା ହୋମ୍ସଙ୍କ ପ୍ରତି ପାଠକମାନଙ୍କର ଭଲ ପାଇବା। ଚରିତ୍ରର ମୃତ୍ୟୁଦାତା ଲେଖକ ପାଠକ ପାଇଁ ଖଳନାୟକ ପାଲଟି ଗଲେ। ବାରିଷ୍ଟର ଗୋବିନ୍ଦ ଦାସଙ୍କ କାଳଜୟୀ ଉପନ୍ୟାସ ଅମାବାସ୍ୟାର ଚନ୍ଦ୍ରର କାଉଲ୍ ଚରିତ୍ର ଆଜି ବି ଆଚ୍ଛନ୍ନ କରେ ପାଠକକୁ। ଅନେକ ଉଚ୍ଚାଙ୍ଗ କବିତାକୁ ଆଡେଇ ଦେଇ ପାଠକ ବାଛିଛନ୍ତି ସରଳ କବିତାକୁ। ପାଠକ ହିଁ ତିଆରି କରିଛନ୍ତି ଲେଖକଙ୍କୁ। ଓଡ଼ିଆ ସାହିତ୍ୟର ପାଠକ ସଂଖ୍ୟା ଧିରେ ଧିରେ କମି ଯାଉଥିବାର ଯେଉଁ ଅଭିଯୋଗ ଆସେ ତାହା ବରଂ ମିଛ ପ୍ରମାଣିତ ହୋଇଛି। ବହି ନ ପଢ଼ିଲେ ମଧ ଡିଜିଟାଲ ମାଧ୍ୟମରେ ପାଠକ ସକ୍ରିୟ ଅଛନ୍ତି। ତେବେ ବୃହତ୍ତର ପାଠକ ଗୋଷ୍ଠୀ ତିଆରି କରିବା ବର୍ତ୍ତମାନ ସମୟରେ କାଠିକର ପାଠ। ସବୁ ଲେଖାର ସତ୍ ପାଠକ ଟିଏ ମିଳି ଯାଉ, ସେତିକି ବଡ଼ ଆଶ୍ୱାସନା।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ସୋମବାର ୨ ଜୁନ ୨୦୨୫, ଭୁବନେଶ୍ୱର
Monday 2 June 2025, Bhubaneswar

# ମଣିପୁରରେ ସରକାର ଗଠନ ପ୍ରୟାସ

ମଣିପୁରରେ ପୁଣି ଥରେ ଏକ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାର ଗଠନ ପ୍ରୟାସ ଆରମ୍ଭ ହୋଇଛି। ରାଜ୍ୟରେ ଏବେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲେ ମଧ ବିଧାନସଭାକୁ ଭଙ୍ଗାଯାଇନି। ଏହାକୁ ସସପେଣ୍ଡ ରଖାଯାଇଛି ଏବଂ ସରକାର ଗଠନ ଲାଗି ବାଟ ଖୋଲା ରହିଛି। ରାଜ୍ୟରେ ବିଜେପିର ୨୩ଜଣ ବିଧାୟକ ଏକାଠି ହୋଇ ରାଜ୍ୟପାଳଙ୍କୁ ଭେଟିବା ସହ ସରକାର ଗଡଠନ ଦାବି କରିଛନ୍ତି। ସେମାନଙ୍କ ପଛରେ ୪୪ଜଣ ବିଧାୟକଙ୍କ ସମର୍ଥନ ରହିଛି। ଆଶା କରାଯାଉଛି ଜୁନ ୧୫ ସୁଦ୍ଧା ରାଜ୍ୟରେ ନୂଆ ସରକାର ଗଠିତ ହେବ ଏବଂ ବିଧାନସଭା ସଜୀବ ହେବ। ଉଲ୍ଲେଖ ଯୋଗ୍ୟ ଯେ, ମଣିପୁର ହିଂସା ଆରମ୍ଭ ହେବାର ପ୍ରାୟ ୨୧ ମାସ ପରେ ମୁଖ୍ୟମନ୍ତ୍ରୀ ପଦରୁ ଏନ ବୀରେନ ସିଂହ ଇସ୍ତଫା ଦେଇଥିଲେ। ହିଂସା ନିୟନ୍ତ୍ରଣରେ ବିଫଳତାରୁ ସେ ଇସ୍ତଫା ଦେଇ ନାହାଁନ୍ତି, ରାଜନୈତିକ ବାଧବାଧକତାରେ ପଡ଼ି ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ମଣିପୁର ବିଜେପିରେ ବୀରେନ ସିଂହଙ୍କ ନେତୃତ୍ୱ ବିରୋଧରେ ବିଦ୍ରୋହ ଆରମ୍ଭ ହେବା ପରେ ସେ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି। ନଚେତ କଂଗ୍ରେସ ପକ୍ଷରୁ ପ୍ରସ୍ତାବିତ ଅନାସ୍ଥା ଭୋଟରେ ତାଙ୍କର ପରାଜୟ ସୁନିଶ୍ଚିତ ଥିଲା। ରାଜ୍ୟ ବିଜେପିର ୧୨ ଜଣ ବିଧାୟକ ଦଳୀୟ ହୁଇପକୁ ଅମାନ୍ୟ କରି ଅନାସ୍ଥା ଭୋଟ ବେଳେ ଗୃହରେ ଅନୁପସ୍ଥିତ ରହିବାକୁ ଯୋଜନା କରିଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ବୀରେନ ସିଂହ ଦଳର ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା  ଦେଇଥିଲେ। ନଚେତ ସେ ଅପଦସ୍ତ ହୋଇଥାଆନ୍ତେ। କିଛି ଦିନ ପୂର୍ବରୁ ବୀରେନ ସିଂହ ରାଜ୍ୟବାସୀଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଯାହା ହୋଇଯାଇଛି ତାକୁ ଭୁଲି ଯାଇ ଆଗକୁ ଶାନ୍ତି ଏବଂ ବନ୍ଧୁତ୍ୱର ବାତାବରଣ ମଧ୍ୟରେ ରହିବା ଏବଂ ନୂଆ ମଣିପୁର ଗଢିବା ପାଇଁ ସେ ସବୁ ସମ୍ପ୍ରଦାୟକୁ ଆହ୍ୱାନ କରିଥିଲେ। କହିବା ବାହୁଲ୍ୟ ଯେ, ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍ଥିକ ଦୃଷ୍ଟିରୁ ମଧ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ  ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା



ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ୨୦୨୩ ଏପ୍ରିଲ ୧୪ରେ ମଣିପୁର ହାଇକୋର୍ଟ ମୈତେଇ ସମ୍ପ୍ରଦାୟକୁ ଆଦିବାସୀ ବା ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ସମ୍ପୂର୍ଣ୍ଣ ଅନ୍ଧ ନିଷ୍ପତ୍ତି ଥିଲା। ହାଇକୋର୍ଟଙ୍କ ଏହି ଦାୟିତ୍ୱହୀନ ରାୟ ଯୋଗୁ ଦେଶର ବ୍ୟାପକ କ୍ଷତି ହେଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି।  ର ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି। ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି। ପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି। ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧମରେ ପାଟ୍ରୋଲିଂ କରାଯାଉଛି। ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି। ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ। ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ।  ତେଣୁ ହିଂସା ଓ ଅଶାନ୍ତି ପଛରେ କାହାର ହାତ ରହିଛି ତାହା ସହଜରେ ଅନୁମେୟ। ଏହାକୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରତିଫଳନ। ମଣିପୁର ପରିସ୍ଥିତି ଏବେ କାଶ୍ମୀରକୁ ବଳିଗଲାଣି। ଏଭଳି ପରିସ୍ଥିତିରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜରୁରୀଥିଲା।  ଉଗ୍ରବାଦୀ ଏବଂ ହିଂସା ସୃଷ୍ଟିକାରୀଙ୍କୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। କୁକି ଓ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଭୁଲ ବୁଝାମଣା ଦୂର କରିବାକୁ ଉଦ୍ୟମ କରାଯିବା ଉଚିତ। ରାଷ୍ଟ୍ରପତି ଶାସନ ଜାରି ସତ୍ତ୍ୱେ ବିବଦର ସମାଧାନ ପାଇଁ ରାଜନୈତିକ ସ୍ତରରେ ଉଦ୍ୟମ ଜାରି ରହିବା ଉଚିତ। ମଣିପୁର ହିଂସା ସାରା ଦେଶ ପାଇଁ ଏକ ଶିକ୍ଷା। ଜାତିଗତ ଆଧାରରେ ସଂରକ୍ଷଣ ଏକ ସାମାଜିକ କଳଙ୍କ ଏବଂ ସଭ୍ୟ ସମାଜର ପରିଚାୟକ ନୁହେଁ। ସଂରକ୍ଷଣ ଏକ ଦୁର୍ନୀତି। ଏହା ଦ୍ୱାରା ପ୍ରକୃତ ଯୋଗ୍ୟ ବ୍ୟକ୍ତିମାନେ ଅନ୍ୟାୟର ଶିକାର ହୁଅନ୍ତି। ଅଯୋଗ୍ୟ ବ୍ୟକ୍ତିମାନେ ସେହି ସ୍ଥାନକୁ ଦଖଲ କରନ୍ତି ଯାହାକୁ ଦଖଲ କରିବାର ଯୋଗ୍ୟତା ଥିବା ବ୍ୟକ୍ତିକୁ ସୁଯୋଗରୁ ବଂଚିତ ହେବା ପଡ଼ିଥାଏ। ମଣିପୁର ହିଂସାକୁ ବିଦେଶରେ କିଛି ସଙ୍ଗଠନ ଏବଂ ବୈଦେଶିକ ରାଷ୍ଟ୍ର ସମାଲୋଚନା କରିବା ସହ ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଏହାର କୋ÷ଣସି ଯଥାର୍ଥତା ନାହିଁ। ସେମାନେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ଖେଳାଇବା ଅନୁଚିତ। କିନ୍ତୁ କେବଳ ମଣିପୁରରେ ମୈତେଇ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇଥିବାରୁ ସେମାନେ ଏହାକୁ ନେଇ ଇଦବେଗ ପ୍ରକାଶ କରିଛନ୍ତି। ନିଜକୁ ଧର୍ମନିରପେକ୍ଷ ବୋଲାଉଥିବା ଏହି ୟୁରୋପୀୟ ରାଷ୍ଟ୍ରମାନେ ବାସ୍ତବରେ ହିଂସାକାଣ୍ଡକୁ ବିରୋଧ କରୁ ନାହାଁନ୍ତି, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ସୁରକ୍ଷା ଏବଂ ସମର୍ଥନ କରୁଛନ୍ତି। ମଣିପୁରରେ ଏବେ ଶାନ୍ତି ଏବଂ ସ୍ଥିରତାର ଆବଶ୍ୟକତା ରହିଛି। ଏଥିପାଇଁ ସରକାର ଗଠନ ନିମନ୍ତେ ତରବର ହେବାର ଆବଶ୍ୟକତା ନାହିଁ।

# ଗୁରୁତ୍ୱହୀନ ହୋଇଯାଉଛି ସମ୍ବେଦନଶୀଳ ପ୍ରସଙ୍ଗ



**ଗୋପାଳ ମହାପାତ୍ର**

ବହୁ ବର୍ଷ ତଳର ଏକ ହିନ୍ଦୀ ସିନେମା "ମଦର ଇଣ୍ଡିଆ"ରେ ଏକ ମନଛୁଆଁ ଗୀତଥିଲା। ଗୀତଟି ହେଉଛି "ଦୁନିଆ ମେଁ ହମ୍‌ଆୟେ ତେ ଜୀନା ହି ପଡ଼େଗା, ଜୀବନ ହେ ଅଗର ଜହର ତୋ ପିନା ହି ପଡେଗା"। ଏହି ଦୁଇଧାଡି ଗୀତ ଆଜିର ସମୟରେ ଭାରତବାସୀଙ୍କ କ୍ଷେତ୍ରରେ ଶତ ପ୍ରତିଶତ ପ୍ରଜୁଜ୍ୟ। ଦୀର୍ଘଦିନର ପରାଧିନତା ପରେ ଆମକୁ ସ୍ୱାଧିନତା ମିଳିଥିଲା ଏବଂ ଏବେ ସ୍ୱାଧିନତାର ଅମୃତ ମହୋତ୍ସବ ପାଳନ କରାଯାଇଛି। କିନ୍ତୁ ଜୀବନରେ ଜହର (ଦୁରାବସ୍ଥା) କମିବା କରିବର୍ତ୍ତେ ବଢ଼ିବାରେ ଲାଗିଛି। ଦାରିଦ୍ର୍ୟ ଏକ ଅଭିଶାପ ବୋଲି କହିଦେବା ଅତି ସହଜ। କିନ୍ତୁ ଏହାର ଦୁରୀକରଣ ସ୍ୱାଧିନତାର ୭୮ ବର୍ଷ ପରେ ବି ସମ୍ଭବ ହେଉନାହିଁ। ପ୍ରକୃତ ପକ୍ଷେ ଦାରିଦ୍ର୍ୟ ଏକ ମାନବନିର୍ମିତ ସଙ୍କଟ। ମାନବ ସଭ୍ୟତାର ପ୍ରାରମ୍ଭିକ ସମୟରେ "ସର୍ଭାଇଭାଲ ଅଫ ଦି ଫିଟେଷ୍ଟ ଅର୍ଥାତ୍ ଯିଏ ସର୍ବାଧିକ ଯୋଗ୍ୟ ସେହିଁ ବଢ଼ିଚାଲିବ" ଧାରଣାଥିଲା । ଭାରତର ଆଦି ସଂସ୍କୃତିରେ ଏହି କଥାକୁ ଭିନ୍ନ ପ୍ରକାରରେ କୁହାଗଲା ଯେ "ଦୈବୋ ଦୁର୍ବଳଘାତକ" ଅର୍ଥାତ୍ ଭଗବାନ ମଧ ଦୁର୍ବଳର ସହାୟତା କରନ୍ତି ନାହିଁ। ଆଜିର ସମୟରେ ଏଭଳି ବାକ୍ୟ ବା କଥା କୁ ସ୍ୱୀକାର କରିବା ପାଇଁ ଆମେବାଧ୍ୟ ବିଶେଷ ଭାବେ ଭାରତ ବା ଆମ ଦେଶର ସନ୍ଦର୍ଭରେ ଏଭଳି ବାକ୍ୟର ମୂଲ୍ୟ ଅନେକ। ଦେଶ ସ୍ୱାଧିନ ହେବା ପରେ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ଚାଲିଲା ଓ ଲୋକକଲ୍ୟାଣକାରୀ ଅନେକ ଯୋଜନା ପ୍ରଣୟନ କରାଗଲା । ଯଦି ସେହି ସବୁ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଇଥାନ୍ତା ତେବେ ଦେଶର ଲୋକଙ୍କର ଆଜିର ଅବସ୍ଥା ନଥାନ୍ତା। କେହି ନିଜ ଭାଗ୍ୟକୁ ଦାରିଦ୍ର୍ୟ ପାଇଁ ଦୋଷ ଦେଉନଥାନ୍ତେ କିମ୍ବା ପୁର୍ବ ଜନ୍ମର କର୍ମର ଫଳ ଭାବି ଦାରିଦ୍ର୍ୟକୁ ଅଭିଶାପ ବୋଲି କହୁନଥାନ୍ତେ। ଏବେ ସରକାର ଦେଶର ୮୦ କୋଟିରୁ ଅଧିକ ଲୋକଙ୍କୁ ମାସିକ ମୁଣ୍ଡପିଛା ୫ କେଜି ଖାଦ୍ୟଶଷ୍ୟ (ଚାଉଳ/ଗହମ) ଦେଉଛନ୍ତି। କେହି କେବେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି କି ଏହି ମାଗଣା ଖାଦ୍ୟଷଶ୍ୟ ଯୋଗାଣ ଯୋଜନା ଆଉ କେତେବର୍ଷର୍ ଚାଲିବ? କେବେ ଅବସ୍ଥା ବଦଳିବ ଓ ସମସ୍ତଙ୍କୁ କାମ ମିଳିବ ଯାହା ଫଳରେ ଆତ୍ମସମ୍ମାନର ସହ ସେମାନେ ନିଜର ଖାଦ୍ୟର ଅଭାବକୁ ଦୁର କରିପାରିବେ।

ଦୁର୍ଭାଗ୍ୟର କଥା ହୋଉଛି ଏହି ବୁନିଆଦି ପ୍ରସଙ୍ଗକୁ ନେଇ କେହି କେବେ ଚର୍ଚ୍ଚା କରୁନାହାନ୍ତି। କିନ୍ତୁ  ଚର୍ଚ୍ଚା ହେଉଛି ପ୍ରଧାନମନ୍ତ୍ରୀ ମୋଦୀ ମହାମାନବ, ଅବତାରୀ ଅଟନ୍ତି। ଏଭଳି ନ୍ୟାରେଟିଭ ବା ମନଗଢ଼ା କାହାଣୀର ପ୍ରଚାରରେ ବୁନିଆଦି ପ୍ରସଙ୍ଗ ବାବଦରେ ଚର୍ଚ୍ଚା କଣଠେସା ହୋଇଯାଉଛି। ବିଜେପି ସାଂସଦ କଙ୍ଗନା ରାଣାବତ ପ୍ରଧାନମନ୍ତ୍ରୀଙ୍କୁ ଅବତାରୀ ବୋଲି କହିଥିଲେ। କଙ୍ଗନା ଯେ ଏକଥା ପ୍ରଥମ ଥର ବା ଏକା କହିଛନ୍ତି ତାହା ମଧ ନୁହେଁ। ଏଭଳି କଥାର ଅନେକ ଉଦାହରଣ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରାତଃ ସ୍ମରଣୀୟ କରାଇବା ପାଇଁ ସବୁ ବ୍ୟବସ୍ଥା କରାଯାଉଛି। ଏଭଳି  ପ୍ରଶସ୍ତି ଗାନରେ କୌଣସି ମଣିଷ ଭଗବାନ ବା ଇଶ୍ୱରଙ୍କ ଅବତାର ହୋଇ ପାରିବ ନାହିଁ। ଯେହେତୁ ପ୍ରଧାନମନ୍ତ୍ରୀ ଆସନରେ ନରେନ୍ଦ୍ର ମୋଦୀ ବସିଛନ୍ତି ତେଣୁ ତାଙ୍କୁ ପ୍ରଶ୍ନ କରାଯିବା ଉଚିତ୍ ତାଙ୍କ ଶାସନ କାଳରେ ଲୋକଙ୍କ କଷ୍ଟ ଦୂର କରିବା ପାଇଁ ସେ କ'ଣ କରୁଛନ୍ତି? କିନ୍ତୁ ଏଭଳି ପଶ୍ନ ଯେଉଁମାନେ କରିବା କଥା ସେମାନେ ପ୍ରଶ୍ନ କରିବା ପରିବର୍ତ୍ତେ ପ୍ରଶସ୍ତିଗାନ କରୁଛନ୍ତି। ଯେଉଁମାନେ ପ୍ରଶ୍ନ କରୁଛନ୍ତି ସେମାନଙ୍କୁ ଦେଶଦ୍ରୋହୀ କୁହାଯାଉଛି। ଏବେ ଦେଶରେ କେବଳ ହିନ୍ଦୁ-ମୁସଲିମ ପ୍ରସଙ୍ଗ ଜୋର ଧରିଛି। ଏଭଳି କଥା ସବୁ ପ୍ରଚାର କରାଯାଉଛି ଯେଉଁ କଥା ସହ ସାଧାରଣ ଲୋକଙ୍କର କୌଣସି ନେଣଦେଣ ନାହିଁ। ଗତବର୍ଷ ମୁକେଶ ଆମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ବିବାହ ଉତ୍ସବକୁ ଗଣମାଧମ ବିଶେଷକରି ଟିଭି ଚ୍ୟାନେଲ ଅନେକ ଦିନ ପର୍ଯ୍ୟନ୍ତ ପ୍ରଚାର ପ୍ରସାର କଲେ। ଏଇ କିଛିମାସ ତଳେ ଅନନ୍ତ ଅମ୍ବାନୀଙ୍କ ନିଜସ୍ୱ ଜଙ୍ଗଲ ବନତାର ମଧ ଖବରର ମୁଖ୍ୟ ପ୍ରସଙ୍ଗ ହୋଇଥିଲା। କିନ୍ତୁ କେହି କେବେ ପ୍ରଶ୍ନ କରିଛି କି ଜଣେ ବ୍ୟକ୍ତିକୁ ଜଙ୍ଗଲ ନିର୍ମାଣ କରିବା ଓ ଜଙ୍ଗଲୀ ପଶୁପକ୍ଷୀକୁ ପାଳନ କରିବା ପାଇଁ କିଏ ଆଉ କେମିତି ଅନୁମତି ଦେଲା? ଏବେ ଅନନ୍ତ ଅମ୍ବାନୀଙ୍କ ପଦଯାତ୍ରା କୁ ଗଣମାଧମ ପ୍ରସାର କରୁଛି।

ଜଣେ ବ୍ୟକ୍ତି ବ୍ୟକ୍ତିଗତ ଉଦେଶ୍ୟ ନେଇ କରୁଥିବା ପଦଯାତ୍ରାରୁ ଲୋକଙ୍କୁ ମିଳିବ କ'ଣ? କିନ୍ତୁ ସାମ୍ବାଦିକତା ନାମରେ ଚାଟୁକାର ମଣ୍ଡଳୀ ଏଭଳି ଖବରକୁ ଅଧିକ ପ୍ରଚାର ପ୍ରସାର କରୁଛନ୍ତି। ଏସବୁ ଠିକ୍ କିନ୍ତୁ ଏଇ ଦେଶରେ ଅନେକ ଘଟଣା ଘଟୁଛି ଯୋଉଁଥିରୁ ସମାଜକୁ କିଛି ଶିକ୍ଷା ମିଳନ୍ତା କିନ୍ତୁ ସେସବୁକୁ ଅଣଦେଖା  କରାଯାଉଛି। ଏବେର ଏକ ଘଟଣାକୁ ଏଠାରେ ଉତ୍‌ଥାପନ କରିବାର ଆବଶ୍ୟକରା ରହିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାପରେ ଭାରତୀୟ ସେନା ପକ୍ଷରୁ ଅପରେସନ ସିନ୍ଦୁର କରାଯାଇଥିଲା।  ଅପରେସନ ସିନ୍ଦୁରର ସଫଳତା କଥାକୁ ନେଇ ଭାରତବାସୀ ଆନନ୍ଦିତ ହେଉଥିବା ବେଳେ ହଠାତ୍ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧ ବିରତି ଘୋଷଣା କଲେ ଓ ଟ୍ରମ୍ପ ତାଙ୍କ ବକ୍ତବ୍ୟରେ ଯାହା କହିଲେ ସେଥିରୁ ସ୍ପଷ୍ଟ ଯେ କାଶ୍ମୀର ପ୍ରସଙ୍ଗ ଏବେ ଆନ୍ତର୍ଯାତୀୟ ପ୍ରସଙ୍ଗ ପାଲଟିବାକୁ ଯାଇଛି। ସିନ୍ଦୁର ଅପରେସନରେ ଭାରତ ପାଖରେ ସୁଯୋଗଥିଲା ପାକ୍ ଅଧିକୃତ କାଶ୍ମୀରକୁ ଛଡାଇ ଆଣିବାପାଇଁ ଏପରିକି ୧୯୭୧ ସମୟର ବଙ୍ଗଳାଦେଶ ବିଭାଜନ ବା ସୃଷ୍ଟି ଭଳି ବେଲୁଚିସ୍ଥାନକୁ ପାକିସ୍ଥାନରୁ ଅଲଗା କରିବା ପାଇଁ କିନ୍ତୁ ସେନାକୁ ସେଭଳି କରିବାକୁ ଦିଆଯିବା ପରିବର୍ତ୍ତେର୍ ମୋଦୀ ସରକାର ଟ୍ରମ୍ପଙ୍କ କଥାକୁ ମାନିନେଲେ କାହିଁକି? ଏପ୍ରସଙ୍ଗରେ ମଧ ବିରୋଧିଦଳର କିଛି ନେତାଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏପରିକି ଗଣମାଧମ ମଧ ଚୁପ୍।

ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରୁଛି। ସେ ଖବର ଆମେ ଜାଣୁଛେ କିନ୍ତୁ ଦୃଦୟଙ୍ଗମ କରିପାରୁନେ କାରଣ ଦୂରରେ ଯାହା ଘଟୁଛି ତାହା ଆମକୁ ପ୍ରଭାବିତ କରିପାରୁନି। କିନ୍ତୁ ମଣିପୁର କ'ଣ ଏତେ ଦୂରରେ? କ'ଣ ବିଲକିସବାନୋ ମଧ ଦୂରରେ ? କ'ଣ ଗରୀବ, ମହିଳା, ଆଦିବାସୀଙ୍କ ଉପରେ ଦୈନନ୍ଦିନ ଯେଉଁ ଆତ୍ୟାଚାର ହେଉଛି ତାହା କ'ଣ ଅନ୍ୟ ଗ୍ରହରେ ଘଟୁଛି ? ସମାଜକୁ ଏଇ ଖବରରୁ ପୀଡ଼ୀ କେଉଁଠି ହେଉଛି ଜଣାପଡୁଛି। ସମାଜ ଯେତେବେଳେ ଏସବୁ ଖବର ଉପରେ ଆଲୋଚନା କରେ ସେତେବେଳେ ତାର ଧାନକୁ ଅନ୍ୟ ଆଡକୁ ଆକର୍ଷିତ କରିବା ପାଇଁ ନୂଆ ପ୍ରସଂଙ୍ଗ ଓ ନୂଆ ନ୍ୟାରେଟିଭ ସୃଷ୍ଟି କରାଯାଉଛି। ପ୍ରକୃତ ଘଟଣାରୁ ଲୋକଙ୍କୁ ଦୁରେଇ ଦେବାରେ ଉଦ୍ୟମ ହେଉଛି। ଭାରତର ସାଧାରଣ ଲୋକ ତ ବଞ୍ଚିଚଛନ୍ତି, କିନ୍ତୁ ବଞ୍ଚିଚ ରହିବା ଜରୁରୀ ଏଏଣୁ ଇଥିପାଇଁ  ବଞ୍ଚିଚରହିଛନ୍ତି। ଏମାନଙ୍କର ବଞ୍ଚିବାର ସମ୍ମାନ, ଖୁସି, ଆରାମ, ସୁରକ୍ଷା କିଛିନାହିଁ। ଏ ହେଉଛି ଆମ ଦେଶର ଅବସ୍ଥା। ଏଣୁ ସବୁ ଶୁଣ ସବୁ ଦେଖ, ତୁଣ୍ଡ ନଖୋଲି ଚୁପ ରହିବା ପାଇଁ ଲୋକ ଏବେ ବାଧ ହେଉଛନ୍ତି।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଜରୁରୀ

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**



ବାୟୁ ଓ ଜଳ ମଣିଷ ଏବଂ ଜୀବଜଗତର ରକ୍ଷା କର୍ତ୍ତା। ଏବେ ଉଭୟ ବାୟୁ ଜଳ ଯୋଗୁଁ ମଣିଷର ଜୀବନ ଯାଉଛି। ଏହାର ମୂଳ କାରଣ ହେଉଛି ଦୂଷିତ ବାୟୁ, ଜଳ ସେବନ। ବାୟୁ ଓ ଜଳରେ ପ୍ରଦୁଷଣର ମାତ୍ରା ଏତେ ବଢ଼ିଯାଇଛି ଯେ, ଏବେ ଏହା ମୃତ୍ୟୁର କାରଣ ହୋଇଛି। ଦି ଲାନସେଟ ପ୍ଲାନେଟାରୀ ହେଲଥ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୧୯ରେ ବାୟୁ ପ୍ରଦୁଷଣ ଯୋଗୁଁ ଭାରତରେ ୧୭ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଛି। ଯାହାକି ଦେଶର ମୋଟ ମୃତ୍ୟୁ ହାରର ୧୮ପ୍ରତିଶତ। ଆହୁରି ମଧ ପ୍ରଦୁଷିତ ବାୟୁ ଯକ୍ଷ୍ମା, ଆଜମା, ହୃଦରୋଗ ପରି କେତେକ ଘାତକ ରୋଗର କାରଣ। ଯାହାଫଳରେ ଲୋକମାନଙ୍କ ଚିକିତ୍ସା ବ୍ୟୟ ଭାର ବଢ଼ିଚାଲିଛି। ଚିକିତ୍ସା ପାଇଁ ଲୋକେ ଘରଦ୍ୱାର, ଜମିବାଡ଼ି, ଆସବାବପତ୍ର ବିକି ନିସ୍ୱ, ଗରିବ, ହୋଇଯାଉଛନ୍ତି। କେବଳ ଏତିକି ନୁହେଁ, ଏହା ମଧ ଦେଶର ଅର୍ଥନୀତି ଉପରେ ବହୁ ମାତ୍ରାରେ ପ୍ରଭାବ ପକାଉଛି। ଏକ ପରିସଂଖ୍ୟାନରୁ ଜଣାଯାଇଛି ବାୟୁ ପ୍ରଦୁଷଣ ଜିଡିପି ୧୪ ପ୍ରତିଶତ କ୍ଷତିର କାରଣ ହୋଇଛି। ଅର୍ଥାତ ୨,୬୦,୦୦୦ କୋଟି ଟଙ୍କାର କ୍ଷତି। ଏବେ ବଡ କ୍ଷତି ସତ୍ୱେ ଜନସାଧାରଣ କିମ୍ବା ସରକାର ବାୟୁ ପ୍ରଦୁଷଣକୁ ଗୁରୁତ୍ୱ ଦେଉନାହାଁନ୍ତି। ସବୁ କିଛି ସରକାରଙ୍କ ଉପରେ ଛାଡି ଦେଇ ଜନସାଧାରଣ ନିଜର ଦାୟିତ୍ୱବୋଧ ଭୁଲିଯାଉଥିବା ମନେହୁଏ। ଏକ ଅଧ୍ୟୟନରୁ ଜଣାଯାଇଛି, ବାୟୁ ପ୍ରଦୁଷଣ ହେତୁ ଉତରଭାରତ ଓ କେନ୍ଦ୍ରୀୟ



ଭାରତର ଜିଡିପି ଉପରେ ଏହାର ପ୍ରଭାବ କେନ୍ଦ୍ରୀୟ ରାଜଧାନୀ ଦିଲ୍ଲୀ, ଉତରପ୍ରଦେଶ, ହରିଆନା, ରାଜସ୍ଥାନ, ବିହାର ଏବଂ ପଂଜାବରେ ବାୟୁ ପ୍ରଦୁଷଣର ମାତ୍ରା ସର୍ବାଧିକ ଥିବା କୁହାଯାଇଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ଦେଶର ଜନବହୁଳ ରାଜ୍ୟଗୁଡିକରେ ବାୟୁ ପ୍ରଦୁଷଣର ମାତ୍ରା ଅଧିକ। ଜାତୀୟ ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୁଷଣ ମାତ୍ରା ବୋଧହୁଏ କାହାରିକୁ ଅଛପା ନାହିଁ। ଶୀତ ଋତୁ ଆସିଲେ ଦିଲ୍ଲୀର ବାୟୁ ପ୍ରଦୁଷଣ ମାତ୍ରା ଏବେ ବୃଦ୍ଧି ପାଇଥାଏ ଯେ, ବିଶୁଦ୍ଧ ଅମ୍ଳଜାନ ପାଇଁ ଜନସାଧାରଣ ଛଟପଟ ହୋଇଥାନ୍ତି। ଏଥିରୁ ମୁକ୍ତି ପାଇଁ ଲୋକଙ୍କୁ କୃତ୍ରିମ ଅମ୍ଳଜାନ ସିଲିଣ୍ଡର ବ୍ୟବହାର କରିବାକୁ ପଡିଥାଏ। କେବଳ ଉତର ଭାରତ ନୁହେଁ, ଦକ୍ଷିଣ ଭାରତ ଓ ପୂର୍ବ ଭାରତରେ ବାୟୁ ପ୍ରଦୁଷଣ ସ୍ତର ମଧ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଥିବା ଆଇଆଇଟି ଦିଲ୍ଲୀ ଏବଂ କେନ୍ଦ୍ରୀୟ  ପ୍ରଦୁଷଣ ବୋର୍ଡ (ସିପିସିବି) କରାଯାଇଥିବା ଏକ ଅଧ୍ୟୟନ ରିପୋର୍ଟରୁ ଜଣାଯାଇଛି। ତେବେ ତୁଳନାତ୍ମକ ଭାବେ ଜାତୀୟ ରାଜଧାନୀ ଦିଲ୍ଲୀରେ ଏବଂ ଏହାର ଆଖପାଖ ଅଂଚଳରେ ବାୟୁ ପ୍ରଦୁଷଣ ମାତ୍ରା ସବୁଠୁ ବିପଦଜନକ ବୋଲି କୁହାଯାଇଛି । ଆମ ରାଜ୍ୟରେ ମଧ ବାୟୁ ପ୍ରଦୁଷଣର ମାତ୍ରା କିଛି କମ୍ ନୁହେଁ। ସମ୍ବଲପୁର, ରାଉରକେଲା, ସୁନ୍ଦରଗଡ, ଅନୁଗୁଳ, ଢେଙ୍କାନାଳ, ଝାରସୁଗୁଡା, କେନ୍ଦୁଝର, ତାଳଚେର, କଟକ ଓ ରାଜଧାନୀ ଭୁବନେଶ୍ୱରରେ ବାୟୁ ପ୍ରଦୁଷଣର ମାତ୍ରା ବଢ଼ି ବଢ଼ି ଚାଲିଛି। ଯଦିଓ ଉଦ୍‌ବେଗଜନକ ସ୍ଥିତିରେ ପହଁଚିନାହିଁ ଭବିଷ୍ୟତରେ ଦିଲ୍ଲୀ ପରି ପ୍ରଦୁଷିତ ହେବା ଆଶଙ୍କାକୁ ଏଡାଇ ଦେଇ ହେଉ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ମହାମାରୀ କୋରୋନାର ପ୍ରଥମ ଲହର କାଳରେ ଦୀର୍ଘ ୬୮ଦିନିଆ ଲକଡାଉନ ଓ ସଟଡାଉନ ଯୋଗୁଁ ବାୟୁପ୍ରଦୁଷଣର ମାତ୍ରା ୫୦ପ୍ରତିଶତ ହ୍ରାସ ପାଇଥିଲା। ପଞ୍ଜାବର ଲୁଧିଆନା ସହରରୁ ହିମାଳୟ ପର୍ବତମାଳା ଦୃଶ୍ୟମାନ ହୋଇଥିଲା। ଆମେ ଯେ କେତେ ଯେ, ବାୟୁ ପ୍ରଦୁଷଣର ଘନତ୍ୱ ମଧ୍ୟରେ ରହିଛୁ, ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ। ତେବେ ଦୀର୍ଘ ୬୮ଦିନ ଧରି ଦେଶରେ ଯାନବାହାନ ଚଳାଚଳ ବନ୍ଦ ଯୋଗୁଁ ବାୟୁ ପ୍ରଦୁଷଣ ମାତ୍ରା ଆଶାତୀତ ଭାବେ ହ୍ରାସ ପାଇଥିଲା। ଏଥିରୁ ଆମକୁ ଏକ ମହାଶିକ୍ଷା ମିଳିଛି। ଏଥିପ୍ରତି ଉଭୟ ଜନସାଧାରଣ ଓ ସରକାର ସଚେତନ ହେବା ଜରୁରୀ। ଏବେ ବାୟୁ ପ୍ରଦୁଷଣ ରୋକିବା ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ଏହା ସତ୍ୟ ଯେ, ମହାମାରୀ କୋରୋନା ଆମକୁ ବହୁ ଶିକ୍ଷା ଦେଇଛି। ଆମେ ଯଦି ପରିବେଶ ଓ ପ୍ରକୃତି ଉପରେ ଅତ୍ୟାଚାର କରି ଚାଲିବା, ତେବେ ଭବିଷ୍ୟତରେ ବାୟୁ ପ୍ରଦୁଷଣ ଯୋଗୁଁ କୋରୋନା ପରି ନୂତନ ରୋଗ ଦେଖାଦେବା କିଛି ବିଚିତ୍ର ନୁହେଁ ତେଣୁ ବାୟୁ ପ୍ରଦୁଷଣ ରୋକିବାକୁ ସମସ୍ତେ ସଂକଳ୍ପ ନେବାର ସମୟ ଏବେ ଆସିଛି।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# କୃଷିକ୍ଷେତ୍ରରେ କୃଷକମାନଙ୍କ ଚିନ୍ତା



**ଡକ୍ଟର ଲକ୍ଷ୍ମଣ ସାହୁ**

ଏବେ ଭାରତରେ ବିକଶିତ କୃଷି ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତ ସରକାର ୨୦୨୫ ମଇ ୨୯ରୁ ଦେଶବ୍ୟାପୀ ସ୍ତରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଏହାର ଏକ ବୃହତ ଉଦ୍ଦେଶ୍ୟ ଅଛି। କେନ୍ଦ୍ର କୃଷି ମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ବିକଶିତ ଭାରତ ମିଶନ ଅଧୀନରେ ଚାଷୀମାନଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଚାଷ, ଉନ୍ନତ ବିହନ କିସମ ଓ ଏକୋ ଆଧୁନିକ କୌଶଳ ସହିତ ଯୋଡ଼ିବା ପାଇଁ। ଏହା ଉଲ୍ଲେଖନୀୟ ଯେ ଏହାର ଲକ୍ଷ୍ୟ ଦେଶର ୭୨୩  ଜିଲ୍ଲାର ୧.୫  କୋଟି ଚାଷୀଙ୍କ ନିକଟରେ ପହଞ୍ଚିବା ଆଶା କରାଯାଉଛି। ଏହା ଅଧୀନରେ ୬୫,୦୦୦ ଗାଁକୁ ବୈଜ୍ଞାନିକମାନଙ୍କ ଦଳ ପ୍ରତିଦିନ ତିନୋଟି ବୈଠକ ମାଧ୍ୟମରେ ଚାଷୀଙ୍କ ସହିତ ସିଧାସଳଖ ଯୋଗାଯୋଗ କରିବେ।

ଏହି ଅଭିଯାନର ପୃଷ୍ଠଭୂମିରେ ଭାରତର କୃଷି ଉତ୍ପାଦନ ଗଠନ ଓ ନୀତି ପ୍ରାଥମିକତା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ୨୦୨୩-୨୪ ବର୍ଷରେ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ୧,୫୫୭ ଲକ୍ଷ ଟନ୍ ଥିଲା, ଯେତେବେଳେ ୨୦୨୪-୨୫ ବର୍ଷ ପାଇଁ ଏହା ୧,୬୬୪ ଲକ୍ଷ ଟନ୍ ହେବ ବୋଲି ଆକଳନ କରାଯାଇଛି। ଏହା ପ୍ରାୟ ୬.୯ ପ୍ରତିଶତ ବୃଦ୍ଧିକୁ ସୂଚିତ କରେ। କିନ୍ତୁ ଏହି ସଫଳତା ସେତେବେଳେ ଅର୍ଥପୂର୍ଣ୍ଣ ହେବ ଯେତେବେଳେ ଚାଷୀମାନେ ବୈଷୟିକ କ୍ଷେତ୍ରରେ ଦୃଢ଼ ଓ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହୋଇ ପାରିବେ। ଭାରତରେ ଜନସଂଖ୍ୟାର ତୁଳନାରେ ପ୍ରାୟତଃ ୪୬.୫ ପ୍ରତିଶତ ଲୋକ କୃଷିରୁ ଜୀବିକା ନିର୍ବାହ କରନ୍ତି। ୨୦୨୩-୨୪ ବର୍ଷରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଜିଡିପି ( GDP) ର ଅବଦାନ ୧୮.୩ ପ୍ରତିଶତ ଥିଲା। ଏହି ପରିସଂଖ୍ୟାନଗୁଡ଼ିକରୁ ଏହା ସ୍ପଷ୍ଟ ଯେ କୃଷି ସଂସ୍କାର କେବଳ ଉତ୍ପାଦନ ବୃଦ୍ଧି କରିବାର ଯୋଜନା ନୁହେଁ, ବରଂ ଜାତୀୟ ଅର୍ଥନୀତିକୁ ସ୍ଥିରତା ଦେବା ଓ ଗ୍ରାମୀଣ ଭାରତକୁ ସଶକ୍ତ କରିବା ପାଇଁ ଏକ ଅତ୍ୟାବଶ୍ୟକୀୟ ଆଧାର। ଏହି ଅଭିଯାନ  ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ପାଇଁ ଏହା ଏକ ସାମୂହିକ ପ୍ରୟାସ କୁହାଯାଇପାରେ।

ଭାରତର କୃଷି ଉତ୍ପାଦକତା ଉପରେ ଜଳବାୟୁ ପରିବର୍ତ୍ତନ ସିଧାସଳଖ ପ୍ରଭାବ ପକାଉଛି। ଭାରତୀୟ କୃଷି ଗବେଷଣା ପରିଷଦର ରିପୋର୍ଟ (୨୦୨୨) ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ୨୦୩୦ ସୁଦ୍ଧା ଗହମ ଉତ୍ପାଦନ ଛଅରୁ ଦଶ ପ୍ରତିଶତ ହ୍ରାସ ପାଇବାର ସମ୍ଭାବନା ରହିଛି। ଏପରି ପରିସ୍ଥିତିରେ ବିକଶିତ କୃଷି ସଂକଳ୍ପ ଅଭିଯାନର ପ୍ରାସଙ୍ଗିକତା ଆହୁରି ବୃଦ୍ଧି ପାଏ। କାରଣ ଏହା ଜଳ ସଂରକ୍ଷଣ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଫସଲ ବିବିଧତା ଓ ଆଧୁନିକ ଯନ୍ତ୍ରପାତି ବ୍ୟବହାର ଦିଗରେ ଚାଷୀମାନଙ୍କୁ ତାଲିମ ଦେବା ପାଇଁ କାର୍ଯ୍ୟ କରିବ। ଭାରତରେ ଏବେ ବି ପ୍ରାୟ ୫୦ ପ୍ରତିଶତ କୃଷି ବର୍ଷା ଉପରେ ନିର୍ଭରଶୀଳ ରହିଛି। କେବଳ ମାତ୍ର ୪୯.୬  ପ୍ରତିଶତ ଜମି ଜଳସେଚିତ ହୋଇଛି। ଏସବୁ ବାସ୍ତବତାକୁ ଦୃଷ୍ଟିରେ ରଖି, ଜଳସେଚନ ପରିବର୍ତ୍ତନ ଓ ଜଳ ପରିଚାଳନା କୌଶଳର ପ୍ରୋତ୍ସାହନ ଅତ୍ୟନ୍ତ ଜରୁରୀ ହୋଇପଡ଼େ। ବିକଶିତ କୃଷି ସଂକଳ୍ପ ଅଭିଯାନ ଅଧୀନରେ ଏସମସ୍ତ ବିଷୟ ଉପରେ ଚାଷୀମାନଙ୍କୁ ବ୍ୟବହାରିକ ତାଲିମ ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହା କେବଳ ଏକ ସଚେତନତା ପ୍ରୟାସ ନୁହେଁ, ବରଂ କୃଷି ଚିନ୍ତାଧାରାକୁ ବିଜ୍ଞାନ ଓ ନୀତି ସହିତ ସମନ୍ୱିତ କରିବା ପାଇଁ ଏକ ପର୍ଯ୍ୟାୟବଦ୍ଧ କାର୍ଯ୍ୟକ୍ରମ। ତେଣୁ ଏହି ଅଭିଯାନ କୃଷିକୁ ପରିବେଶଗତ ଅନୁକୂଳନ ଓ ସମ୍ବଳ ଦକ୍ଷତା ପଥରେ ଆଗେଇ ନେବାର ଏକ ମାଧ୍ୟମ ହୋଇପାରିବ।

ଭାରତରେ ପ୍ରାୟ ୮୫ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନଙ୍କର ଦୁଇ ହେକ୍ଟରରୁ କମ୍ ଜମି ଅଛି। ଏହି ଚାଷୀମାନଙ୍କର ପୁଞ୍ଜି, ପ୍ରଯୁକ୍ତିବିଦ୍ୟା ଓ ବଜାରରେ ସୀମିତ ପ୍ରବେଶ ଅଛି। ୨୦୨୨-୨୩ ବର୍ଷରେ ଜଣେ ଭାରତୀୟ ଚାଷୀଙ୍କ ହାରାହାରି ମାସିକ ଆୟ ମାତ୍ର ୧୦,୨୧୮ ଟଙ୍କା ଥିଲା। ଯେଉଁଥିରେ କୃଷି ଉତ୍ପାଦରୁ ଆୟର ଅଂଶ ମାତ୍ର ୩୭ ପ୍ରତିଶତ ଥିଲା। ଏହା ଏକ ସ୍ପଷ୍ଟ ସୂଚକ ଯେ କୃଷି ଏବେ ବି କୃଷକମାନଙ୍କ ପାଇଁ ଯଥେଷ୍ଟ ନୁହେଁ।ଏପରିକି ରୋଜଗାରର ଏକ ଉତ୍ସ ହୋଇପାରିଲା ନାହିଁ। ଏହି ପରିସ୍ଥିତିକୁ ପରିବର୍ତ୍ତନ



କରିବା ପାଇଁ ନୀତିଗୁଡ଼ିକ ଉତ୍ପାଦନ-କୈନ୍ଦ୍ରିକ ହେବା ପରିବର୍ତ୍ତେ ଲାଭ-କୈନ୍ଦ୍ରିକ ହେବା ଆବଶ୍ୟକ। ବିକାଶିତ କୃଷି ସଂକଳ୍ପ ଅଭିଯାନ ଏହି ଦିଗରେ ଏକ ପ୍ରୟାସ ଯାହା ଚାଷୀମାନଙ୍କୁ ଫସଲ ବିବିଧତା, ମୂଲ୍ୟ ବୃଦ୍ଧି, ପ୍ରକ୍ରିୟାକରଣ ୟୁନିଟ୍ ଓ ବଜାର ଉପଲବ୍ଧତା ବିଷୟରେ ସୂଚନା ପ୍ରଦାନ କରିଥାଏ।

ତେଣୁ ସିଧାସଳଖ ପ୍ରବେଶ ପାଇବା ସହାୟକ ହୋଇପାରେ। ଯଦି ଏହି ଅଭିଯାନ ମାଧ୍ୟମରେ ଚାଷୀମାନେ କୃଷି ଯନ୍ତ୍ରପାତି, ବିହନ, ମୃତ୍ତିକା ପରୀକ୍ଷା ଓ ଡିଜିଟାଇଜେସନ୍ ଭଳି ଉପାଦାନଗୁଡ଼ିକର ସୁବିଧା ପାଇପାରିବେ, ତେବେ ଯଦି ସେମାନେ ଏହା ସହିତ ସଂଯୋଗ କରିପାରିବେ। ତେବେ ସେମାନଙ୍କର ଉତ୍ପାଦନ ଖର୍ଚ୍ଚ ହ୍ରାସ ଓ ନିଟ୍ ଆୟ ବୃଦ୍ଧି ସୁନିଶ୍ଚିତ ହୋଇପାରିବ।

ଗତ କିଛି ବର୍ଷ ମଧ୍ୟରେ କୃଷିର ଆଧୁନିକୀକରଣ ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି। ଭାରତ ସରକାର  ଯେପରିକି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା, ଡିଜିଟାଲ ଚାଷୀ ପଞ୍ଜୀକରଣ ଇତ୍ୟାଦି। ବିକଶିତ କୃଷି ସଂକଳ୍ପ ଅଭିଯାନ ଏହି ଯୋଜନାଗୁଡ଼ିକୁ ଶେଷ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ଓ ସେମାନଙ୍କର କାର୍ଯ୍ୟକାରିତାକୁ ଉତ୍ତମ ଉପାୟରେ ବୁଝାଇବା ପାଇଁ ଏକ ମାଧ୍ୟମ ହୋଇପାରିବ। ୨୦୨୩ ମସିହା ସୁଦ୍ଧା, ଦେଶର ମାତ୍ର ୨୨ ପ୍ରତିଶତ ଚାଷୀ ଇ- ନାମ ( E-NAM ) ମାଧ୍ୟମରେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ଆଠ ପ୍ରତିଶତ ପ୍ରକୃତ ବିକ୍ରୟ କରିଥିଲେ।

ଏହାର ମୁଖ୍ୟ କାରଣ ହେଉଛି ସଚେତନତାର ଅଭାବ ଓ ସ୍ଥାନୀୟ ସ୍ତରରେ ସୁବିଧାର ଅନୁପଲବ୍ଧତା। ଏହି ଅଭିଯାନ ମାଧ୍ୟମରେ, ଯଦି ବୈଜ୍ଞାନିକ ଓ ପ୍ରଶାସନିକ ଦଳଗୁଡ଼ିକ ଏହି ପ୍ଲାଟଫର୍ମଗୁଡ଼ିକରେ ଚାଷୀମାନଙ୍କୁ ବ୍ୟବହାରିକ ତାଲିମ ପ୍ରଦାନ କରନ୍ତି। ତେବେ ଡିଜିଟାଲ୍ ଅନ୍ତର୍ଭୁକ୍ତି ଗତି ପାଇପାରିବ। ଏହା ସହିତ ଫସଲ ବୀମା ଯୋଜନା ବିଷୟରେ ସୂଚନା, ଜୈବିକ କୃଷିର ଲାଭ ଓ କୃଷି ନିବେଶ ପାଇଁ ଆର୍ଥିକ ରଣନୀତି ଭଳି ବିଷୟଗୁଡ଼ିକରେ ତାଲିମ ପ୍ରଦାନ କରି ଚାଷୀମାନଙ୍କୁ ଦୀର୍ଘକାଳୀନ ଆତ୍ମନିର୍ଭରଶୀଳତା ପାଇଁ ପ୍ରେରିତ କରାଯାଇପାରିବ। ଏହି ଅଭିଯାନ କୃଷିକୁ କେବଳ ଜୀବିକା ନିର୍ବାହର ଏକ ମାଧ୍ୟମ ନୁହେଁ ବରଂ ଉଦ୍ୟୋଗର ଏକ କ୍ଷେତ୍ର ମଧ କରିପାରିବ। ଯଦି ପ୍ରତ୍ୟେକ ଗାଁରେ ଜଣେ ଆତ୍ମନିର୍ଭରଶୀଳ ଚାଷୀ ପ୍ରସ୍ତୁତ ହୁଅନ୍ତି , ତେବେ ସେ ନିଜ ସହିତ ଆଉ ଦଶ ଜଣ ଚାଷୀଙ୍କୁ ମାର୍ଗଦର୍ଶନ କରିପାରିବେ। କୃଷିକୁ ଏକ ସ୍ଥାୟୀ, ଲାଭଦାୟକ ଓ ଅନ୍ତର୍ଭୁକ୍ତ କଲେ ହିଁ ଭାରତର ଖାଦ୍ୟ ସୁରକ୍ଷା ନୀତିର ମୂଳଦୁଆ ସ୍ଥିର ରହିପାରିବ। ବର୍ତ୍ତମାନ ଭାରତରେ ବାର୍ଷିକ ମୁଣ୍ଡପିଛା ଶସ୍ୟ ଉପଲବ୍ଧତା ପ୍ରାୟ ୧୭୪ କିଲୋଗ୍ରାମ। ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସୁପାରିଶ କରାଯାଇଥିବା ସର୍ବନିମ୍ନ ଆବଶ୍ୟକତା ୧୮୦ କିଲୋଗ୍ରାମ ଠାରୁ ସାମାନ୍ୟ କମ୍। ଏହା ସତ୍ତ୍ୱେ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ମଧ୍ୟାହ୍ନ ଭୋଜନ ଯୋଜନା ଭଳି ସରକାରୀ ପଦକ୍ଷେପ ଯୋଗୁଁ ଦେଶରେ କ୍ଷୁଧା ସ୍ତର ନିୟନ୍ତ୍ରଣରେ ରହିଛି। କିନ୍ତୁ ଦୀର୍ଘକାଳୀନ ସ୍ଥାୟୀତ୍ୱ ପାଇଁ, କେବଳ ଯୋଜନା ଯଥେଷ୍ଟ ନୁହେଁ; ଉତ୍ପାଦନ ବ୍ୟବସ୍ଥାର ପୁନରୁଦ୍ଧାର ଆବଶ୍ୟକ।

ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା ପ୍ରସାର କରେ ଯେ ବର୍ତ୍ତମାନ ପାରମ୍ପରିକ ଉତ୍ପାଦନ ପଦ୍ଧତିରେ ଉନ୍ନତି ଆଣିବା ଆବଶ୍ୟକ। ଏହି ଅଭିଯାନ ଚାଷୀମାନଙ୍କୁ ଜୈବିକ ଓ ପ୍ରାକୃତିକ କୃଷି, ସର୍ବନିମ୍ନ ଜଳସେଚନ କୃଷି ଏବଂ କୀଟନାଶକ ମୁକ୍ତ ଉତ୍ପାଦନ ପାଇଁ ମାର୍ଗଦର୍ଶନ କରିବ। ଏହା ସହିତ କୃଷି ବୈଷୟିକ ତାଲିମ ମାଧ୍ୟମରେ ମହିଳା ଓ ଯୁବପିଢ଼ିଙ୍କୁ କୃଷି ପ୍ରତି ଆକର୍ଷିତ କରିବା ଆବଶ୍ୟକ। କୃଷି ମନ୍ତ୍ରଣାଳୟର ୨୦୨୩  ରିପୋର୍ଟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ କୃଷିରେ ଯୁବପିଢ଼ିଙ୍କ ଅଂଶଗ୍ରହଣ ୧୭  ପ୍ରତିଶତ ହ୍ରାସ ପାଇଛି। ଏହି ଧାରା ବନ୍ଦ କରିବା ଜରୁରୀ ଆବଶ୍ୟକ। ବିକାଶ କୃଷି ସଂକଳ୍ପ ଅଭିଯାନ କୃଷିର ସମସ୍ତ ଦିଗକୁ ସ୍ପର୍ଶ କରିଥାଏ। ଯାହା ଏକ ଦୀର୍ଘକାଳୀନ ପରିବର୍ତ୍ତନର ମୂଳଦୁଆ ଗଠନ କରେ। ଅର୍ଥାତ୍, ଉତ୍ପାଦନରୁ ବଜାରକରଣ, ନୀତିରୁ ଅଭ୍ୟାସ ଓ ଗବେଷଣାରୁ ସମାଧାନ ପର୍ଯ୍ୟନ୍ତ। ଏହାର ଲକ୍ଷ୍ୟ କେବଳ କୃଷିକୁ ଉତ୍ପାଦନକ୍ଷମ କରିବା ନୁହେଁ  , ବରଂ ଏହାକୁ ସଂରଚିତ ସ୍ଥାୟୀ ଓ ଲାଭଜନକ କରିବା। ଏହି ଅଭିଯାନ କୃଷକମାନଙ୍କୁ ବୈଜ୍ଞାନିକ, ବ୍ୟବସାୟିକ ଓ ସାମାଜିକ ଦୃଷ୍ଟିକୋଣରୁ ସଶକ୍ତ କରିବା ପାଇଁ ଏକ ରଣନୈତିକ ପ୍ରୟାସ। ଏହାର ସଫଳତା ଗ୍ରାମଗୁଡ଼ିକ ପର୍ଯ୍ୟନ୍ତ କେତେ ଗଭୀର ଭାବରେ ପହଞ୍ଚୁଛି, କୃଷକମାନଙ୍କ କଥା କେତେ ସମ୍ବେଦନଶୀଳ ଭାବରେ ଶୁଣୁଛି ଓ ସ୍ଥାନୀୟ ଆବଶ୍ୟକତାକୁ ବୁଝିବା ଏପରିକି ସମାଧାନ ପ୍ରଦାନ କରିବା ପାଇଁ କେତେ ପ୍ରତିଶ୍ରୁତିବଦ୍ଧ ତାହା ଉପରେ ନିର୍ଭର କରିବ ବୋଲି  ଆଶା କରାଯାଉଛି...!!!

**ତାରା ନିଳୟ, ପ୍ଲଟ: ୮୫୪/ଏ**
**ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା, ମୋବାଇଲ୍: ୯୦୪୦୧୫୧୪୭୫**

**ଦିଦି ତମ ସମୟ ସରିଆସିଲାଣି**

# ୨୦୨୬ରେ ସରକାର ଗଢ଼ିବ ବିଜେପି

## ମୁର୍ଶିଦାବାଦ ରାଜ୍ୟ ପ୍ରାୟୋଜିତ ଦଙ୍ଗା ଥିଲା



**କୋଲକାତା, ୧।୬:** ମମତାଙ୍କ ଗଡ଼ରୁ ଗର୍ଜିଲେ ଶାହ । ଦୁଇ ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମମତା ସରକାର ଉପରେ ଜୋରଦାର ବର୍ଷିଛନ୍ତି । ଆଉ ଏଥର ୨୦୨୬ରେ ପଶ୍ଚିମବଙ୍ଗରୁ ମମତା ସରକାରକୁ ଉପାଡ଼ି ଫିଙ୍ଗିଦେବାକୁ ବିଜେପିର କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି । ଯଦି ପଶ୍ଚିମବଙ୍ଗରେ ଅନୁପ୍ରବେଶ ବନ୍ଦ କରିବାକୁ ଚାହୁଁଛ, ଯଦି ପଶ୍ଚିମବଙ୍ଗରେ ଦୁର୍ନୀତି ବନ୍ଦ କରିବାକୁ ଚାହୁଁଛ ଏବଂ ଯଦି ହିନ୍ଦୁଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ଚାହୁଁଛ ତେବେ ପଶ୍ଚିମବଙ୍ଗରେ ଟିଏମସିର ସରକାର ହଟେଇ ବିଜେପିର ସରକାରକୁ ଆଣିବାକୁ ପଡ଼ିବ ବୋଲି ଦମ୍ଭ ଦେଖାଇଛନ୍ତି ଶାହ । ଦିଦିଙ୍କୁ ସିଧା ନିଶାନା କରି ଶାହ କହିଛନ୍ତି ମାଆ ମାଟି ମାନୁଷର ନାରା ଦେଇ ମମତା ସରକାରକୁ ଆସିଥିଲେ। ହେଲେ ଏବେ ସେହି ମହାନ ମାଟିରେ ହିଂସା, ହତ୍ୟା, ଗୁଣ୍ଡାଗର୍ଦ୍ଦି, ବୋମାମାଡ଼ ହେଉଛି । ମାଆ ଓ ମହିଳାଙ୍କ ଉପରେ ଅତ୍ୟାଚାର ହେଉଛି, ଅନୁପ୍ରବେଶକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ମାଟିରେ ଶତାଧିକ ବିଜେପି କର୍ମୀଙ୍କ ହତ୍ୟା ହୋଇଛି ।

ତେଣୁ ମନେରଖ ଦିଦି ତମ ସମୟ ସରିଆସିଲାଣି, ୨୦୨୬ରେ ବିଜେପି ପଶ୍ଚିମବଙ୍ଗରେ ସରକାର ଗଢୁଛି। ଆଉ ସରକାର ଗଢିବା ପରେ ବିଜେପି କର୍ମୀଙ୍କ ହତ୍ୟାକାରୀଙ୍କୁ ମାଟିରେ ପୋତା ହୋଇଥିଲେ ବି ବାହାରକରି ଦଣ୍ଡ ଦିଆଯିବ। ଏହା ମୋର ପ୍ରତିଶ୍ରୁତି ବୋଲି ଶାହା କହିଛନ୍ତି । ତେବେ ହିଂସାର ପଥ ଆପଣାଉଥିବା ଟିଏମସିକୁ ଚେତାବନୀ ଦେବା ସହ ମମତାଙ୍କୁ ଚାଲେଞ୍ଜ ଦେଇଛନ୍ତି ଶାହ । ଦିଦି ଯଦି ସାହସ ଅଛି ନିର୍ବାଚନ ଲଢି ଦେଖ । ପହଲଗାମ୍ ଆତଙ୍କୀ ହମଲା ପରେ ଅପରେସନ ସିନ୍ଦୂର ହେଲା । ଆତଙ୍କୀଙ୍କ ଆଡ୍ଡା ଧ୍ୱଂସ କରାଗଲା ହେଲେ ସେଘଟଣା ଦିଦିଙ୍କୁ ବାଧିଲା । ମୁଁ ବେଙ୍ଗଲର ମାତୃଶକ୍ତିଙ୍କୁ ଅନୁରୋଧ କରିଛି ଆଗାମୀ ନିର୍ବାଚନରେ ସିନ୍ଦୂରର ଶକ୍ତି ମମତାଙ୍କୁ ବୁଝାଇ ଦିଅନ୍ତୁ। ଦିଦି ଜାଣନ୍ତୁ ସିନ୍ଦୂରର ଅପମାନ କରିବା କେତେ ଭୟଙ୍କର ହୁଏ ବୋଲି । ଏହାସହିତ ଶାହ କହିଛନ୍ତି ଯେ ମୁର୍ଶିଦାବାଦ ଦଙ୍ଗା ପଶ୍ଚିମବଙ୍ଗ ସରକାରଙ୍କ ପ୍ରାୟୋଜିତ ଥିଲା । ମୁର୍ଶିଦାବାଦରେ ଦଙ୍ଗା ହୋଇଥିଲା, ଆମେ ଦଙ୍ଗା ବନ୍ଦ କରିବା ପାଇଁ ବିଏସଏଫ ପଠାଇବାକୁ ମମତାଙ୍କୁ ଅନୁରୋଧ କରିଥିଲୁ, କିନ୍ତୁ ମମତା ରାଜି ହୋଇନଥିଲେ, ହିନ୍ଦୁମାନଙ୍କୁ ନିର୍ଯାତନା ଦିଆଯାଇଥିଲା। ପରେ ବିଏସଏଫ ସେମାନଙ୍କୁ ରକ୍ଷା କରିବାକୁ ଆସିଥିଲା। ମୁର୍ଶିଦାବାଦ ଏକ ରାଜ୍ୟ ପ୍ରାୟୋଜିତ ଦଙ୍ଗା ଥିଲା। ମୋଦି କ'ଣ ୱାକଫ ବିଲ୍ ଆଣି କିଛି ଭୁଲ କରିଛନ୍ତି? ୱାକଫକୁ ବିରୋଧ କରିବା ନାମରେ ମମତା କାହାକୁ ବଞ୍ଚାଉଛନ୍ତି? । ନିର୍ବାଚନରେ ମମତା ବାନାର୍ଜୀ ହିଂସାର ଆଶ୍ରୟ ନେଉଛନ୍ତି ବୋଲି ଅଭିଯୋଗ କରି ଅମିତ ଶାହ କହିଛନ୍ତି ଯେ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ହିଂସା ବିନା ଭୋଟ ଦିଅନ୍ତୁ ଏବଂ ଆପଣ ବାସ୍ତବତା ବୁଝିପାରିବେ। ଶାହ ଦାବି କରିଛନ୍ତି, ବଙ୍ଗଳାରେ ନିର୍ବାଚନ ଏକମାତ୍ର କାରଣ ନୁହେଁ, ବରଂ ସୁରକ୍ଷା ମଧ୍ୟ ଏକ କାରଣ। ବର୍ଷ ବର୍ଷ ଧରି ତାଙ୍କ ଆଶୀର୍ବାଦରେ ବାଂଲାଦେଶରୁ ବହୁ ସଂଖ୍ୟକ ଅନୁପ୍ରବେଶକାରୀ ଭାରତରେ ପ୍ରବେଶ କରୁଛନ୍ତି, ଯାହା ଦ୍ୱାରା ସେମାନଙ୍କର ଭୋଟ ବ୍ୟାଙ୍କ ରାଜନୀତି ଜାରି ରହିଛି, କିନ୍ତୁ ଏହା ଅଧିକ ଦିନ ଚାଲିବ ନାହିଁ।

**ଶାହଙ୍କୁ ଟିଏମସିର କଡ଼ା ଜବାବ**

## ରାଜ୍ୟ ନୁହେଁ, ସୀମା ସୁରକ୍ଷା ଦାୟିତ୍ୱ କେନ୍ଦ୍ରର

**କୋଲକାତା, ୧।୬:** ପଶ୍ଚିମବଙ୍ଗ ସରକାର ଅନୁପ୍ରବେଶକୁ ପ୍ରୋତ୍ସାହିତ କରୁଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଭିଯୋଗ ଉପରେ ତୃଣମୂଳ କଂଗ୍ରେସ (ଟିଏମସି) କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଟିଏମସି କହିଛି ଯେ ସୀମା ସୁରକ୍ଷା ରାଜ୍ୟର ନୁହେଁ, କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ବିଏସଏଫର ଦାୟିତ୍ୱ। ଦୁଇ ଦିନିଆ ବଙ୍ଗଳା ଗସ୍ତରେ ଥିବା ଶାହ ଅଭିଯୋଗ କରିଛନ୍ତି ଯେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାର ବାଂଲାଦେଶରୁ ଅବୈଧ ଅନୁପ୍ରବେଶକୁ ରୋକିବାରେ କେନ୍ଦ୍ରକୁ ସହଯୋଗ କରୁନାହିଁ। ବରିଷ୍ଠ ଟିଏମସି ନେତା ଏବଂ ରାଜ୍ୟ ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ କହିଛନ୍ତି, ସୀମାପାର ଅନୁପ୍ରବେଶକୁ ବନ୍ଦ କରିବା ବିଏସଏଫର ଦାୟିତ୍ୱ। ଟିଏମସି ସୀମାକୁ ସୁରକ୍ଷା ଦେଉନାହିଁ। ଏହା ବିଏସଏଫର କାମ, ଯାହା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରେ। ଯଦି କୌଣସି ସମସ୍ୟା ଥାଏ ତେବେ ଏହାକୁ କେନ୍ଦ୍ର ଦ୍ୱାରା ସମାଧାନ କରାଯିବା ଉଚିତ। ସୀମା ସମସ୍ୟା ପାଇଁ ରାଜ୍ୟ ପ୍ରଶାସନକୁ ଦାୟୀ କରାଯିବା ଉଚିତ୍ ନୁହେଁ। ଭଟ୍ଟାଚାର୍ଯ୍ୟ ଆହୁରି ମଧ୍ୟ କହିଛନ୍ତି, ଯଦି କେହି ଟିଏମସିକୁ ଅନୁପ୍ରବେଶକୁ ଅନୁମତି ଦେବାର ଅଭିଯୋଗ କରନ୍ତି, ତେବେ ମୁଁ କହିବି ଯେ ଏହି ବିପଦକୁ ବନ୍ଦ କରିବା ବିଏସଏଫର ଦାୟିତ୍ୱ। ସ୍ୱରାଷ୍ଟ୍ର ମନ୍ତ୍ରୀ ନିଜେ ନିଶ୍ଚିତ କରିବା ଉଚିତ ଯେ ଦେଶର ସୀମା ସୁରକ୍ଷିତ। ରବିବାର ବଙ୍ଗଳାରେ ଏକ ରାଲିରେ ଶାହ ଅଭିଯୋଗ କରିଥିଲେ ଯେ ମମତାଙ୍କ ଶାସନରେ ରାଜ୍ୟରେ ଅନୁପ୍ରବେଶ, ଦୁର୍ନୀତି ଏବଂ ଆଇନ ଶୃଙ୍ଖଳା ବିଶୃଙ୍ଖଳିତ କେନ୍ଦ୍ର ପାଲଟିଛି। ରାଜ୍ୟ ସରକାର ସୀମାରେ ବାଡ଼ ଦେବା ପାଇଁ ଆବଶ୍ୟକ ଜମି ଜାଣିଶୁଣି ଅଟକାଇଥିବା ମଧ୍ୟ ଅଭିଯୋଗ କରିଥିଲେ। ଏହାର ପ୍ରତିକ୍ରିୟାରେ ଭଟ୍ଟାଚାର୍ଯ୍ୟ କହିଛନ୍ତି, ରାଜ୍ୟ ବାଡ଼ ଦେବା କାର୍ଯ୍ୟକୁ ଅବରୋଧ କରିନାହିଁ। ଜମି ଅଧିଗ୍ରହଣ ଏକ ପ୍ରକ୍ରିୟାଗତ ମାମଲା ଏବଂ ଏହାକୁ ରାଜନୀତିକରଣ କରାଯିବା ଉଚିତ୍ ନୁହେଁ। ଟିଏମସି ସାଂସଦ ସାଗରିକା ଘୋଷ ମଧ୍ୟ ଶାହଙ୍କ ମନ୍ତବ୍ୟକୁ ନିନ୍ଦା କରି କହିଛନ୍ତି ଯେ କେନ୍ଦ୍ର ଗୃହମନ୍ତ୍ରୀ ଏକ ସାମ୍ବିଧାନିକ କର୍ତ୍ତୃପକ୍ଷ ଅପେକ୍ଷା ବିଜେପି ପଦାଧିକାରୀଙ୍କ ପରି ବ୍ୟବହାର କରୁଛନ୍ତି। ସତ ହେଉଛି ଅମିତ ଶାହଙ୍କ ରାଜନୀତି ସମ୍ପୂର୍ଣ୍ଣ ଭାବରେ ବିଭାଜନ କର ଏବଂ ଶାସନ କର ବୋଲି ସେ କହିଛନ୍ତି।

**ବ୍ରିଟେନ୍ସ ଗଟ ଟ୍ୟାଲେଣ୍ଟ**

## ଦେଶ ପାଇଁ ଗୌରବ ଆଣିଲେ ଆସାମର ବିନିତା

**ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ**



**ଗୌହାଟି, ୧।୬:** ଆସାମର ନୃତ୍ୟ ପ୍ରତିଭା ବିନିତା ଛେତ୍ରୀ ବ୍ରିଟେନସ୍ ଗଟ୍ ଟ୍ୟାଲେଣ୍ଟ-୨୦୨୫ ରିଲିଟି ଶୋ'ରେ ଦ୍ୱିତୀୟ ରନର୍ସ-ଅପ୍ ସ୍ଥାନ ହାସଲ କରି ଇତିହାସ ରଚିଛନ୍ତି। ଏହାସହ ଭାରତକୁ ଗୌରାବନ୍ୱିତ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଅଭିନନ୍ଦନ ଜଣାଇଛନ୍ତି। ବିନିତା ଗୋର୍ଖା ସମ୍ପ୍ରଦାୟ ଏବଂ ଭାରତୀୟ ଉପମହାଦେଶର ପ୍ରତିନିଧିତ୍ୱ କରି ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଫାଇନାଲରେ ପହଞ୍ଚିଥିବା ଭାରତର ପ୍ରଥମ ପ୍ରତିଯୋଗୀ। ସେ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାର ଏକ ଛୋଟ ସହର ବୋକାଜାନରେ ରହନ୍ତି ବିନିତା। ବ୍ରିଟିଶ ଯାଦୁକର ହ୍ୟାରି ମୋଲ୍ଡିଂ ଏହି ଟାଇଟଲ ଜିତିଛନ୍ତି। ଦ୍ୱିତୀୟ ସ୍ଥାନ ଏଲ୍ଇଡି ନୃତ୍ୟ ଗୋଷ୍ଠୀ 'ଦି ବ୍ଲାକଆଉଟ୍ସ' ପାଇଛି। ଆସାମର ଭାରତୀୟ ଗୋର୍ଖା ପରିସଂଘର ସାଧାରଣ ସମ୍ପାଦକ ନନ୍ଦ କିରାତି ଦିୱାନ କହିଛନ୍ତି ଯେ ବିନିତା ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ସହିତ ବିଚାରକ ଏବଂ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ, ବିଶେଷକରି ତାଙ୍କର ଜଟିଳ ନୃତ୍ୟ ଅଭ୍ୟାସ ଯେଉଁଥିରେ ବ୍ୟାକଫ୍ଲିପ୍ସ ଭଳି ଶାରୀରିକ ଭାବରେ ଦାବି କରୁଥିବା ଚାଲ ଅନ୍ତର୍ଭୁକ୍ତ ଥିଲା। ତାଙ୍କ ଆନ୍ତର୍ଜାତୀୟ ସଫଳତା ପଛରେ ତାଙ୍କ ପିତା ଅମର ଛେତ୍ରୀଙ୍କ ଅଟଳ ସମର୍ଥନ ରହିଛି, ଯିଏ ଆସାମରେ ଏକ ଛୋଟ ବ୍ରଏଲର ଫାର୍ମ ଚଳାଉଛନ୍ତି ଏବଂ ସାମାଜିକ ଏବଂ ସାମୁଦାୟିକ ବ୍ୟାପାରରେ ସକ୍ରିୟ ଭାବରେ ଜଡିତ ବୋଲି ଦିୱାନ କହିଛନ୍ତି। ବିନିତାଙ୍କ ଅନ୍ତର୍ଜାତୀୟ ଲୋକପ୍ରିୟତା ଭାରତ, ନେପାଳ, ଭୁଟାନ ଏବଂ ବ୍ୟାପକ ଏସୀୟ ସମ୍ପ୍ରଦାୟରେ ଆଲୋଚନା ଆରମ୍ଭ କରିଛି। ତଥାପି ଫାଇନାଲର ଭୋଟିଂ ଲାଇନ୍ କେବଳ ୟୁକେରେ ସୀମିତ ଥିବାରୁ ଅନେକ ଦର୍ଶକ ତାଙ୍କୁ ଭୋଟ ଦେଇପାରିଲେ ନାହିଁ ବୋଲି ଦିୱାନ କହିଛନ୍ତି।

## ବିମାନ ରକ୍ଷଣାବେକ୍ଷଣରୁ ତୁର୍କୀକୁ ହଟାଇବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ, ୧।୬:** ବିମାନ ରକ୍ଷଣାବେକ୍ଷଣ ଦାୟିତ୍ୱରୁ ତୁର୍କୀକୁ ହଟାଇବ ଏୟାର ଇଣ୍ଡିଆ। ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ ୱିଲସନଙ୍କ ଅନୁଯାୟୀ, ତୁର୍କୀ ସହିତ ଜଡିତ ସାମ୍ପ୍ରତିକ ଘଟଣାକ୍ରମକୁ ଧ୍ୟାନରେ ରଖି ଏହାର ଯୋଜନାକୁ ପୁନଃ ଉପଯୋଗ କରିବାର ଏକ



ଅଂଶ ଭାବର, ଏହାର ବୃହତ ବିମାନଗୁଡ଼ିକୁ ଅନ୍ୟ ଏମଆରଓ ସଂସ୍ଥାଗୁଡ଼ିକୁ ପଠାଇବାକୁ ଚେଷ୍ଟା କରିବ। ଯାହାର ରକ୍ଷଣାବେକ୍ଷଣ ଏବେ ତୁର୍କୀ ଟେକ୍ନିକ୍ ଦ୍ୱାରା କରାଯାଉଛି। ତୁର୍କୀ ପାକିସ୍ତାନକୁ ସମର୍ଥନ କରିବା ଏବଂ ମେ ମାସରେ ପଡ଼ୋଶୀ ଦେଶରେ ଆତଙ୍କବାଦୀ ଶିବିର ଉପରେ ଭାରତର ଆକ୍ରମଣକୁ ନିନ୍ଦା କରିବା ପୃଷ୍ଠଭୂମିରେ ବିମାନ ସୁରକ୍ଷା ପ୍ରହରୀ ବିସିଏଏସ ମେ ୧୫ ରେ ଜାତୀୟ ସୁରକ୍ଷା ସ୍ୱାର୍ଥରେ ତୁର୍କୀ କମ୍ପାନୀ ସେଲେବି ବିମାନବନ୍ଦର ସେବା ଭାରତ ପ୍ରାଇଭେଟ୍ ଲିମିଟେଡର କ୍ଲିୟରାନ୍ସକୁ ପ୍ରତ୍ୟାହାର କରିନେଇଥିଲା। ମେ ୩୦ ରେ, ବିମାନ ସୁରକ୍ଷା ନିୟାମକ ଡିଜିସିଏ ତୁର୍କୀ ଏୟାରଲାଇନ୍ସରୁ ଦୁଇଟି ବୋଇଂ ୭୭୭ ବିମାନର ଲିଜ୍ ପାଇଁ ଇଣ୍ଡିଗୋକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ତିନି ମାସର ଏକକାଳୀନ ଶେଷ ବୃଦ୍ଧି ପ୍ରଦାନ କରିଥିଲା। କିନ୍ତୁ ତିନି ମାସ ମଧ୍ୟରେ ଲିଜ୍ ସମାପ୍ତ କରିବାକୁ ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦେଇଥିଲା। ଏୟାର ଇଣ୍ଡିଆର କିଛି ୱାଇଡ-ବଡି ବିମାନକୁ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ତୁର୍କୀ ଟେକ୍ନିକ୍କୁ ପଠାଯିବା ବିଷୟରେ ପଚରାଯିବାରୁ ଏୟାର ଇଣ୍ଡିଆର ସିଇଓ ଏବଂ ଏମଡି କହିଛନ୍ତି ଯେ ଏହା ଏକ ବିଶ୍ୱ ବ୍ୟବସାୟ ଏବଂ ଏକ ବିଶ୍ୱ ଯୋଗାଣ ଶୃଙ୍ଖଳା। ଆମ ଚାରିପାଖର ପରିସ୍ଥିତି ଯେତେବେଳେ ପରିବର୍ତ୍ତନ ହୁଏ ଆମେ ସ୍ୱାଭାବିକ ଭାବରେ ଜାତୀୟ ଭାବନା ଏବଂ ଜାତୀୟ ଇଚ୍ଛା ପ୍ରତି ସମ୍ବେଦନଶୀଳ ରହୁ। ବର୍ତ୍ତମାନ ଏୟାର ଇଣ୍ଡିଆର ୧୯୧ଟି ବିମାନର ଏକ ଫ୍ଲିଟ୍ ଅଛି, ଯେଉଁଥିରେ ୬୪ଟି ଓସାରିଆ ବିମାନ ଅନ୍ତର୍ଭୁକ୍ତ।

## ନୂଆ ଦାୟିତ୍ୱ ନେଲେ ଏୟାର ମାର୍ଶାଲ ଯଶବୀର ସିଂ ମାନ୍



**ନୂଆଦିଲ୍ଲୀ, ୧।୬:** ଏୟାର ମାର୍ଶାଲ ଯଶବୀର ସିଂହ ମାନ ଭାରତୀୟ ବାୟୁସେନାର ପଶ୍ଚିମ ବାୟୁ କମାଣ୍ଡର ବରିଷ୍ଠ ବାୟୁ କର୍ମଚାରୀ ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଇଣ୍ଡିଆନ ଏୟାରଫୋର୍ସର ୱେଷ୍ଟର୍ଣ୍ଣ ଏୟାର କମାଣ୍ଡର ବରିଷ୍ଠ ଏୟାର ଷ୍ଟାଫ୍ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଏୟାର ମାର୍ଶାଲ ଯଶବୀର ସିଂ ମାନ୍ । ନେସନାଲ ଡିଫେନ୍ସ ଏକାଡେମୀର ସେ ପୂର୍ବତନ ଛାତ୍ର। ୧୯୮୯ ଡିସେମ୍ବର୧୬ରେ ଭାରତୀୟ ବାୟୁସେନାରେ ଫାଇଟର ପାଇଲଟ ଭାବେ ନିଯୁକ୍ତ ହୋଇଥିଲେ। ସେ ବିଭିନ୍ନ ପ୍ରକାର ଯୁଦ୍ଧ ବିମାନକୁ ୩୦୦୦ ଘଣ୍ଟାରୁ ଅଧିକ ସମୟ ଉଡ଼ାଣ କରିଛନ୍ତି। ୱେଷ୍ଟର୍ଣ୍ଣ କମାଣ୍ଡ୍ ରେ ଏୟାର ଷ୍ଟାଫ୍ ଅଫିସର ଭାବେ ଦାୟିତ୍ୱ ଗ୍ରହଣ ପୂର୍ବରୁ ସେ ଏୟାର ହେଡକ୍ୱାର୍ଟରରେ ୱେପନ ସିଷ୍ଟମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ । ଏହି ବାୟୁସେନା ଅଧିକାରୀ ରାଷ୍ଟ୍ରପତିଙ୍କ ଅତି ବିଶିଷ୍ଟ ସେବା ପଦକ ଓ ପ୍ରତିରକ୍ଷା ମନ୍ତ୍ରାଳୟର ବାୟୁ ସେନା ପଦକ ପାଇଥିଲେ। ପାକିସ୍ତାନ ସହ ଡିଲ୍ କରୁଥିବାରୁ ୱେଷ୍ଟର୍ଣ୍ଣ ଏୟାର କମାଣ୍ଡ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ସିନ୍ଧୁ ଜଳ ଚୁକ୍ତିନାମା ଉଲ୍ଲଂଘନ ପାଇଁ ପାକିସ୍ତାନ ଦାୟୀ



**ନୂଆଦିଲ୍ଲୀ, ୧।୬:** ପାକିସ୍ତାନ ଉପରେ ପୁଣି ବର୍ଷିଛି ଭାରତ। ପାକିସ୍ତାନ ସିନ୍ଧୁ ଜଳ ଚୁକ୍ତିନାମା ଉଲ୍ଲଂଘନ ପାଇଁ ଅନ୍ୟକୁ ଦୋଷ ଦେବା ବନ୍ଦ କରିବା ଉଚିତ୍। କାରଣ ତା'ର ମାଟିରୁ ନିରନ୍ତର ସୀମାପାର ଆତଙ୍କବାଦ ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରୁଛି। ତାଜିକିସ୍ତାନର ଦୁଶାନବେରେ ଅନୁଷ୍ଠିତ ପ୍ରଥମ ଜାତିସଂଘ ହିମବାହ ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଛନ୍ତି ଯେ, ପାକିସ୍ତାନ ନିଜେ ଆତଙ୍କବାଦକୁ ପ୍ରୋତ୍ସାହିତ କରି ଚୁକ୍ତି ପାଳନ କରୁନାହିଁ। ସେ କହିଛନ୍ତି ପାକିସ୍ତାନର ପ୍ଲାଟଫର୍ମର ଅପବ୍ୟବହାର ଏବଂ ପ୍ଲାଟଫର୍ମର ପରିସର ମଧ୍ୟରେ ନ ଆସୁଥିବା ପ୍ରସଙ୍ଗଗୁଡ଼ିକୁ ଆଣିବାର ପ୍ରୟାସ ନେଇ ଆମେ ମର୍ମାହତ। ଆମେ ଏପରି ପ୍ରୟାସକୁ ଦୃଢ଼ ନିନ୍ଦା କରୁଛୁ।

ସେ କହିଛନ୍ତି, ଏହା ଏକ ନିର୍ବିବାଦ ସତ୍ୟ ଯେ ସିନ୍ଧୁ ଜଳ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରଠାରୁ ପରିସ୍ଥିତି ମୌଳିକ ଭାବରେ ପରିବର୍ତ୍ତନ ହୋଇଛି, ଯାହା ପାଇଁ ଚୁକ୍ତିନାମା ଦାୟିତ୍ୱର ପୁନଃମୂଲ୍ୟାୟନ ଆବଶ୍ୟକ। ସେ କହିଛନ୍ତି ଏହି ପରିବର୍ତ୍ତନଗୁଡ଼ିକରେ ପ୍ରଯୁକ୍ତିବିଦ୍ୟା ପ୍ରଗତି, ଜନସଂଖ୍ୟାଗତ ପରିବର୍ତ୍ତନ, ଜଳବାୟୁ ପରିବର୍ତ୍ତନ ଏବଂ ସୀମାପାର ଆତଙ୍କବାଦର ବିପଦ ଅନ୍ତର୍ଭୁକ୍ତ। ପାକିସ୍ତାନକୁ ଟାର୍ଗେଟ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ଚୁକ୍ତିନାମାର ପ୍ରସ୍ତାବନାରେ କୁହାଯାଇଛି ଯେ ଏହା ସଦ୍ଭାବନା ଏବଂ ବନ୍ଧୁତାର ଭାବନାରେ ପ୍ରସ୍ତୁତ କରାଯାଇଛି। ଏହି ଚୁକ୍ତିନାମାକୁ ସଦ୍ଭାବନା ସହିତ ସମ୍ମାନ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି, ପାକିସ୍ତାନରୁ ସୀମାପାର ଆତଙ୍କବାଦ ଜାରି ରହିବା ଚୁକ୍ତିର ବ୍ୟବସ୍ଥାର ସୁଯୋଗ ନେବାର କ୍ଷମତାକୁ ବାଧା ଦେଉଛି। ପାକିସ୍ତାନ ନିଜେ ଚୁକ୍ତି ଉଲ୍ଲଂଘନ କରୁଛି। ଭାରତକୁ ଚୁକ୍ତି ଉଲ୍ଲଂଘନ ପାଇଁ ଦୋଷ ଦେବାରୁ ପାକିସ୍ତାନ ନିବୃତ୍ତ ରହିବା ଉଚିତ୍। ହିମବାହ ସଂରକ୍ଷଣ ଅନ୍ତର୍ଜାତୀୟ ସମ୍ମିଳନୀରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ କହିଛନ୍ତି ଯେ, ତାଙ୍କ ଦେଶ ବିରୁଦ୍ଧରେ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ବନ୍ଦ କରିଛି। ସଂକୀର୍ଣ୍ଣ ରାଜନୈତିକ ଲାଭ ପାଇଁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ବିପଦରେ ପକାଇଛି। ଭାରତର ଏକପାଖିଆ ଏବଂ ବେଆଇନ ନିଷ୍ପତ୍ତି ଅତ୍ୟନ୍ତ ଦୁଃଖଦ। ଏପ୍ରିଲ ୨୨ରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ଉପରେ ଅନେକ କଟକଣା ଲଗାଇଥିଲା, ଯେଉଁଥିରେ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଘୋଷଣା ମଧ୍ୟ ସାମିଲ ଥିଲା। ଶନିବାର ଶେଷ ହୋଇଥିବା ତିନି ଦିନିଆ ଜାତିସଂଘର ହିମବାହ ସମ୍ମିଳନୀର ଲକ୍ଷ୍ୟ ଥିଲା ବିଶ୍ୱ ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ଜଳ ସମ୍ବନ୍ଧୀୟ ଚ୍ୟାଲେଞ୍ଜର ମୁକାବିଲା କରିବାରେ ହିମବାହର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା। ଏହି ବିଶ୍ୱ ସମ୍ମିଳନୀରେ ଜାତିସଂଘର ୮୦ଟି ସଦସ୍ୟ ଦେଶ ବ୍ୟତୀତ ୭୦ଟି ଅନ୍ତର୍ଜାତୀୟ ସଂଗଠନର ୨,୫୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

## 'ଅପରେସନ ସିନ୍ଦୂର'କୁ ନେଇ ପ୍ରବନ୍ଧ ପ୍ରତିଯୋଗିତା

**ସ୍ୱାଧୀନତା ଦିବସରେ ଯୋଗଦେବେ ବିଜେତା**

**ନୂଆଦିଲ୍ଲୀ ୧।୬:** ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଅପରେସନ ସିନ୍ଦୂରକୁ ନେଇ ଜାତୀୟସ୍ତରରେ ଏକ ପ୍ରବନ୍ଧ ପ୍ରତିଯୋଗିତା ନେଇ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ଜୁନ ୧ରୁ ୩୦ ତାରିଖ ଜୁନ ପର୍ଯ୍ୟନ୍ତ ଚାଲିବ। ମନ୍ତ୍ରାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏ ନେଇ ସୂଚନା ଦେଇଛି। ଏଥିରୁ ୩ ଜଣ ବିଜେତାଙ୍କୁ ବଛା ଯିବ ଓ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ନଗଦ ପୁରସ୍କାର ମିଳିବ। ଏହାଛଡା ବିଜେତାମାନଙ୍କୁ ଆଗାମୀ ୭୮ତମ ସ୍ୱାଧୀନତା ଦିବସ ଅବସରରେ ଲାଲ କିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା




କାର୍ଯ୍ୟକ୍ରମରେ ସାମିଲ କରାଯିବ। ଉଲ୍ଲେଖଯୋଗ୍ୟ ଯେ ଏପ୍ରିଲ ୨୨ ତାରିଖ ଦିନ ଜମ୍ମୁ-କାଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା 'ଅପରେସନ ସିନ୍ଦୂର' ଅଭିଯାନ ହାତକୁ ନେଇଥିଲା। ୬ ଓ ୭ ମେ ବିଳମ୍ବିତ ରାତ୍ରିରେ ହୋଇଥିବା ଏହି ଅଭିଯାନ ୧୦ ମେ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଭାରତୀୟ ସେନା ଅନୁନ୍ୟ ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଦେଇଥିଲା। ପାକିସ୍ତାନ ଓ ପିଓକେରେ ଆତଙ୍କବାଦୀଙ୍କ ବଡ଼ଧରଣର କ୍ଷୟକ୍ଷତି ହୋଇଥିଲା। ଭାରତର ଏହି ଅଭିଯାନରେ ପାକିସ୍ତାନ ବିଚଳିତ ହୋଇପଡିଥିଲା ଓ ସାଧାରଣ ଜନାତଙ୍କୁ ଟାର୍ଗେଟ୍ କରିଥିଲା। ତେବେ ଭାରତ ଏହାର ଉଚିତ ଜବାବ ଦେଇଥିଲା। ମନ୍ତ୍ରାଳୟ କହିଛନ୍ତି ଯେ ଯୁବବର୍ଗଙ୍କ ସ୍ୱର ଶାଣିତ କରିବା ପାଇଁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏଥିଲାଗି ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଭାଷାରେ ତାଙ୍କର ଏଣ୍ଟ୍ରି ପଠାଇ ପାରିବେ। ହିନ୍ଦୀ ନଚେତ ଇଂରାଜୀରେ ପ୍ରବନ୍ଧ ଲେଖାଯାଇ ପାରିବ। ଏହା ଛଡା ପ୍ରତିରକ୍ଷା ମନ୍ତ୍ରାଳୟ ଅପରେସନ ସିନ୍ଦୂର ଉପରେ ରିଲ ମେକିଂ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରୁଛନ୍ତି।

## ରୁଷର ସୁଖୋଇ-୫୭ଇ ଆଣିବ ଭାରତ



**ନୂଆଦିଲ୍ଲୀ, ୧।୬:** ଅପରେସନ ସିନ୍ଦୂର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଏହା ପରେ ପଞ୍ଚମ ପିଢ଼ିର ଲଢୁଆ ବିମାନ ବିଷୟରେ ନିରନ୍ତର ଆଲୋଚନା ଚାଲିଛି। ଏହି କ୍ରମରେ ରୁଷ ପୁଣି ଥରେ ଭାରତକୁ ପଞ୍ଚମ ପିଢ଼ିର ସୁ-୫୭ଇ ଲଢୁଆ ବିମାନ ଦେବାକୁ ଅଫର ଦେଇଛି । ସୁ-୫୭ଇରେ ଭାରତର ସୁପର-୩୦ ଜେଟ୍ ପାଇଁ ଯୋଜନା କରାଯାଇଥିବା ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଅନ୍ତର୍ଭୁକ୍ତ ହେବ, ଯେଉଁଥିରେ ଏଇଏସଏ ରାଡାର ଏବଂ ଭାରତ-ବିକଶିତ ମିଶନ କମ୍ପ୍ୟୁଟର ଅନ୍ତର୍ଭୁକ୍ତ। ଏହି ପଦକ୍ଷେପ ସୁପର-୩୦ କାର୍ଯ୍ୟକ୍ରମ ସହିତ ସମାନତା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ଗ୍ୟାଲିୟମ୍ ନାଇଟ୍ରାଇଡ୍ ଆଧାରିତ ସକ୍ରିୟ ଇଲେକ୍ଟ୍ରୋନିକ୍ ସ୍କାନ୍ ହୋଇଥିବା ଏଇସା ରାଡାର ଏବଂ ଭାରତୀୟ ମିଶନ୍ କମ୍ପ୍ୟୁଟରର ଅନ୍ତର୍ଭୁକ୍ତି କେବଳ ସୁ-୫୭ଇ ର କ୍ଷମତା ବୃଦ୍ଧି କରିବ ନାହିଁ ବରଂ ସୁପର-୩୦ ଜେଟ୍ ସହିତ ସମାନତା ସୁନିଶ୍ଚିତ କରି ରକ୍ଷଣାବେକ୍ଷଣ ଏବଂ ପରିଚାଳନାଗତ ଲଜିଷ୍ଟିକ୍ସକୁ ସୁଗମ କରିବ। ରୁଷ କହିଛି ଯେ ଯଦି ଭାରତ ଚାହିଁବ ତେବେ ସେମାନେ ଆବଶ୍ୟକତା ଅନୁସାରେ ସୁ-୫୭ଇ ରେ ମଧ୍ୟ ପରିବର୍ତ୍ତନ କରିପାରିବ। ସୁଖୋଇ ଯୁଦ୍ଧ ବିମାନ ନିର୍ମାଣକାରୀ କମ୍ପାନୀଗୁଡ଼ିକ ମଧ୍ୟ ଏହା ତିଆରି କରିପାରିବେ। ରୁଷ ଏହାର ସୋର୍ସ କୋଡ୍ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି । ଏହି ପଞ୍ଚମ ପିଢ଼ିର ଲଢୁଆ ବିମାନଟି ପଞ୍ଚମ ପିଢ଼ିର ଷ୍ଟିଲ୍ଥ୍ ଲଢୁଆ ବିମାନରେ ଥିବା ସମସ୍ତ ବୈଶିଷ୍ଟ୍ୟ ସହିତ ସଜ୍ଜିତ। ଏହାର ଏକ ଷ୍ଟିଲ୍ଥ୍ ଡିଜାଇନ୍ ଅଛି, ଯାହା ଯୋଗୁଁ ଏହାକୁ ଆଧୁନିକ ରାଡାର ସହିତ ଚିହ୍ନଟ କରିବା କଷ୍ଟକର। ଏହି କାରଣରୁ ଏହା ଶତ୍ରୁ ଚିହ୍ନଟରୁ ରକ୍ଷା ପାଇପାରିବ। ଏଥିରେ ଲାଗିଥିବା ଆର-୩୭ ଏମ କ୍ଷେପଣାସ୍ତ୍ର ୪୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ରୁଷ କହିଛି ଯେ ଏହା ରାଫେଲ ଅପେକ୍ଷା ଅଧିକ ଘାତକ ଲଢୁଆ ବିମାନ।

## ବନ୍ୟା ଯୋଗୁଁ ଉତ୍ତର-ପୂର୍ବାଞ୍ଚଳ ସ୍ଥିତି ବେହାଲ

**ମୃତ୍ୟୁ ସଂଖ୍ୟା ୩୧**



**ନୂଆଦିଲ୍ଲୀ, ୧।୬:** ସବୁଠି ହାହାକାର ଚାରିଆଡେ ପାଣି ଆଉ ପାଣି। ଲଗାଣ ବର୍ଷା ଆଣିଛି ଜଳ ବିପର୍ଯ୍ୟୟ । ବର୍ଷା ପରେ ବନ୍ୟାରେ ବେହାଲ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ। ବନ୍ୟା ଯୋଗୁଁ ଉତ୍ତର-ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଆସାମର ଗୌହାଟୀରେ ଭୂସ୍ଖଳନ ଯୋଗୁଁ ଅନେକ ଘର ଧସିଯାଇଥିବା ବେଳେ ୫ ଜଣଙ୍କ ମୃତ୍ୟୁ ହୋଇଛି । ଯେଉଁଥିରେ ଗୋଟିଏ ପରିବାରର ୩ ଜଣ ରହିଛନ୍ତି । ଗତ ୪୮ ଘଣ୍ଟା ମଧ୍ୟରେ, ଆସାମ ଏବଂ ଅରୁଣାଚଳ ପ୍ରଦେଶରୁ ୯ ଜଣ, ମେଘାଳୟରୁ ୬ ଜଣ, ମିଜୋରାମରୁ ୫ ଜଣ ଏବଂ ନାଗାଲାଣ୍ଡ ଏବଂ ତ୍ରିପୁରାରୁ ଜଣେ ଲେଖାଁଏ ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି। ସେହିପରି ମିଜୋରାମ, ତ୍ରିପୁରା, ମେଘାଳୟ, ମଣିପୁରରେ ଗତ ୨ ଦିନ ଭିତରେ ବର୍ଷାର ବିପ୍ଳାତ ଅନେକ ଜୀବନ ନେଇଛି ।

ତେବେ ଲଗାଣ ବର୍ଷାରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ବେହାଲ ହୋଇଥିବା ବେଳେ ଆସାମ, ମଣିପୁର, ସିକ୍କିମର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବନ୍ୟା ଓ ଭୂସ୍ଖଳନ ସ୍ଥିତି ଉପୁଜିଛି । ରାସ୍ତାଘାଟ, ଘରଦ୍ୱାର ଚାରିଆଡ଼େ ପାଣି ହିଁ ପାଣି । ପାଣି ଘେରରେ ରହିଥିବା ଲୋକଙ୍କୁ ଏନଡିଆରଏଫ୍, ଏସଡିଆରଏଫ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପରିବହନ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି । ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ମୌସୁମୀ ଦେଶରେ ପହଞ୍ଚିବା କାରଣରୁ ଏହାର ପ୍ରଭାବରେ ସାରା ଦେଶରେ ବର୍ଷା ସାଙ୍ଗକୁ କିଛି ରାଜ୍ୟରେ ପ୍ରବଳ ବର୍ଷା ହେଉଛି । ଫଳରେ ସ୍ଥିତି ଅସମ୍ଭାଳ ହୋଇଛି। ବିଶେଷ କରି ଉତ୍ତର ଭାରତର ଏକାଧିକ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବାବେଳେ ଭୂସ୍ଖଳନ ହୋଇଛି। ବିଭିନ୍ନ ନଦୀର ଜଳସ୍ତର ବଢିବାରେ ଲାଗିଛି । ଉତ୍ତର ଭାରତରେ ବିଭିନ୍ନ ରାଜ୍ୟରେ ପାଣି ଘେରରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି । ବନ୍ୟା ପାଇଁ ଏକପ୍ରକାର କୋକୁଆ ଭୟ ଖେଳିଯାଇଛି । ଅରୁଣାଚଳରେ ଭୂସ୍ଖଳନ ଯୋଗୁଁ ଏକ ଗଭୀର ଗର୍ତ୍ତରେ ଖସି ପଡ଼ିବା ଫଳରେ ୭ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଚାରି ଜଣ ଶିଶୁ ଏବଂ ଦୁଇ ଜଣ ଗର୍ଭବତୀ ମହିଳା ମଧ୍ୟ ଅଛନ୍ତି। ପ୍ରବଳ ବର୍ଷା ଜାରି ରହିଛି, ଯାହା ଫଳରେ ଆସାମରେ ଟ୍ରେନ ସେବା ଏବଂ ସଡ଼କ ପରିବହନ ବାଧାପ୍ରାପ୍ତ ହୋଇଛି। ଆକସ୍ମିକ ବନ୍ୟା ଯୋଗୁଁ ଗୌହାଟି ଗୁରୁତର ଭାବରେ ପ୍ରଭାବିତ ହୋଇଛି, ଯାନବାହାନ ଯାତାୟାତ ବାଧାପ୍ରାପ୍ତ ହୋଇଛି ଏବଂ ଦୈନନ୍ଦିନ ଜୀବନ ଯାତ୍ରା ଠପ ହୋଇଯାଇଛି। ୧୫ରୁ ଅଧିକ ଜିଲ୍ଲାରେ ୭୮,୦୦୦ରୁ ଅଧିକ ବାସିନ୍ଦା ପ୍ରଭାବିତ ହୋଇଛନ୍ତି। ମଣିପୁରରେ ମଧ୍ୟ ଭୂସ୍ଖଳନ ଏବଂ ବନ୍ୟା ଗଭୀର ଭାବେ ପ୍ରଭାବିତ କରିଛି। ଇମ୍ଫାଲ ଉପତ୍ୟକାର ବିସ୍ତୃତ ଅଞ୍ଚଳକୁ ବର୍ଷାଜଳ ବୁଡ଼ାଇ ଦେଇଛି। ମଣିପୁର ଏବଂ ଆସାମର କିଛି ନଦୀ ବିପଦ ସ୍ତର ଉପରେ ପ୍ରବାହିତ ହେଉଛି।

# ରୁଷର ବାୟୁସେନା ଘାଟିରେ ୟୁକ୍ରେନର ବଡ଼ ଆକ୍ରମଣ

**୪୦ ବିମାନ ଛାରଖାର**



**ନୂଆଦିଲ୍ଲୀ, ୧।୬ :** ରୁଷ-ୟୁକ୍ରେନ ମଧ୍ୟରେ ଲାଗିଥିବା ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଆଜି ୟୁକ୍ରେନ ପକ୍ଷରୁ ରୁଷର ବାୟୁସେନା ଘାଟି ଉପରେ ଭୟଙ୍କର ଆକ୍ରମଣ କରାଯାଇଛି। ଫଳରେ ରୁଷର ୪୦ଟି ବିମାନ ଧ୍ୱଂସ ହୋଇ ଯାଇଥିବା ଜଣାପଡିଛି। ୟୁକ୍ରେନର ଘରୋଇ ସୁରକ୍ଷା ସଂସ୍ଥା ୟୁକ୍ରେନ ସୁରକ୍ଷା ସେବା ଏସବିୟୁ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଏସବିୟୁ ଆହୁରି ଦାବି କରିଛି ଯେ ୟୁକ୍ରେନୀୟ ସେନା ୟୁକ୍ରେନର ଦୂରଗାମୀ କ୍ଷେପଣାସ୍ତ୍ର ନିକ୍ଷେପ କରିବା ପାଇଁ ନିୟୋଜିତ ଟିୟୁ-୯୫ ଏବଂ ଟିୟୁ-୨୨ ପକ୍ଷରୁ ପ୍ରବଳ ବୋମାବର୍ଷୀ ବିମାନ ସମେତ ରୁଷୀୟ ବିମାନ ଉପରେ ଆକ୍ରମଣ କରିଛି। ଆଞ୍ଚଳିକ ରାଜ୍ୟପାଳ ଇଗୋର କୋବଜେଭ କହିଛନ୍ତି ଯେ ୟୁକ୍ରେନୀୟ ଡ୍ରୋନଗୁଡ଼ିକ ରୁଷର ଇରକୁଟସ୍କ ଅଞ୍ଚଳର ସ୍ରେଡନି ବସତିର ଏକ ସାମରିକ ୟୁନିଟ୍ ଉପରେ ଆକ୍ରମଣ କରିଛି।

ମୁର୍ମାନ୍ସକ ଅଞ୍ଚଳର ଓଲେନିଆ ବାୟୁସେନା ଘାଟି ନିକଟରେ ବିସ୍ଫୋରଣ ଏବଂ ପ୍ରବଳ ଧୂଆଁ ପରିଲକ୍ଷିତ ହୋଇଛି, ବେଲାରୁଷୀୟ ସମ୍ବାଦ ଗଣମାଧ୍ୟମ ନେକ୍ସଟା ରିପୋର୍ଟ କରିଛି। ପ୍ରାଥମିକ ରିପୋର୍ଟରୁ ଡ୍ରୋନ୍ ସମ୍ଭାବ୍ୟ ଡ୍ରୋନ ଆକ୍ରମଣ ହେବାର ଦେଖାଯାଉଛି। ଓଲେନିଆ ହେଉଛି ରୁଷର ପ୍ରମୁଖ ରଣନୈତିକ ବିମାନ ଚଳାଚଳ ସୁବିଧା ମଧ୍ୟରୁ ଗୋଟିଏ, ଯାହା ପରମାଣୁ ଅସ୍ତ୍ର ବହନ କରିବାକୁ ସକ୍ଷମ ବିମାନକୁ ଧାରଣ କରୁଛି। ତଥାପି, ଏହା ସ୍ପଷ୍ଟ କରିଛି ଯେ ଏହାର କୌଣସି ସରକାରୀ ନିଶ୍ଚିତକରଣ ହୋଇନାହିଁ, ଯଦି ନିଶ୍ଚିତ ହୁଏ, ତେବେ ଏହା ଯୁଦ୍ଧ ଆରମ୍ଭ ହେବା ପରଠାରୁ ରୁଷର ସାମରିକ ଭିତ୍ତିଭୂମି ଉପରେ ସବୁଠାରୁ ସମ୍ବେଦନଶୀଳ ଆକ୍ରମଣ ମଧ୍ୟରୁ ଗୋଟିଏ ହେବ। ଡ୍ରୋନ୍ ଆକ୍ରମଣରେ କୌଣସି ଆହତ କିମ୍ବା ମୃତାହତଙ୍କ କୌଣସି ତୁରନ୍ତ ରିପୋର୍ଟ ମିଳିନାହିଁ। ରୁଷିଆ ସେନା ୟୁକ୍ରେନିଆନ ସହରଗୁଡ଼ିକରେ ୩୬୭ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଖସାଇବାର ଏକ ସପ୍ତାହ ପରେ ଏପରି ଖବର ଆସିଛି। ଏପର୍ଯ୍ୟନ୍ତ ଯୁଦ୍ଧର ସବୁଠାରୁ ବଡ଼ ଆକ୍ରମଣ ଥିଲା। ଏହି ବ୍ୟାରେଜରେ ଝାଇଟୋମିରରେ ତିନି ଜଣ ଶିଶୁ ସମେତ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଯଦିଓ ୟୁକ୍ରେନର ବାୟୁସେନା ୨୬୬ ଡ୍ରୋନ୍ ଏବଂ ୪୫ଟି କ୍ଷେପଣାସ୍ତ୍ରକୁ ଖସାଇ ଦେଇଥିଲା, ତଥାପି ବ୍ୟାପକ କ୍ଷତି ହୋଇଥିଲା। ୟୁକ୍ରେନରେ ଏକ ବ୍ୟାପକ ଯୁଦ୍ଧବିରତି ପ୍ରସ୍ତାବକୁ ଗ୍ରହଣ କରିବାକୁ ଆମେରିକା ମିଳିତ ଜାତିସଂଘ ସୁରକ୍ଷା ପରିଷଦ ୟୁଏନଏସସିରେ ରୁଷକୁ ଆହ୍ୱାନ କରିବା, ଏହାକୁ 'ରୁଷର ସର୍ବୋତ୍ତମ ସମ୍ଭାବ୍ୟ ଫଳାଫଳ' ବୋଲି ଅଭିହିତ କରିବା ଏବଂ ଶାନ୍ତି ପାଇଁ ସୁଯୋଗ ହାତଛଡ଼ା କରିବା ପାଇଁ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଅନୁରୋଧ କରିବା ମଧ୍ୟରେ ଏହି ସଦ୍ୟତମ ସଂଘର୍ଷ ଘଟିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ଯୁଦ୍ଧ ସମାପ୍ତିକୁ ଏକ ପ୍ରମୁଖ ବୈଦେଶିକ ନୀତି ଲକ୍ଷ୍ୟ କରିଛନ୍ତି। ଫେବୃଆରୀ ୨୦୨୨ ରେ ରୁଷର ୟୁକ୍ରେନ ଆକ୍ରମଣ ସହିତ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଆନ୍ତର୍ଜାତୀୟ ଚାପ ଏବଂ ବିଫଳ ଶାନ୍ତି ପ୍ରୟାସ ସତ୍ତ୍ୱେ ଜାରି ରହିଛି।

# ଜାତୀୟ ରେକର୍ଡ ସହ ଅନିମେଷଙ୍କୁ କାଂସ୍ୟ

## ଏସୀୟ ଦୌଡ଼କୁଦ

**ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ):** ଓଡ଼ିଶାର ଧାବକ ଅନିମେଷ କୁଜୁର ପୁଣି ଥରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି। ଦକ୍ଷିଣ କୋରିଆର ଗୁମିରେ ଆୟୋଜିତ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଶନିବାର ୨୦୦ ମିଟର ଫାଇନାଲ୍ ରେସ୍‌କୁ ଅନିମେଷ ୨୦.୩୨ ସେକେଣ୍ଡରେ ଶେଷ କରି ନୂଆ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ପାଇଥିଲେ। ମାତ୍ର ୦.୦୧ ସେକେଣ୍ଡ ପାଇଁ ରୌପ୍ୟରୁ ବଞ୍ଚିତ ହୋଇଥିବା ଅନିମେଷ କିନ୍ତୁ ନିଜ ନାମରେ ଥିବା ୨୦.୪୦ ସେକେଣ୍ଡ ଜାତୀୟ ରେକର୍ଡକୁ ଏଠାରେ ଅତିକ୍ରମ କରିଥିଲେ। ଚଳିତ ବର୍ଷ ଫେଡେରେସନ୍ କପ୍‌ରେ ସେ ଏହି ରେକର୍ଡ କରିଥିଲେ। ଏହି ପଦକ ସହ ଅନିମେଷ ଦ୍ୱିତୀୟ ଭାରତୀୟ ଭାବେ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାର ୨୦୦ ମିଟର ଦୌଡ଼ରେ ପଦକ ଜିତିବାର ଗୌରବ ପାଇଛନ୍ତି। ୨୦୧୫ରେ ଧରମବୀର ସିଂହ ପ୍ରଥମ ଭାରତୀୟ ଭାବେ ଏହି ସଫଳତା ପାଇଥିଲେ। ଅନିମେଷଙ୍କ ଆଗରେ ରହି ଜାପାନର ତୋୱା ଉଜୱା (୨୦.୧୨ ସେକେଣ୍ଡ) ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ଏବଂ ସାଉଦି ଆରବର ଅବଦୁଲଅଜିଜ ଅତାଫି (୨୦.୩୧ ସେକେଣ୍ଡ) ରୌପ୍ୟ ଜିତିଥିଲେ। ଐତିହାସିକ ସଫଳତା ପରେ ଅନିମେଷ କହିଛନ୍ତି, ମୋର ପ୍ରଥମ ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିବାରୁ ଗର୍ବ ଅନୁଭବ କରୁଛି। ଶନିବାର ମାନସିକ ସ୍ତରରେ ମୁଁ ବେଶ୍ ଦୃଢ଼ ଓ ଆତ୍ମବିଶ୍ୱାସରେ ଭରପୂର ଥିଲି। ମୋ ଦକ୍ଷତା ଉପରେ ମୋର ପୂର୍ଣ୍ଣ ଭରସା ଥିଲା। ପୁଣି ଥରେ ଜାତୀୟ ରେକର୍ଡ କରି ବହୁତ ଖୁସି ଲାଗୁଛି। ଏହା କେବଳ ଆରମ୍ଭ ମାତ୍ର। ଆଗକୁ ସଫଳତାର ଆହୁରି ନୂଆସ୍ତର ଛୁଇଁବାକୁ ଚାହୁଁଛି।





## ରିଲେରେ ଶ୍ରାବଣୀଙ୍କୁ ରୌପ୍ୟ

### ୮ ସ୍ୱର୍ଣ୍ଣ ସହ ୨୪ ପଦକ ଜିତି ଭାରତ ଦ୍ୱିତୀୟ

### ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଅନିମେଷ ଓ ଶ୍ରାବଣୀଙ୍କ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିଭଳି ଭାରତୀୟ ମହିଳା ରିଲେ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କହିଛନ୍ତି, ଏସୀୟ ଦୌଡ଼କୁଦରେ ଐତିହାସିକ ସଫଳତା ହାସଲ କରି ଆମ କ୍ରୀଡ଼ାବିତ୍‌ମାନେ ଆମ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସେମାନଙ୍କ ପାଇଁ ଆମେ ଅତ୍ୟନ୍ତ ଗର୍ବିତ। ଆଜିର ଏହି ସଫଳତା ଭବିଷ୍ୟତର ସମସ୍ତ କ୍ରୀଡ଼ାବିତ୍‌ମାନଙ୍କୁ ନିଶ୍ଚିତ ଭାବେ ପ୍ରୋତ୍ସାହିତ କରିବ। ଏଥିସହିତ ଓଡ଼ିଶାରେ ବିଶେଷଭାବରେ ମହିଳା କ୍ରୀଡ଼ାବିତ୍‌ମାନେ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରିତ ହେବେ।

ଅନିମେଷଙ୍କ ଏହି ପ୍ରଦର୍ଶନ ଲାଗି ଓଡ଼ିଶା ରିଲାଏନ୍ସ ଆଥଲେଟିକ୍ସ ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ମାର୍ଟିନ ଓଏନ୍ସ ଭୂୟସୀ ପ୍ରଶଂସା କରିଛନ୍ତି।

ଦ୍ୱିତୀୟ ଓଡ଼ିଶା ଖେଳାଳି ଭାବେ ଶ୍ରାବଣୀ ନନ୍ଦ ରୌପ୍ୟ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶ୍ରାବଣୀ, ଅଭିନୟା ରାଜରାଜନ, ସ୍ନେହା ଏସ୍‌ଏସ୍ ଓ ନିତ୍ୟା ଗାନ୍ଧେଙ୍କୁ ନେଇ ଗଠିତ ଭାରତୀୟ ୪ଗୁଣା ୧୦୦ ମିଟର ରିଲେ ଦଳ ଋତୁ ଶ୍ରେଷ୍ଠ ସମୟ ୪୩.୮୬ ସେକେଣ୍ଡରେ ରେସ୍ ଶେଷ କରି ରୌପ୍ୟ ପାଇଥିଲେ। ଚୀନ୍ (୪୩.୨୮ ସେକେଣ୍ଡ) ସ୍ୱର୍ଣ୍ଣ ଏବଂ ଥାଇଲାଣ୍ଡ (୪୪.୨୬ ସେକେଣ୍ଡ) କାଂସ୍ୟ ଜିତିଥିଲେ।

ଏହି ଦୁଇ ପଦକ ସହ ଭାରତକୁ ଶନିବାର ୩ ଲେଖାଏଁ ରୌପ୍ୟ ଓ କାଂସ୍ୟ ମିଳିଛି। ଅନ୍ୟ ଦୁଇ ରୌପ୍ୟ ପଦକ ପୁରୁଷ ଜାଭଲିନ୍‌ରେ ସଚିନ ଯାଦବ, ମହିଳା ୫୦୦୦ ମିଟରରେ ପାରୁଲ ଚୌଧୁରୀ ଜିତିଥିଲେ। ସଚିନ (୮୫.୧୬ ମିଟର) ବ୍ୟକ୍ତିଗତ ଶ୍ରେଷ୍ଠ ସହ ରୌପ୍ୟ ପାଇଥଲେ। ଅଲିମ୍ପିକ୍ସ ବିଜେତା ପାକିସ୍ତାନର ଅର୍ସଦ ନଦୀମ (୮୬.୪୦ ମିଟର) ସ୍ୱର୍ଣ୍ଣ ଏବଂ ଜାପାନର ୟୁତା ସାକିୟାମା (୮୩.୭୫ ମିଟର) କାଂସ୍ୟ ଜିତିଥିଲେ। ପାରୁଲ ୧୫:୧୫.୩୩ ସେକେଣ୍ଡରେ ରେସ୍ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ କାଜାଖସ୍ତାନର ନୋରା ଜେରୁଟୋ ତନୁଇ (୧୩:୫୮.୭୧) ସ୍ୱର୍ଣ୍ଣ ଏବଂ ଜାପାନର ୟୁମା ୟାମାମୋତୋ (୧୫:୧୬.୮୬) କାଂସ୍ୟ ପାଇଛନ୍ତି। କାଂସ୍ୟ ପଦକ ଦ୍ୱୟ ମହିଳା ୪୦୦ ମିଟର ବାଧାଦୌଡ଼ରେ ଭିତ୍ୟା ରାମରାଜ (୫୬.୪୬ ସେକେଣ୍ଡ) ଏବଂ ୮୦୦ ମିଟରରେ ପୂଜା (୨:୦୧.୮୯) ଜିତିଥିଲେ। ଏହି ପ୍ରତିଯୋଗିତାରେ ଭାରତ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ, ୬ କାଂସ୍ୟ ସହ ୨୪ ପଦକ ଜିତି ଚୀନ୍ (୧୯ ସ୍ୱର୍ଣ୍ଣ, ୯ ରୌପ୍ୟ, ୪ କାଂସ୍ୟ) ୩୨ ପଦକ ପଛକୁ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଗତ ସଂସ୍କରଣରେ ଭାରତ ୨୭ ପଦକ ଜିତିଥିଲା ଚଳିତ ସଂସ୍କରଣ ଏହାଠୁ ପଦକରେ ପଛରେ ପଡ଼ିଥିଲେ ମଧ ସ୍ୱର୍ଣ୍ଣରେ ୨ଟି ଅଧିକ ଜିତିଛି।

## ପ୍ରଥମ ଜେସିଏ କପ୍-୨୦୨୫

# ଫାଇନାଲରେ ଗ୍ରୀନ୍ସ କ୍ଲବ୍ ଭୁବନେଶ୍ୱର



**ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ) :** ୧୬ ବର୍ଷରୁ କମ୍ ପୁରୁଷ ଅନ୍ତଃ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଆୟୋଜକ ଜଟଣୀ କ୍ରିକେଟ୍ ଏକାଡେ଼ମିକୁ ୭ ୱିକେଟରେ ହରାଇ ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି ଗ୍ରୀନ୍ସ କ୍ରିକେଟ କ୍ଲବ୍ ଭୁବନେଶ୍ୱର। ଜଟଣୀ କଲେଜ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଜଟଣୀ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଅରବିନ୍ଦ ୩୬, ହରିଶ ରାମ ୨୧ ରନ୍ ସହାୟତାରେ ୮ ୱିକେଟ ହରାଇ ମାତ୍ର ୧୦୮ ରନ୍ ସଂଗ୍ରହ କରିପାରିଥିଲା। ଗ୍ରୀନ୍ସର ଦିପ୍ତାଂଶୁ ୩ଟି ଓମ୍ ବେହେରା, ଜଗନ୍ନାଥ, ଲିମା ଏବଂ ଓମ୍ ସାହୁ ଗୋଟିଏ ଲେଖାଏଁ ୱିକେଟ ଦଖଲ କରିଥିଲେ। ଜବାବରେ ୧୩.୧ ଓଭରରେ ୩ ୱିକେଟ ହରାଇ ଗ୍ରୀନ୍ସ କ୍ଲବ୍ ଭୁବନେଶ୍ୱର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦିପ୍ତାଂଶୁ ଦାସ ୩୦ ବଲରେ ୫୧ ରନ୍ (୭ ଚୌକା, ୨ ଛକା) ଏବଂ ଜଗନ୍ନାଥ ବେହେରା ୩୧ ବଲରେ ୩୭ ରନ୍ (୪ ଚୌକା, ୨ ଛକା) ମାରି ଦଳକୁ ଜିତାଇଥିଲେ। ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ଦିପ୍ତାଂଶୁ ଦାସକୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି।

# ଚତୁର୍ଥ ରାଉଣ୍ଡରେ ସିନ୍ନର



**ପ୍ୟାରିସ୍, ୧।୬:** ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଜାନିକ ସିନ୍ନର ଚଳିତ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଶନିବାର ତୃତୀୟ ରାଉଣ୍ଡ ମୁକାବିଲାରେ ୯୦ ମିନିଟ୍ ସମୟ ନେଇ ଏହି ଇଟାଲୀୟ ତାରକା ଚେସ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କୁ ୬-୦, ୬-୧, ୬-୨ ସେଟ୍‌ରେ ପରାସ୍ତ କରି ଆଉ ଏକ ଗ୍ରାଣ୍ଡସ୍ଲାମ୍ ବିଜୟ ଆଡ଼କୁ ଅଗ୍ରସର ହୋଇଛନ୍ତି। ତା'ସହିତ ଗ୍ରାଣ୍ଡସ୍ଲାମ୍ ପ୍ରତିଯୋଗିତାରେ ନିଜ ବିଜୟ ଧାରାକୁ ୧୭ମ୍ୟାଚ୍‌କୁ ବଢ଼ାଇଛନ୍ତି। ସିନ୍ନର ଗତବର୍ଷ ଏଠାରେ ବିଜେତା ହେବା ସହ ଚଳିତ ବର୍ଷର ଅଷ୍ଟ୍ରେଲିଆନ୍ ଓପନକୁ ମଧ ଜିତି ସାରିଛନ୍ତି। ଏଣୁ ଚଳିତବର୍ଷ ପୂର୍ବବର୍ଷର ସଫଳତା ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ଚତୁର୍ଥ ରାଉଣ୍ଡ୍‌ରେ ସିନ୍ନର ସପ୍ତଦଶ ସିଡ୍ ଆନ୍ଦ୍ରେ ରୁବଲେଭଙ୍କୁ ଭେଟିବେ। ରୁଭଲେଭଙ୍କ ତୃତୀୟ ରାଉଣ୍ଡ୍ ପ୍ରତିପକ୍ଷ ତଥା ସ୍ଥାନୀୟ ଖେଳାଳି ଅର୍ଥର ଫ୍ଲିସ୍ ଓହରିଯିବାରୁ ବିନା ଲଢ଼େଇରେ ସେ ଚତୁର୍ଥ ରାଉଣ୍ଡ୍ ଖେଳିବାର ଟିକେଟ୍ ପାଇ ଯାଇଛନ୍ତି।

ଅନ୍ୟପକ୍ଷରେ ମହିଳା ବର୍ଗରେ ତୃତୀୟ ସିଡ୍ ଆମେରିକାର ଜେସିକା ପେଗୁଲା ୩-୬, ୬-୪, ୬-୨ରେ ଚେସ୍ ରିପବ୍ଲିକ୍‌ର ମର୍କେଟା ଭାଣ୍ଡ୍ରୋସ୍କୋଭାଙ୍କୁ ଏବଂ ଷଷ୍ଠ ସିଡ୍ ରୁଷିଆର ମୀରା ଆଣ୍ଡ୍ରିଭା ୬-୩, ୬-୧ ସିଧାସଳଖ ସେଟ୍‌ରେ କାଜାଖସ୍ତାନର ୩୨ତମ ମାନ୍ୟତା ଖେଳାଳି ଜୁଲିଆ ପୁତିନତସେଭାଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି।

# ଓଡ଼ିଶା ନାଭାଲ ଟାଟା ଗ୍ରାସ୍‌ରୁଟ୍ ହକି ୩ରୁ

**ଭୁବନେଶ୍ୱର, ୧।୬ (ସଂଚାର ବ୍ୟୁରୋ):** ପଞ୍ଚମ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ଗ୍ରାସ୍‌ରୁଟ୍ ହକି ଲିଗ୍ (ପ୍ରଥମ ପର୍ଯ୍ୟାୟ) ଜୁନ୍ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦୁଇଟି ସ୍ଥାନ ଛତ୍ରପୁର ଓ ବଣାଇଠାରେ ଆୟୋଜିତ ହେବ। ଏଥିରେ ଏଚ୍‌ସିପି ଅଧୀନରେ କାର୍ଯ୍ୟ କରୁଥିବା ୩୪ ପ୍ରଶିକ୍ଷଣ କେନ୍ଦ୍ରର ୧୬ବର୍ଷରୁ କମ୍ ବାଳକ ଓ ବାଳିକା ଖେଳାଳିମାନେ ଅଂଶଗ୍ରହଣ କରିବେ। ହକି ଏସ୍ ଫାଉଣ୍ଡେସନ୍, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଲିଗ୍ ପ୍ରତିଭା ଚିହ୍ନଟ ଏବଂ ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ପ୍ରତ୍ୟେକ ଭେନ୍ୟୁରେ ୧୬ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଦଳଗୁଡ଼ିକୁ ବିଭିନ୍ନ ଗ୍ରୁପ୍‌ରେ ବିଭକ୍ତ କରାଯିବା ସହ ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ଦୁଇ ଦଳ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଫାଇନାଲ୍ ପର୍ଯ୍ୟାୟ ଲାଗି ୮ଟି ଲେଖାଏଁ ବାଳକ ଓ ବାଳିକା ଦଳ ଯୋଗ୍ୟତା ଅର୍ଜନ କରିବେ। ଫାଇନାଲ୍ ପର୍ଯ୍ୟାୟ ଦୁଇ ଗ୍ରୁପ୍ ବିଶିଷ୍ଟ ହେବା ସହ ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ରହିବେ। ଏହା ଦ୍ୱାରା ପ୍ରତିଯୋଗିତାର ଉଚ୍ଚମାନକୁ ବଜାୟ ରଖିହେବ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି। ସେହିଭଳି ଏହି ଲିଗ୍ ପ୍ରତିଭାବାନ ଖେଳାଳିଙ୍କୁ ନିଜ ପ୍ରତିଭାର ପରିପ୍ରକାଶ କରିବା ଲାଗି ଏକ ବଳିଷ୍ଠ ମଞ୍ଚ ହେବ। ସେହିଭଳି ଗ୍ରାସ୍‌ରୁଟ୍ ବା ତୃଣମୂଳ ସ୍ତର ତଥା ଉଚ୍ଚ ପ୍ରଦର୍ଶନ କେନ୍ଦ୍ର (ଏଚ୍‌ସିସି)ର ପ୍ରଶିକ୍ଷଣ ମଧ୍ୟରେ ଥିବା ବ୍ୟବଧାନକୁ ଜାଣିବା ଏବଂ ପୂରଣ କରିବା ଲାଗି ସେମାନଙ୍କୁ ସୁଯୋଗ ପ୍ରଦାନ କରିବ।

# ଖୁବଶୀଘ୍ର ବିବାହ କରିବେ ରିଙ୍କୁ ସିଂହ





✪ ଜୁନ୍ ୮ରେ ନିର୍ବନ୍ଧ
✪ ନଭେମ୍ବରରେ ବାହାଘର

**ନୂଆଦିଲ୍ଲୀ, ୧।୬:** ଭାରତୀୟ ଦଳର ଷ୍ଟାର କ୍ରିକେଟର ରିଙ୍କୁ ସିଂହ ଖୁବଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ରିଙ୍କୁଙ୍କ ବିବାହ ତାରିଖ ସାମ୍ନାକୁ ଆସିଛି। ସପା ସାଂସଦ ପ୍ରିୟା ସରୋଜଙ୍କ ସହିତ ତାଙ୍କ ବିବାହ ତାରିଖ ଧାର୍ଯ୍ୟ ହୋଇଛି। ଚଳିତ ବର୍ଷ ଆରମ୍ଭରେ ଉଭୟଙ୍କ ରୋକା ହୋଇଥିଲା। ଏବେ ଉଭୟ ଖୁବ୍ ଶୀଘ୍ର ସାତଫେରା ନେବେ। ଏହି କପଲଙ୍କ ବିବାହ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି ଏବଂ ଏବେ ନିର୍ବନ୍ଧ ସେରମନି ଏବଂ ବିବାହର ତାରିଖ ମଧ ସ୍ଥିର ହୋଇଛି। ରିଙ୍କୁ ସିଂହ ଏବଂ ସାଂସଦ ପ୍ରିୟା ସରୋଜଙ୍କ ନିର୍ବନ୍ଧ ଜୁନ୍ ୮ ତାରିଖରେ ଲକ୍ଷ୍ନୌର ଏକ ସେଭେନ୍ ଷ୍ଟାର ହୋଟେଲରେ ଅନୁଷ୍ଠିତ ହେବ। ବିବାହ ନଭେମ୍ବର ୧୮ ତାରିଖରେ ବାରାଣସୀର ତାଜ୍ ହୋଟେଲରେ କରାଯିବ। ଏହି ବିବାହରେ ଅନେକ ବଡ଼ ରାଜନେତା, ଫିଲ୍ମ ଷ୍ଟାର ଏବଂ ଶିଳ୍ପପତି ଯୋଗଦେବେ। ସପା ବିଧାୟକଙ୍କ ନିକଟତମ ଲୋକଙ୍କ ଅନୁସାରେ, ବିବାହ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ। ନିର୍ବନ୍ଧରେ କେବଳ ପରିବାର ଏବଂ ନିକଟ ସଂପର୍କୀୟ ଲୋକ ଯୋଗ ଦେବେ। ସୂଚନାଯୋଗ୍ୟ, ରିଙ୍କୁ ସିଂହ ଏବଂ ପ୍ରିୟା ସରୋଜ ଉଭୟ ପରସ୍ପରକୁ ପୂର୍ବରୁ ଜାଣନ୍ତି। ପ୍ରିୟାଙ୍କ ସାଙ୍ଗଙ୍କ ବାପା ରିଙ୍କୁ ସହିତ ପରିଚିତ କରାଇଥିଲେ। ପ୍ରିୟା ସରୋଜ ଭାରତର ସବୁଠାରୁ ଯୁବ ମହିଳା ସାଂସଦ। ୨୬ ବର୍ଷୀୟା ପ୍ରିୟା ସରୋଜ ୨୦୨୪ ଲୋକସଭା ନିର୍ବାଚନରେ ମଛଲିସହର ଆସନରୁ ସମାଜବାଦୀ ପାର୍ଟି ଟିକେଟରେ ଲଢ଼ି ବିଜୟ ହାସଲ କରିଥିଲେ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩୫୮୫୦ ଭୋଟରେ ପରାସ୍ତ କରିଥିଲେ। ୧୯୯୮ ନଭେମ୍ବର ୨୩ରେ ଜନ୍ମିତ ପ୍ରିୟା ଦିଲ୍ଲୀସ୍ଥିତ ଏୟାରଫୋର୍ସ ଗୋଲ୍ଡେନ ଜୁବଲି ଇନଷ୍ଟିଚ୍ୟୁଟରୁ ନିଜର ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକ କରିବା ପରେ ନୋଏଡାରେ ଏଲଏଲବି ଡିଗ୍ରୀ ହାସଲ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁଗ୍ଧଚାଷୀଙ୍କୁ ...

କରୁଛି। ଆମ ରାଜ୍ୟରେ ୨୦୨୩-୨୪ ବର୍ଷରେ ୨୬.୪ ଲକ୍ଷ ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦିତ ହୋଇଥିବା ବେଳେ ଏହାକୁ ଆଗାମୀ ୫ ବର୍ଷରେ ଦ୍ୱିଗୁଣିତ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି। ସେଥିପାଇଁ ଲୋକଙ୍କ ସରକାର ରାଜ୍ୟରେ ଗୋପାଳନର ବିକାଶ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଆରମ୍ଭ କରିଛନ୍ତି। ଏଥିରେ ଚାଷୀମାନଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ଅନୁଦାନ ରାଶି ପାଇଛନ୍ତି। ଫଳରେ ଏହି ଯୋଜନା ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ସମୃଦ୍ଧ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ଗୋଶାଳା ପ୍ରତିଷ୍ଠା ଓ ପଞ୍ଜୀକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ସରକାର ୧୮୬ କୋଟି ବ୍ୟୟରେ 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା' ଆରମ୍ଭ କରିଥିବା ବେଳେ ବୁଲା ଓ ଅସହାୟ ଗୋରୁଗାଈଙ୍କ ଖାଦ୍ୟ, ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ପଞ୍ଜୀକୃତ ଗୋଶାଳାକୁ ଗୋରୁ ପିଛା ଦୁଇଟି କିସ୍ତିରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଗତବର୍ଷ ନଭେମ୍ବରରେ ୬୮ଟି ଗୋଶାଳାକୁ ୯ କୋଟି ଟଙ୍କା ଦିଆଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଜି ୭୭ଟି ଗୋଶାଳାକୁ ୧୦.୫ କୋଟି ଟଙ୍କା ଦିଆଯାଇଛି। ଏହି ଅର୍ଥ ରାଜ୍ୟର ପ୍ରାୟ ୨୨ ହଜାର ନିରାଶ୍ରୟ ଗୋରୁଗାଈଙ୍କ ପାଇଁ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇଥଇବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଦୁଗ୍ଧ ଉତ୍ପାଦନ ଓ ଦୁଗ୍ଧ ଜାତୀୟ ପଦାର୍ଥ ଉତ୍ପାଦନ ଯୋଗୁଁ ଆଜି ଓଡ଼ିଶାର ମା' ଭଉଣୀମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି ବିଭାଗ ସହ ମିଶନ ଶକ୍ତିର ସଦସ୍ୟମାନେ ସଂଶ୍ଳିଷ୍ଟ ରହି ଅର୍ଗାନିକ୍ ବାୟୋ କମ୍ପୋଷ୍ଟ ତିଆରି କରି ନିଜକୁ ଲକ୍ଷପତି ଦିଦିର ପରିଚିତି ଦେଇପାରିଛନ୍ତି।

ଏହାଛଡ଼ା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ସମାଜରେ ପ୍ରତ୍ୟେକ ସ୍ତରରେ ରୋଜଗାର ବୃଦ୍ଧି କରିବାରେ ସହାୟକ ହେଉଛି। ଦେଶର ଆର୍ଥିକ ଅଭିବୃଦ୍ଧି ଗାଁର ସ୍ୱାବଲମ୍ବନଶୀଳତା ଉପରେ ନିର୍ଭରଶୀଳ। ଏହାଛଡ଼ା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ କ୍ରାନ୍ତି ଆଣିଥିବା ବେଳେ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରି ଦୁଗ୍ଧ ଉତ୍ପାଦନରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ଦିଗରେ ସରକାର ପ୍ରଚେଷ୍ଟା କରୁଥିବା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଣୀ ପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ।

## ମା' ଭଟ୍ଟାରିକାଙ୍କ ...

ହେଲେ ତାହା ସିଧା ଯାଇ ମହାନଦୀ ଜଳରେ ପଡ଼ିବା ସହ ତଳ ଅଞ୍ଚଳକୁ ବୋହିଯାଉଛି।

ସେହିଭଳି ମା'ଙ୍କ ମନ୍ଦିରରୁ ବାହାରୁଥିବା ପୂଜାସାମଗ୍ରୀ ବି ମନ୍ଦିର ସମ୍ମୁଖରେ ଗଦାକରି ଦିଆଯାଉଛି। ଏହା ଏଠାରେ ପଚିବା ସହ ପବନରେ ଉଡ଼ି ମହାନଦୀ ଜଳରେ ମିଶୁଛି। ମନ୍ଦିର ନିକଟରେ ଆବର୍ଜନା ପାଇବା ସକାଶେ ଡଷ୍ଟବିନ୍ ନ ଥିବାରୁ ଏପରି ସମସ୍ୟା ହେଉଛି। ଏଠାକୁ ଦୈନିକ ଆସୁଥିବା ଭକ୍ତଙ୍କ ମଧ୍ୟରେ ରାଜନେତାଠାରୁ ଆରମ୍ଭ କରି ପ୍ରଶାସକ ରହିଛନ୍ତି। ସମସ୍ତଙ୍କ ନଜରରେ ମଧ୍ୟ ଏଠାକାର ସ୍ଥିତି ଆସୁଛି। କିନ୍ତୁ ମା'ଙ୍କ ପୀଠକୁ ପ୍ଲାଷ୍ଟିକମୁକ୍ତ କରିବାକୁ କେହି ସେଭଳି ଧ୍ୟାନ ଦେଉନାହାନ୍ତି।

ବର୍ତ୍ତମାନ ମା' ଭଟ୍ଟାରିକାଙ୍କ ପୀଠରେ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ମନ୍ଦିର ପରିସରରେ ବାଲି, ଗୋଡି, ଲୁହାରଡ଼ ଆଦି ଗଦା ହୋଇଛି। ଏଥିସହ ଭକ୍ତମାନେ ଫିଙ୍ଗୁଥିବା ପ୍ଲାଷ୍ଟିକ ଓ ଅଇଁଠା ଖଲି ମିଶିଯାଉଛି। ସେହିଭଳି ଭକ୍ତଙ୍କ ପ୍ରସାଦ ସେବନ ପାଇଁ ଥିବା ସ୍ଥାନଟି ପରିଷ୍କାର ପରିଚ୍ଛନ୍ନ କରାଯାଉନାହିଁ। ଅଇଁଠା ଉପରେ ବସି ଭକ୍ତମାନେ ପ୍ରସାଦସେବନ କରିବାକୁ ବାଧ୍ୟ ହେଉଥିବାବେଳେ ସେଠାରେ ମାଳ ମାଳ କୁକୁର ବି ଶୋଉଥିବା ଦେଖିବାକୁ ମିଳୁଛି।

ତେଣୁ ରାଜ୍ୟ ସରକାର ଦେବପୀଠ ଓ ପର୍ଯ୍ୟଟନକ୍ଷେତ୍ରଗୁଡିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଯେଉଁ ଉଦ୍ୟମ ଚଳାଇଛନ୍ତି, ସେଥିରେ ମା' ଭଟ୍ଟାରିକାଙ୍କ ପୀଠ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମତ ପ୍ରକାଶ ପାଉଛି। କାରଣ ଏଠାରେ ଗଦା ହେଉଥିବା ମାରାତ୍ମକ ପ୍ଲାଷ୍ଟିକ ଓ ଥର୍ମକୁଲ ଥାଳି ଆଦି ସିଧାସଳଖ ମହାନଦୀର ଜଳରାଶିରେ ମିଶୁଛି। ରାଜ୍ୟ ସରକାର ଏହିସବୁ ସାମଗ୍ରୀକୁ ନିଷିଦ୍ଧ କରିଥିବା ବେଳେ ଭଟ୍ଟାରିକାଙ୍କ ପୀଠକୁ ଏହା କିଭଳି ଆସୁଛି ଓ ମା'ଙ୍କ ମନ୍ଦିର ସାମ୍ନାରେ ଗଦା ହେବା ସହ ମହାନଦୀ ଜଳରେ ମିଶୁଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସିକ୍କିମରେ...

ଲାଚୁଙ୍ଗରେ ପ୍ରାୟ ୧୩୫୦ ପର୍ଯ୍ୟଟକ ଫସିରହିଛନ୍ତି। ଉଭୟ ପାର୍ଶ୍ୱରୁ ରାସ୍ତା ବନ୍ଦ ରହିଥିବା ବେଳେ ସମସ୍ତ ପର୍ଯ୍ୟଟକଙ୍କୁ ହୋଟେଲରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଭୀଷଣ ବର୍ଷାରେ ୨ଟି ପୋଲ ମଧ୍ୟ ଭାଙ୍ଗିଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଗତ ବୁଧବାର ମଙ୍ଗନରେ ଏକ ପର୍ଯ୍ୟଟକ ଗାଡ଼ି ପ୍ରାୟ ୧୦୦୦ ଫୁଟ ଗଭୀର ଖାଇରେ ଖସି ତିସ୍ତା ନଦୀରେ ବୁଡ଼ିଯାଇଥିଲା। ଏଥିରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଅନ୍ୟ ୮ ଜଣ ଅଦ୍ୟାବଧି ନିଖୋଜ ଥିବା ବେଳେ ଯାଜପୁର ବ୍ୟାସନଗର ଅଞ୍ଚଳର ବିଜେପି ନେତ୍ରୀ ଇତିଶ୍ରୀ ଜେନା ଓ ତାଙ୍କ ପରିବାରର ଅନ୍ୟ ୩ ଜଣ ସଦସ୍ୟଙ୍କର କୌଣସି ପତ୍ତା ମିଳିପାରିନାହିଁ। ପ୍ରବଳ ବର୍ଷା ଯୋଗୁଁ ନଦୀର ଜଳସ୍ତର ବଢ଼ୁଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଓଡ଼ିଶା ଓ ସିକ୍କିମ ସରକାର ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଦୁର୍ଘଟଣା ସମୟରେ ପର୍ଯ୍ୟଟକ ଗାଡିରେ ସମୁଦାୟ ୧୧ ଜଣ ଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରାଯାଇପାରିଛି। ଉଦ୍ଧାର କାର୍ଯ୍ୟରେ ଆଇଟିବିପି, ଏସଡିଆରଏଫ ଓ ଏନଡିଆରଏଫ ଯବାନଙ୍କୁ ମୁତୟନ କରାଯାଇଥିବା ଜଣାପଡ଼ିଛି।

ଗତକାଲି ପ୍ରବଳ ବର୍ଷା, ଭୂସ୍ଖଳନ ଓ ତିସ୍ତା ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ମାଙ୍ଗନ ଡିସି ଆନନ୍ଦ ଜୈନ ଓ ଏସପି ସୋନମ ଡେଚୁ ଭୂଟିଆ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ପ୍ରତି ଦୃଷ୍ଟି ରଖିଛନ୍ତି। ପ୍ରବଳ ବର୍ଷା ଯୋଗୁଁ ବିଜୁଳି ଓ ମୋବାଇଲ ନେଟୱାର୍କ ମଧ୍ୟ ପ୍ରଭାବିତ ହୋଇଛି। ପ୍ରବଳ ବର୍ଷା ପରିପ୍ରେକ୍ଷୀରେ ଟୁରିଷ୍ଟ ପରମିଟ୍‌କୁ ବି ବନ୍ଦ କରିଦିଆଯାଇଛି।

## ଆକ୍ରାନ୍ତଙ୍କ...

ଏହି ରାଜ୍ୟରେ ସର୍ବାଧିକ ୧୪୦୦ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ଦ୍ୱିତୀୟ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି। ମହାରାଷ୍ଟ୍ରରେ ୪୮୫ ଜଣ ସଂକ୍ରମିତ ଚିହ୍ନଟ ହୋଇସାରିଥିବା ବେଳେ ରାଜଧାନୀ ଦିଲ୍ଲୀରେ ୪୩୬ ଜଣ ସଂକ୍ରମିତଙ୍କୁ ଠାବ କରାଯାଇଛି। ଏହାଛଡ଼ା ଗୁଜରାଟରେ ୩୨୦ ଜଣ, ପଶ୍ଚିମବଙ୍ଗରେ ୨୮୭ ଜଣ, କର୍ଣ୍ଣାଟକରେ ୨୩୮ ଜଣ, ତାମିଲନାଡୁରେ ୧୯୯ ଜଣ, ଉତ୍ତରପ୍ରଦେଶ ୧୪୭ ଜଣ, ରାଜସ୍ଥାନରେ ୬୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୨୨ ତାରିଖରେ ଦେଶରେ ମାତ୍ର ୨୫୭ ଜଣ ସକ୍ରିୟ ସଂକ୍ରମିତ ରହିଥିବା ବେଳେ ମେ' ୨୬ରେ ଏହା ୧୦୧୦ରେ ପହଞ୍ଚିଥିଲା। କିନ୍ତୁ ଶନିବାର ସୁଦ୍ଧା ଏହା ତିନି ଗୁଣରୁ ଅଧିକ ବୃଦ୍ଧି ପାଇ ୩୩୯୫ରେ ପହଞ୍ଚିସାରିଛି। ତଥ୍ୟ ଅନୁଯାୟୀ, ନୂତନ ମାମଲା ମଧ୍ୟରୁ ପଶ୍ଚିମବଙ୍ଗରେ ୮୨ ସଂକ୍ରମଣ ହୋଇଥିବା ରିପୋର୍ଟ ହୋଇଛି, ତା'ପରେ କେରଳରେ ୬୪, ଦିଲ୍ଲୀରେ ୬୧ ଏବଂ ଗୁଜରାଟରେ ୫୫ ଜଣ ସଂକ୍ରମଣ ହୋଇଛନ୍ତି। ବିଚଳିତ ନହେବାକୁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଆଇସିଏମଆର ମହାନିର୍ଦ୍ଦେଶକ ଡକ୍ଟର ରାଜୀବ ବହଲ କହିଛନ୍ତି ଯେ ପଶ୍ଚିମ ଏବଂ ଦକ୍ଷିଣ ଅଞ୍ଚଳରୁ ନମୁନାଗୁଡ଼ିକର ଜିନୋମ୍ କ୍ରମ ସୂଚାଇଛି ଯେ ବର୍ତ୍ତମାନର ବୃଦ୍ଧି ଓମିକ୍ରନର ଉପ-ଭାରିଆଣ୍ଟ ଦ୍ୱାରା ହେଉଛି, ଯାହା ଏପର୍ଯ୍ୟନ୍ତ ମୃଦୁ ପ୍ରକୃତିର ବୋଲି ଜଣାପଡିଛି।

## ଓଡ଼ିଶାରେ...

ରାଜ୍ୟର ମୋଟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୧୧ରେ ପହଞ୍ଚିଯାଇଛି। କାରଣ ଆଜି ଦିନକ ଭିତରେ ରାଜ୍ୟରେ ୪ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ତେବେ ନୂଆ ଭାରିଆଣ୍ଟ ସିଭିୟର କରୁନଥିବାରୁ ଭୟଭୀତ ନହେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏବେ କୋଭିଡ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଏବେ ଯେଉଁ ଭାରିଏଣ୍ଟ ଚିହ୍ନଟ ହୋଇଛି, ତାହା ମାଇଲଡ ଷ୍ଟ୍ରେନ। ତେଣୁ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## କୃଷି କ୍ଷେତ୍ର...

'ମା' ପାଇଁ ଗଛଟିଏ' ଅଭିଯାନରେ ଚାରା ରୋପଣ କରିଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଏବଂ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଉପସ୍ଥିତ ଥିଲେ।

## ୫ରେ...

ଉପସ୍ଥିତ ରହିବେ। ଏହି ସମାରୋହ ପାଖେଇ ଆସୁଥିବା ବେଳେ ରାମ ମନ୍ଦିରରେ ଏଥିପାଇଁ ପ୍ରସ୍ତୁତି ବେଶ୍ ଜୋରସୋରରେ ଆଗେଇ ଚାଲିଛି। ଏହି ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବା ସକାଶେ ଅଯୋଧ୍ୟାରେ ପହଞ୍ଚିଥିବା ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ କ୍ରମାଗତ ଭାବେ ବଢ଼ିଚାଲିଛି। ରାମଲାଲାଙ୍କ ଦର୍ଶନ ପରେ ଭକ୍ତମାନେ ରାଜା ଶ୍ରୀ ରାମଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ଉତ୍ସାହିତ ଅଛନ୍ତି। ଅନ୍ୟପକ୍ଷରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଏସଏସପି ଡକ୍ଟର ଗୌରବ ଗ୍ରୋଭର କହିଛନ୍ତି ଯେ ରାମନଗରୀ ସୁରକ୍ଷାରେ ପରିପୂର୍ଣ୍ଣ। ସମସ୍ତ କାର୍ଯ୍ୟକ୍ରମ ସ୍ଥଳରେ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଉଛି। ଏଥିସହ ଦର୍ଶନ ପାଇଁ ଅଯୋଧ୍ୟା ଆସୁଥିବା ଭକ୍ତମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି ଶ୍ରୀ ଗ୍ରୋଭର୍ କହିଛନ୍ତି।

ରାଜା ଶ୍ରୀରାମଙ୍କ ସହ ଅନ୍ୟ ୭ଟି ଉପମନ୍ଦିରରେ ସ୍ଥାପିତ ମୂର୍ତ୍ତିଗୁଡ଼ିକରେ ମଧ୍ୟ ପ୍ରାଣପ୍ରତିଷ୍ଠା କରାଯିବ। ଏଥିରେ ପ୍ରାଚୀରର ଉତ୍ତର-ପୂର୍ବ କୋଣରେ ଶିବଲିଙ୍ଗ, ଅଗ୍ନି କୋଣରେ ପ୍ରଥମ ଅଗ୍ରପୂଜ୍ୟ ଶ୍ରୀ ଗଣେଶ, ଦକ୍ଷିଣ ଭୂଜାର ମଧ୍ୟଭାଗରେ ମହାବଳୀ ହନୁମାନ, ଦକ୍ଷିଣ-ପଶ୍ଚିମ କୋଣରେ ପ୍ରତ୍ୟକ୍ଷ ଦେବତା ସୂର୍ଯ୍ୟ, ଉତ୍ତର-ପଶ୍ଚିମ କୋଣରେ ମା' ଭଗବତୀ ଓ ଉତ୍ତର ଭୂଜା ମଧ୍ୟଭାଗରେ ଅନ୍ନପୂର୍ଣ୍ଣା ମାତାଙ୍କ ମୂର୍ତ୍ତିର ବିଗ୍ରହରେ ପ୍ରାଣପ୍ରତିଷ୍ଠା କରାଯିବ। ତା'ଛଡ଼ା ମୁଖ୍ୟ ମନ୍ଦିରର ପ୍ରଥମ ମହଲାରେ ରାମ ଦରବାର ଓ ପ୍ରାଚୀରର ଦକ୍ଷିଣ-ପଶ୍ଚିମ କୋଣରେ ଶେଷାବତାର ପ୍ରତିମାରେ ମଧ୍ୟ ପ୍ରାଣ ପ୍ରତିଷ୍ଠା କରାଯିବ ବୋଲି ଜଣାପଡ଼ିଛି।

## ଆରପାରିରେ ...

ପ୍ରଧାନମନ୍ତ୍ରୀଙ୍କୁ ଭାଇ ବୋଲି ସ୍ୱୀକାର କରି ରକ୍ଷାବନ୍ଧନରେ ତାଙ୍କ ନିକଟକୁ ରାକ୍ଷୀ ପଠାଇଥିଲେ। ଏହାଛଡ଼ା ନିକଟରେ 'ଅପରେସନ୍ ସିନ୍ଦୂର'ରେ ଭାରତୀୟ ସେନାର ସଫଳତା ପରିପ୍ରେକ୍ଷୀରେ ବଧେଇ ଜଣାଇବା ସକାଶେ କମଳା ତିନି ସେନା ମୁଖ୍ୟଙ୍କ ପାଇଁ ଟୋପି ପଠାଇଥିଲେ।

ଜଣେ ସ୍ୱାବଲମ୍ବୀ ମହିଳା ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଥିବା କମଳାଙ୍କୁ ବିଭିନ୍ନ ଅନୁଷ୍ଠାନ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ରାଜ୍ୟ ସହ ଦେଶରେ ଚର୍ଚ୍ଚା ସାଉଁଟିପାରିଥିବା କମଳା ଗତ ଶୁକ୍ରବାର ହଠାତ୍ ଚେୟାର୍‌ରୁ ତଳେ ପଡ଼ିଯାଇଥିଲେ। ତାଙ୍କ ଅଣ୍ଟା ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାରୁ ତାଙ୍କୁ ପରିବାର ଲୋକେ କଟକ ନେଇଯାଇଥିଲେ। ସେଠାରେ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ଶନିବାର ରାତିରେ ସେ ପ୍ରାଣ ହରାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଦୁଃଖ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଥିଲେ। ସ୍ୱାମୀ ବିଜୟକେତନ, ୫ ଝିଅ ଓ ଗୋଟିଏ ପୁଅକୁ ଶୋକସାଗରରେ ଭସାଇ କମଳା ପରଲୋକ ଗମନ କରିଛନ୍ତି। ଆଜି ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ୧୬ ଫୁଟର ଗାନ୍ଧୀ ପ୍ରତିମୂର୍ତ୍ତି ଉନ୍ମୋଚିତ



**ରାୟଗଡ଼ା, ୧।୬(ସଂଚାର ବ୍ୟୁରୋ):** ରାୟଗଡ଼ା ପୌର ପରିଷଦ ପକ୍ଷରୁ ପୌର ପରିଷଦସ୍ଥିତ ଜିସିଡି ହାଇସ୍କୁଲ ସମ୍ମୁଖସ୍ଥ ଗାନ୍ଧୀ ପାର୍କରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଏକ ୧୬ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ଓ ଦାଣ୍ଡି ଯାତ୍ରା ଅଭିଯାନ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଉନ୍ମୋଚନ କାର୍ଯ୍ୟକ୍ରମରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ନଗର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କ ସମେତ କାଉନସିଲର ସନ୍ତୋଷ ଦଳେଇ, ଗୋପୀନାଥ ଗଉଡ଼, ମଞ୍ଜୁଳା ମିଣିୟାକାଙ୍କ ସମେତ ପରିଷଦର ସମସ୍ତ ପରିଷଦ ବର୍ଗ ତଥା ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ରାୟଗଡ଼ାକୁ ଏକ ସୁନ୍ଦର ସହର ଭାବେ ଗଢ଼ି ତୋଳିବା ପାଇଁ ଓ ଏହାର ବିକାଶରେ ଆବଶ୍ୟକ ପଡ଼ିଲେ ବିଧାୟକ, ସାଂସଦ ସହଯୋଗର ହାତ ବଢ଼େଇବାକୁ ପ୍ରସ୍ତୁତ ରହିଥିବା ଅତିଥିଗଣ କହିଛନ୍ତି। ଏଥିସହ ରାୟଗଡ଼ାକୁ ସ୍ମାର୍ଟ ସିଟିର ମାନ୍ୟତା ଦେବା ସକାଶେ ସରକାରଙ୍କ ନିକଟରେ ଦାବି କରାଯିବ। ତା'ଛଡ଼ା ସରକାରଙ୍କ ପକ୍ଷରୁ କିଛି ଅନୁଦାନ ମିଳିଲେ ରାୟଗଡ଼ା ପୌର ପରିଷଦ ଆହୁରି ବିକଶିତ ହେବ ବୋଲି ସାଂସଦ ଶ୍ରୀ ଉଲାକା କହିଛନ୍ତି।

### ବନପାଳଙ୍କୁ ପୋଡ଼ି ହତ୍ୟା କରିବା ଘଟଣା

## ଅଭିଯୁକ୍ତ ପତ୍ନୀ ଓ ପୁଅ ଗିରଫ

● ଟାଉନ୍ ପୁଲିସ କଲା ସିନ୍ ରିକ୍ରିଏସନ୍



**ନୟାଗଡ଼, ୧।୬ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚରିଡ଼ା ବନପାଳଙ୍କୁ ତାଙ୍କ ଘରେ ପତ୍ନୀ ଓ ପୁଅ ହତ୍ୟା କରିଛନ୍ତି। ବନପାଳ ଶିଶିର କୁମାର ସାହୁଙ୍କୁ ପିଟିପିଟି ହତ୍ୟା କରାଯିବା ପରେ ପ୍ରମାଣ ନଷ୍ଟ ତଥା ଆତ୍ମହତ୍ୟା ରୂପ ଦେବାକୁ ପ୍ରେଟୋଲ ଢାଳି ନିଆଁ ଲଗାଇ ଦିଆଯାଇଛି । ଏହି ଘଟଣାରେ ପୁଲିସ ବନପାଳଙ୍କ ସ୍ତ୍ରୀ ନମିତା ସାହୁ ପୁଅ ଅଭିଷେକ ରଣସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ କାରାଗାରକୁ ପଠାଇ ଦିଆଯାଇଛି। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ସଦଳବଳେ ଦୁଇ ଅଭିଯୁକ୍ତଙ୍କୁ ନେଇ ସିନ ରିକ୍ରିଏସନ କରାଇଛନ୍ତି । ଶିଶିରଙ୍କୁ ମାରିବା ପାଇଁ ପୂର୍ବରୁ ଯୋଜନା ପ୍ରସ୍ତୁତ କରି ପତ୍ନୀ ଓ ପୁଅ ୬ ଲିଟର ପ୍ରେଟୋଲ ଆଣି ଘରେ ରଖିଥିଲେ । ପୁଲିସ ଘଟଣାର ତଦନ୍ତ କରିବା ପରେ ପତ୍ନୀ ଓ ପୁଅ ହତ୍ୟାକାରୀ ବୋଲି ସ୍ପଷ୍ଟ ହୋଇଥିଲା । ଶିଶିର ଦୀର୍ଘଦିନ ଧରି ଜଣେ ମହିଳା ବନରକ୍ଷୀଙ୍କ ସହ ପ୍ରେମ ସମ୍ପର୍କରେ ରହିଥିଲେ । ଯାହାକୁ ନେଇ ସେ ନିଜ ପରିବାରକୁ ଅଣଦେଖା କରୁଥିଲେ । ସ୍ତ୍ରୀଙ୍କୁ ଶାରୀରିକ ନିର୍ଯ୍ୟାତନା ମଧ ଦେଉଥିଲେ। ପୁଅ ଓ ସ୍ତ୍ରୀ ଏହି ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଘରେ ଅନେକ ଥର ଗଣ୍ଡଗୋଳ ଘଟିଥିଲା । ଆଜି ସିନ୍ ରିକ୍ରିଏସନ୍ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ କାରାଗାରକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି । ଏହା ସହିତ ହତ୍ୟାକାଣ୍ଡ ଘଟିଥିବା ଘରକୁ ପୁଲିସ ସିଲ୍ କରି ଦେଇଥିବା ଜଣାପଡ଼ିଛି। ପୁଲିସ ଆଜି ପ୍ରେଟୋଲ ଅଣାଯାଇଥିବା ଜାରକିନ୍, ଲୁହା ପାଇପ ଓ ହତ୍ୟାରେ ବ୍ୟବହୃତ ଅନ୍ୟାନ ସାମଗ୍ରୀ ଜବତ କରିଛି । ଏହା ସହିତ ଘରେ ଲାଗିଥିବା ସିସିଟିଭି ହାର୍ଡ଼ଡିକ୍ସକୁ ପୁଲିସ ଜବତ କରିଥିବା ସୂଚନା ମିଳିଛି ।

## ଭିନ୍ନକ୍ଷମ ଶିଶୁଙ୍କ ପ୍ରୋସ୍ଥେଟିକ୍ ମାପ ଶିବିର



**କେନ୍ଦ୍ରାପଡ଼ା, ୧।୬ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲାରେ ଦୀର୍ଘ ବର୍ଷ ଧରି ବୌଦ୍ଧିକ ଭିନ୍ନକ୍ଷମ ଶିଶୁଙ୍କୁ ଥେରାପି ସେବା ପ୍ରଦାନ କରି ଆସୁଥିବା ପୁନର୍ବାସ ଅନୁଷ୍ଠାନ ଏବଂ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ପ୍ରୋସ୍ଥେଟିକ୍ ମାପ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମାଧପୁରସ୍ଥିତ ଥେରାପି କେନ୍ଦ୍ରରେ ଆୟୋଜିତ ହୋଇଥିବା ଏହି ଶିବିରରେ ସମୁଦାୟ ୧୦ ଜଣ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ଶିଶୁଙ୍କ ଗୋଡ଼ ଓ ହାତ ନିମନ୍ତେ ପ୍ରୋସ୍ଥେଟିକ୍ ସହାୟକ ଉପକରଣର ମାପ ନିର୍ଦ୍ଧାରଣ କରାଯାଇଥିଲା । ବରିଷ୍ଠ ଥେରାପିଷ୍ଟ ଗିରିଜା ଶଙ୍କର ଖୁଣ୍ଟିଆ ଓ ରଶ୍ମିବାଳା ବେହେରା ଏବଂ ଟେକେନିକାଲ୍ ସହାୟକ ଶ୍ୟାମସୁନ୍ଦର ଷଡ଼ଙ୍ଗୀ ଏହି ସ୍ୱତନ୍ତ୍ର ଶିଶୁଙ୍କ ମାପ ନିର୍ଣ୍ଣୟ କରିଥିଲେ । ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାକ୍ତନ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଅତିଥି ରୂପେ ଯୋଗ ଦେଇଥିବାବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଓ ସହ ସମ୍ପାଦକ ବଂଶୀଧର ମହାନ୍ତି ଉପସ୍ଥିତ ରହି ସ୍ୱତନ୍ତ୍ର ଶିଶୁଙ୍କ ଅଭିଭାବକ ଓ ଭୁବନେଶ୍ୱରରୁ ଆସିଥିବା ପ୍ରୋସ୍ଥେଟିକ୍ ଟିମ୍ ସହ ଭାବ ବିନିମୟ କରିଥିଲେ।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳିତ



**ନବରଙ୍ଗପୁର, ୧।୬ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଶନିବାର ଦିନ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ 'ବିଶ୍ୱ ତମାଖୁ ମୁକ୍ତ ଦିବସ' ପାଳନ କରାଯାଇଅଛି। ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା, ନବ କିଶୋର ବେହେରାଙ୍କ ଅଧକ୍ଷତାରେ ହୋଇଥିବା ଉକ୍ତ ବୈଠକରେ ଡ଼ା.ସୁକାନ୍ତ ଶତପଥୀ, ଡ଼ା ଅନୁରାଗ ମଲ୍ଲିକ, ଡ଼ା ଇରସାତ ଖାନ, କାର୍ଯ୍ୟାଳୟର ବିଭିନ୍ନ କର୍ମକର୍ତା, ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତା, ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଏବଂ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଡା ବେହେରାଙ୍କ ସ୍ୱାଗତ ଭାଷଣ ସହ କାର୍ଯକ୍ରମ ଆରମ୍ଭ ହୋଇ କ୍ରମଶ ଏହି ବର୍ଷର ବିଷୟବସ୍ତୁ ଯାହାକି 'ତମାଖୁର ବିକ୍ରୀବଟା ଓ ସେଗୁଡ଼ିକର ବିଜ୍ଞାପନପାଇଁ ପ୍ରଣିତ ନୂତନ କୌଶଳର ପର୍ଦାଫାସ କରିବା ଏବଂ ତମାଖୁ ବର୍ଜନ ପାଇଁ ଜନ ସଚେତନତା ସୃଷ୍ଟି କରିବା ବିଷୟରେ ଦାନ୍ତରୋଗ ବିଶେଷଜ୍ଞ ଡା. ଅନୁରାଗ ମଲ୍ଲିକ, ଖାଦ୍ୟ ନିରାପତ୍ତା ଅଧିକାରୀ ଅରୁଣ କୁମାର ମହାରଣା, ଜିଲ୍ଲା କାର୍ଯକ୍ରମ ପରିଚାଳକ ଶଙ୍କର ଆଚାର୍ଯ, ସହ-ପରିଚାଳକ ତରୁଣ କୁମାର ସାହୁ, ଡ. ରାଧନାଥ ବେହେରା ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ତମାଖୁର ପ୍ରତ୍ୟକ୍ଷ ଓ ପରୋକ୍ଷ କୁପ୍ରଭାବ ଉପରେ ଆଲୋଚନା କରିଥିଲେ ।

# ହୋଟେଲରେ ପରଷା ଯାଉଛି ବାସିଖାଦ୍ୟ

● ଖାଦ୍ୟ ସୁରକ୍ଷା ବିଭାଗ ନିଦାବିଷ୍ଟ ● ଯାଞ୍ଚ କରିବାକୁ ସାଧାରଣରେ ଦାବୀ



**କାକଟପୁର/ଅସ୍ତରଙ୍ଗ, ୧।୬ (ସଂଚାର ବ୍ୟୁରୋ):** ଦିନକୁ ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ କଳେବର ବଢୁଛି। ସେହି ତୁଳନାରେ ଜନ ସଂଖ୍ୟା ବୃଦ୍ଧି ହେଉଛି। ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଛତୁ ଫୁଟିବା ଭଳି ହୋଟେଲ, ରେଷ୍ଟୁରାଣ୍ଟ ଗଢି ଉଠୁଛି। ସେଠାରେ ଗ୍ରାହକଙ୍କ ଭିଡ଼ ବି ଜମୁଛି। ଖାଦ୍ୟ ଆଳରେ କିନ୍ତୁ ସେମାନଙ୍କୁ ଜହର ପରଷା ଯାଉଛି। ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସ ସହ ହୋଟେଲ ଓ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ଖେଳୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇ ରହିବା ସମସ୍ତଙ୍କୁ ଚକିତ କରିଛି।

ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରୁ ଅସ୍ତରଙ୍ଗ ପୀରଜାହାନିଆ, ଗଙ୍ଗାଦେବୀ, କାକଟପୁର ମା ମଙ୍ଗଳାଙ୍କୁ ପରିଦର୍ଶନ କରିବାକୁ ଆସି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ହୋଟେଲରେ ଖାଦ୍ୟ ଖାଉଛନ୍ତି। ମାତ୍ର ହୋଟେଲ କର୍ତ୍ତୃପକ୍ଷ ବାହ୍ୟ ଚକାଚକ୍ୟକୁ ଗୁରୁତ୍ୱ ଦେଉଥିବା ବେଳେ ଖାଦ୍ୟ ପ୍ରସ୍ତୁତି ଦିଗରେ ଯତ୍ନବାନ ହେଉନାହାନ୍ତି। ଫଳ ସ୍ୱରୂପ ପ୍ରତିଦିନ ଗ୍ରାହକ ଟଙ୍କା ଦେଇ ବାସି ଖାଦ୍ୟ ଖାଉଛନ୍ତି। କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଶତାଧିକ ହୋଟେଲ ଅଛି। ଅନେକ ହୋଟେଲରେ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ଅତ୍ୟନ୍ତ ନିମ୍ନମାନର। ସବୁଠାରୁ ବଡ଼ କଥା ହେଉଛି ସ୍ଥାନୀୟ ଅଞ୍ଚଳରେ କିଛି ନାଁ କରିଥିବା ହୋଟେଲ ଗୁଡିକରେ ପ୍ରତିଦିନ ବାସି ଖାଦ୍ୟ ଗ୍ରାହକଙ୍କୁ ପରଷୁଛନ୍ତି। ଯାହାର ପ୍ରମାଣ ସ୍ୱରୂପ ଯଦି ଖାଦ୍ୟ ନିରାପତ୍ତା ବିଭାଗ ଅଚାନକ ସକାଳୁ ଆସି ହୋଟେଲରେ ଥିବା ରେଫ୍ରିଜେଟର କିମ୍ବା ଫ୍ରିଜ ଯାଞ୍ଚ କରିବେ ସତ୍ୟାସତ୍ୟ ସାମ୍ନାକୁ ଆସିବ।

କେବଳ ବାସି ଖାଦ୍ୟ ନୁହେଁ, ଖାଦ୍ୟ ପ୍ରସ୍ତୁତ ସ୍ଥାନ ଉପରେ ନ କହିବା ଭଲ। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି। ମାସେ କିମ୍ବା ଦୁଇ ମାସ ନୁହେଁ ବର୍ଷ ବର୍ଷ ଧରି ଏଭଳି କାର୍ଯ୍ୟ ହୋଇ ଆସୁଛି। କାକଟପୁର ଅଞ୍ଚଳରେ କିଛି ଦିନ ପୂର୍ବେ ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ଯାଞ୍ଚ ହୋଇଥିଲା। କିନ୍ତୁ ନିୟମିତ ବ୍ୟବଧାନ ରେ ଯାଞ୍ଚ ହେଉନଥିବାରୁ ଅନେକ ହୋଟେଲରେ ଖୁଲମ ଖୁଲ୍ଲା ବାସି ଖାଦ୍ୟ ବିକ୍ରି କରୁଛନ୍ତି। ସ୍ଥାନୀୟ କିଛି ବ୍ୟକ୍ତି ବିଶେଷ ନିଜ ନାମ ଗୋପନ ରଖି କହିଛନ୍ତି, ବଡ଼ ବଡ଼ ହୋଟେଲ ମାଲିକଙ୍କ ସହ ଖାଦ୍ୟ ସୁରକ୍ଷା ବିଭାଗର ମଧୁଚନ୍ଦ୍ରିକା ରହିଛି। ଯେଉଁଥି ପାଇଁ ଅଭିଯୋଗ ସତ୍ୱେ ବିଭାଗ ସେଠାରେ ନିୟମିତ ବ୍ୟବଧାନରେ ଖାଦ୍ୟର ମାନ ଯାଞ୍ଚ ନ କରି ଚୁପ ବସିଛି। ସ୍ଥାନୀୟ ଅଞ୍ଚଳ ବାସୀ ଦାବୀ କରିଛନ୍ତି ସ୍ୱତନ୍ତ୍ର ଟିମ୍ ଅଚାନକ ବିଭିନ୍ନ ହୋଟେଲ ଯାଞ୍ଚ କଲେ ବାସି ଖାଦ୍ୟର ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ।

## ବେଳାମାର୍ଗ ଇକୋ ରିଟ୍ରିଟରୁ ପାର୍କିଂ ଫି ଆଦାୟ ନିର୍ଦ୍ଦେଶ

**କୋଣାର୍କ, ୧।୬ (ସଂଚାର ବ୍ୟୁରୋ) :** ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟ ଇକୋ ରିଟ୍ରିଟରୁ ଯାନବାହାନ ପାର୍କିଂ ଫି ଆଦାୟ ପାଇଁ ଟେଣ୍ଡରଧାରୀଙ୍କୁ କୋଣାର୍କ ଏନଏସି ନିର୍ଦ୍ଦେଶ ଦେଇଛି। ଏଠାକୁ ଆସୁଥିବା ଯାନବାହାନ ପାର୍କିଂ କରିଲେ ଫି ଦେବାକୁ ପଡିବ।

ପୂର୍ବରୁ ଚନ୍ଦ୍ରଭାଗା, କୋଣାର୍କରୁ ପାର୍କିଂ ଆଦାୟ ହେଉଥିବାବେଳେ ବେଳାମାର୍ଗ ଇକୋ ରିଟ୍ରିଟ ପାର୍ଶ୍ୱରେ ଫି ଆଦାୟ କରାଯାଉନଥିଲା। ପର୍ଯ୍ୟଟନସ୍ଥଳୀ କୋଣାର୍କରେ ଯାନବାହାନ ପାର୍କିଂ ପାଇଁ କୋଣାର୍କ ଏନ୍ଏସି ପକ୍ଷରୁ ନିଲାମ ଦିଆଯାଇଛି। ଟେଣ୍ଡରଧାରୀ କୃପାସିନ୍ଧୁ ମୁଦୁଲି ଏକ ବର୍ଷ ପାଇଁ ସର୍ବାଧିକ ୯୨ଲକ୍ଷ ଟଙ୍କାରେ ନିଲାମ ନେଇଛନ୍ତି। ପର୍ଯ୍ୟଟକଙ୍କୁ ନେଇ ଆସୁଥିବା ଯାନବାହାନ ଗୁଡ଼ିକ ପାର୍କିଂ କରିବା ପାଇଁ କୋଣାର୍କ ଏନ୍ଏସି ପକ୍ଷରୁ ସ୍ଥାୟୀ ପାର୍କିଂ ସ୍ଥଳ ପାଇଁ ସାଧାରଣରେ ଦାବି ହୋଉଛି।



ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ଶୈବ ପୀଠରେ ସରିଲା ଶିବ ବିବାହ

## ବିବାହ ବନ୍ଧନରେ ଆବଦ୍ଧ ହେଲେ ଦେବଦମ୍ପତି

**ରାଜନଗର, ୧।୬ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ଗୋସିଗାଁସ୍ଥିତ ଉପକୂଳ ଓଡିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ଶୀତଳଷଷ୍ଠୀ ଉତ୍ସବ ଗତକାଲି ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି ପବିତ୍ର ଉତ୍ସବରେ କଳସ ଯାତ୍ରା, ସହସ୍ର କୁମ୍ଭାଭିଷେକ, ଗୀତା ଯଜ୍ଞ, ସୂର୍ଯ୍ୟପୂଜା, ଗୋମାତା ପୂଜା, ଶ୍ରୀମଦ ଗୀତାଯଜ୍ଞ ପରେ ବେଦମନ୍ତ୍ରରେ ଶୈବପୀଠ ଚଳ ଚଂଚଳ ହୋଇ ଉଠିଥିଲା। ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କର ଚଳନ୍ତି ପ୍ରତୀମାକୁ ସୁସଜ୍ଜିତ ପୁଷ୍ପକ ବିମାନରେ ଶ୍ରଦ୍ଧାଳୁ ଭକ୍ତମାନେ ଶଙ୍ଖଧ୍ୱନି, ହରିନାମ ସଂକିର୍ତନ ମଧରେ ପାଛୋଟି ନେଇଥିଲେ। ବାଲିଚନ୍ଦ୍ରପୁର ଗାଁର ବରପିତା ଅମର କୁମାର ରାଉତଙ୍କ ଘରେ ସକାଳେ ହରିନାମ ଓ ସଂକୀର୍ତନ ମଧରେ ଶ୍ରୀ ଶ୍ରୀ ମହାଦେବଙ୍କ ଚଳନ୍ତି ପ୍ରତିମା ସେଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପଟାମୁଣ୍ଡାଇ ବ୍ଲକ ଚନ୍ଦନଗର ପଞ୍ଚାୟତ ଗୁପ୍ତିରା ଗାଁର କନ୍ୟାପିତା ସାରଦା ପ୍ରସାଦ ନାୟକଙ୍କ ଘରକୁ ମା' ଆଦିଶକ୍ତିଙ୍କର ଚଳନ୍ତି ପ୍ରତୀମାକୁ ସୁସଜ୍ଜିତ ବିମାନରେ ଶୈବ ପୀଠରୁ ନିଆଯାଇ ସ୍ଥାପନ କରାଯାଇଥିଲା। କନ୍ୟାପିତାଙ୍କ ଘରୁ ବର ନିମନ୍ତ୍ରଣ ଯିବାପରେ ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତୀମାକୁ ପାଲିଙ୍କିରେ ବସାଯାଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଘଂଟ ପାଟୁଆ ଓ ପାରମ୍ପାରିକ ବାଦ୍ୟ ଏବଂ ଲୋକ ନୃତ୍ୟ ସହ ଭାଟପଡା, ନୁରୁଗାଁ, ମଦନପୁର, ସଂସାରଫଳ, ଚନ୍ଦନଗର ପ୍ରଭୃତି ଗ୍ରାମ ପରିକ୍ରମା କରି କନ୍ୟା ପିତା ସାରଦା ପ୍ରସାଦ ରାଉତଙ୍କ ଘରକୁ ନିଆ ଯାଇଥିଲା। ବିଳମ୍ବିତ ରାତ୍ରିରେ ବର ଓ ବଧୂ ବେଶରେ ଦେବ ଦମ୍ପତି ମନ୍ଦିର ବେଢ଼ାରେ ପହଁଚିବା ପରେ ସେଠାରେ ଉପସ୍ଥିତ ଥିବା ପୂଜକ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ବୈଦୀକ ରୀତିନୀତି ଅନୁସାରେ ସମାପନ କରିଥିଲେ।

## ଘରକୁ ଘର ବୁଲି ଲୋକଙ୍କ ସହ କଥା ହେଲେ ବିଡ଼ିଓ

ପଚାରି ବୁଝିଲେ ସମସ୍ୟା, ସମାଧାନ ପାଇଁ ଦେଲେ ପ୍ରତିଶୃତି



**ବୋରିଗୁମ୍ମା, ୧।୬ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ବିଡ଼ିଓ ସୁକାନ୍ତ ପଟନାୟକ ଶୁକ୍ରବାର ନାରୀଗାଁ ପଞ୍ଚାୟତରେ ଘରକୁ ଘର ବୁଲି ଦୁଇ ଜଣ ପେନସନ ପାଇବା ଯୋଗ୍ୟ ଅସହାୟ ହିତାଧିକାରୀ ଓ ଦୁଇ ଜଣ ଅନ୍ତୋଦୟ ଗୃହ ଯୋଜନାରେ ଘର ପାଇବାକୁ ଯୋଗ୍ୟ ହିତାଧିକାରୀଙ୍କ ସହିତ ସିଧା ସଳଖ ମିଶି କଥା ହୋଇ ତାଙ୍କର ସମସ୍ୟା ଶୁଣିଛନ୍ତି। କେବଳ ସମସ୍ୟା ଶୁଣି ନାହାଁନ୍ତି ବରଂ ସମାଧାନ କରିବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି।

ବିଡ଼ିଓଙ୍କ ଦରଦୀ ଓ ନିଜସ୍ୱ 'ଆସ ଖୋଜିବା' କାର୍ଯ୍ୟକ୍ରମର ସହଯୋଗୀ ପ୍ରୟାସ ତାଙ୍କର ସାଧାରଣ ଲୋକଙ୍କ ପ୍ରତି ରହିଥିବା ସେବା ମନବୃତ୍ତିକୁ ପ୍ରମାଣିତ କରିଛି। ଶୁକ୍ରବାର ସକାଳୁ ଏମିତି ଘଟଣା ଦେଖିବାକୁ ମିଳିଛି। ବୋରିଗୁମ୍ମା ବ୍ଲକ ନାରୀଗାଁ ପଞ୍ଚାୟତରେ ଗ୍ରାମର ଦୁଇଟି ପରିବାର ନିଜ ପରିବାର ସହିତ ଦୁର୍ଦ୍ଦିନରେ ବଞ୍ଚୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘର ଖଣ୍ଡିଏ ନାହିଁ। ଯେଉଁ ନଡ଼ା ଛପର କୁଡିଆଟିଏ ରହିଛି ତାହା ଭାଙ୍ଗିରୁଜି ଗଲାଣି। ଚାଳ ଛପର ଉପରେ ପଡ଼ିଛି ଜରି ପାଲ। ତାହାରି ଭିତରେ ବିପଦ ସଙ୍କୁଳ ଅବସ୍ଥାରେ ବୁଢ଼ି ମାଉସୀ ତାର ପରିବାର ସହିତ ରହୁଛନ୍ତି। ଏନେଇ ବିଡ଼ିଓ ସୁକାନ୍ତ ପଟନାୟକ ଗାଁକୁ ଯାଇ ଘରକୁ ଘର ବୁଲି ଲୋକଙ୍କ ସହ ଭେଟିଛନ୍ତି ଏବଂ ଲୋକଙ୍କ ସମସ୍ତ ସମସ୍ୟା ପଚାରି ବୁଝିଛନ୍ତି। ୨ଜଣ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡିଏ ପାଇଁ ଜଣାଇବା ପରେ ବୋରିଗୁମ୍ମା ବିଡ଼ିଓ ସୁକାନ୍ତ ପଟନାୟକ ତାଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବୋରିଗୁମ୍ମା ବିଡ଼ିଓଙ୍କ ଏହି ପ୍ରୟାସ ପ୍ରଶାସନିକ ଅଧିକାରୀ ମାନଙ୍କ ପାଇଁ ଏକ ବିରାଟ ଉଦାହରଣ । ଯାହାକୁ ଦେଖି ଅଞ୍ଚଳବାସୀ ବୋରିଗୁମ୍ମା ବିଡିଓଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛନ୍ତି।



## ଅଣ୍ଡରା ଇଚ୍ଛାପୁର ପଞ୍ଚାୟତରେ ବିଜେପିର ବୁଥ କେନ୍ଦ୍ର ବୈଠକ

**ଗୋପ, ୧।୬ (ସଂଚାର ବ୍ୟୁରୋ) :** ଗୋପ ବ୍ଲକ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତରେ ଭାରତୀୟ ଜନତା ପାର୍ଟି ତରଫରୁ ମତଦାନ ବର୍ଷେ ପୂର୍ତ୍ତି ପାଇଁ ବୁଥ କେନ୍ଦ୍ର ବୈଠକ ନୀଳକଣ୍ଠେଶ୍ୱର ହାଇସ୍କୁଲ, ଡିହୁଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତର ପ୍ରାୟ ଶତାଧିକ ବିଜେପି କର୍ମୀ ଯୋଗଦେଇଥିବା ବେଳେ ବିଜେପିର ନୀତି ଆଦର୍ଶ ଏବଂ ବିଜେପି ସରକାରଙ୍କ ବିଭିନ୍ନ ଯୋଜନା ଲୋକମାନଙ୍କ ପାଖରେ କିପରି ପହଁଚିଛି ତାହା ତର୍ଜମା କରଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉର୍ନତମୂଳକ ଯୋଜନା କିପରି ଲୋକମାନଙ୍କ ପାଖରେ ସହଜରେ ପହଞ୍ଚି ପାରିବ କର୍ମୀମାନଙ୍କୁ ଏହି ବୈଠକରେ ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟନାୟକ ଏବଂ ବିଜେପି ବରିଷ୍ଠ ନେତା ଅଶ୍ୱନୀ କୁମାର ପଟନାୟକ ଆଲୋକପାତ କରିଥିଲେ। ପଞ୍ଚାୟତର ୬ଟି ବୁଥର ସମସ୍ୟା ଉପରେ ଦୃଷ୍ଟି ଦେବା ସହିତ ବୁଥ ସ୍ତରକୁ ଯାଇ କାର୍ଯ୍ୟ କରିବାପାଇଁ କର୍ମୀ ମାନଙ୍କୁ ଏହି ବୈଠକ ର ମୂଳ ଲକ୍ଷ ଥିଲା। ଏପଟେ ଭାରତୀୟ ଜନତା ପାର୍ଟି ସରକାରର ବର୍ଷ ପୂର୍ତ୍ତି ପାଳନ ଅବସରରେ ପଞ୍ଚାୟତର ସମସ୍ତ କର୍ମୀ ମାନଙ୍କୁ ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ୪ ଏବଂ ୫ ତାରିଖରେ ନିମାପଡା ହେବାକୁ ଥିବା ଉତ୍କର୍ଷ ନିମାପଡା ସମ୍ମିଳନୀରେ ପଞ୍ଚାୟତ ସମସ୍ତ କର୍ମକର୍ତ୍ତା ଯୋଗଦେବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି ବୁଥ କେନ୍ଦ୍ର ବୈଠକ ରେ ମଞ୍ଚନାଥ ମଣ୍ଡଳ ସମ୍ପାଦକ ଉଲ୍ଲାସ କୁମାର ପ୍ରଧାନ, ଅଣ୍ଡରା ଇଚ୍ଛାପୁର ସରପଞ୍ଚ ମିନା କୁମାରୀ ମହାନ୍ତି, ସମିତି ସଭ୍ୟ ଅର୍ଣ୍ଣପୂର୍ଣ୍ଣା ପଟନାୟକ, ବୁଥ ସଭାପତି ସନାତନ ପ୍ରଧାନ, ଗଗନ ବିହାରୀ ସ୍ୱାଇଁ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ବିପଦସଂକୁଳ ଅବସ୍ଥାରେ କୁଶଭଦ୍ରା ସେତୁ



ସିଏସଆଇଆର ତରଫରୁ ସର୍ଭେ

**ଗୋପ, ୧।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲାର ଗୋପ ବ୍ଲକ ମଧ ଦେଇ ପ୍ରବାହିତ ହେଉଥିବା କୁଶଭଦ୍ରା ନଦୀ ଉପରେ ଥିବା ୪୦ ବର୍ଷର ପୁରାତନ କୁଶଭଦ୍ରା ବ୍ରିଜ ରକ୍ଷଣାବ୍ୟକ୍ଷଣ ଅଭାବ ହେତୁ ଭୁଶୁଡ଼ିବା ଅବସ୍ଥାରେ ଗତି କରୁଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ସେଣ୍ଟ୍ରାଲ ରୋଡ଼ ରିସର୍ଜ ଇନ୍‌ଷ୍ଟିଟ୍ୟୁଟ ଏବଂ କ୍ୱାଲିଟି କଣ୍ଟ୍ରୋଲ ତରଫରୁ ଏକ ୧୨ ଜଣିଆ ସାଇଣ୍ଟିଷ୍ଟ ଟିମ ଗୋପ କୁଶଭଦ୍ରା ସେତୁର ସର୍ଭେ କରିଥିଲେ। ବ୍ରିଜଟିର ବାହାର ଓ ଭିତର ପାର୍ଶ୍ୱ ଏବଂ ସ୍ଥାନ ଗୁଡିକୁ ସ୍କାନିଙ୍ଗ କରିଥିଲେ ସିଏସଆଇଆରର ଇଂଜିନିୟରମାନେ। ବ୍ରିଜର ଭିତର ପାର୍ଶ୍ୱରେ କଂକ୍ରିଟ ଖସି ଯାଇ ରଡ଼ ବାହାରି ପଡ଼ିଥିବା ଏବଂ ବ୍ରିଜର ଅନେକ ସ୍ଥାନରେ କ୍ରାକ ଥିବା ଦେଖିବାକୁ ପାଇଥିଲା ଟିମ।

ଓଡ଼ିଶାର ୩୦୦ ବ୍ରିଜର ସ୍ଥିତ ଉପରେ ସିଏସଆରଆଇ ତରଫରୁ ସର୍ଭେ କରଯାଉଛି। ସେଥିମଧ୍ୟରୁ ଗୋପ ବ୍ଲକ କୁଶଭଦ୍ରା ଓ ନେତପୁର ବ୍ରିଜ ମଧ ସର୍ଭେ କରଯାଉଛି। ରିପୋର୍ଟ ଆସିବା ପରେ ବ୍ରିଜର ସ୍ଥିତିକୁ ଅନୁଧାନ କରି ନୂତନ ବ୍ରିଜ ନିର୍ମାଣ କାରଯିବ କିମ୍ବା ଏହି ବ୍ରିଜଟିକୁ ମରାମତି କାରଯିବ ତାହା ନିର୍ଣ୍ଣୟ ନିଆଯିବ ବୋଲି ସେଣ୍ଟ୍ରାଲ ରୋଡ଼ ରିସର୍ଜ ଇନ୍ଷ୍ଟି ଟ୍ୟୁଟ ଚିପ ସାଇଣ୍ଟିଷ୍ଟ ଜି କେ ସାହୁ କହିଛନ୍ତି।

ଏହି କୁଶଭଦ୍ରା ସେତୁଟିକୁ ୧୯୮୪ ମସିହାରେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ତଥା ଓଡିଶାର ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଲଙ୍କ ଦ୍ୱାରା ଶୁଭ ଦିଆଯାଇଥିଲା କିନ୍ତୁ ଦୁଃଖର କଥା କୁସଭଦ୍ରା ସେତୁଟି ସମ୍ପୂର୍ଣ୍ଣ ହେବ ୪୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରିନାହିଁ। ଏହି ବ୍ରିଜଟି ହେବା ଦ୍ୱାରା କଟକ ନଖରାରୁ ଗୋପ ଏବଂ ପୁରୀ ଦେଇ ପ୍ରତ୍ୟକ ଦିନ ଶହ ଶହ ସଂଖ୍ୟାରେ ଯାନବାହନ କୁଶଭଦ୍ରା ସେତୁ ଛାତି ଉପରେ ଯାତାୟାତ କରନ୍ତି। କିନ୍ତୁ ଗୋପ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ବ୍ରିଜଟିର ଦୀର୍ଘ ସମୟଧରି ମରାମତି ନହେବାରୁ ବ୍ରିଜଟି ଅସୁରକ୍ଷିତ ହୋଇପଡିଛି। ଏଣୁ ଏହି ବ୍ରିଜ ପରିସ୍ଥିତି ଦେଖି ବ୍ରିଜ ଉପରେ ଯାତାୟାତ କରୁଥିବା ପର୍ଯ୍ୟଟକ ଅସୁରକ୍ଷିତ ମନେକରୁଛନ୍ତି । ତୁରନ୍ତ ଏହି ବ୍ରିଜପ୍ରତି ଦୃଷ୍ଟି ଦେବାପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ତତସହିତ ଯନ୍ତ୍ରୀଙ୍କ ନିକଟରେ ଦାବୀ ଜଣାଇଛନ୍ତି ଗୋପ ଅଞ୍ଚଳବାସୀ।

## ବଜ୍ରପାତରେ ଗୋଟିଏ ପରିବାର ୪ଜଣ ଗୁରୁତର

● ଘରର ସରଞ୍ଜାମ ଭାଙ୍ଗିରୁଜି ନଷ୍ଟ

**କାକଟପୁର/ଅସ୍ତରଙ୍ଗ, ୧।୬ (ସଂଚାର ବ୍ୟୁରୋ) :** ବଜ୍ରପାତ ସାଜିଲା କାଳ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦୟପୁର ଗ୍ରାମରେ ବିଳମ୍ବିତ ରାତ୍ରରେ ବଜ୍ରପାତ ପଡି ଗୋଟିଏ ପରିବାର ୪ଜଣ ଗୁରୁତର। ଖବର ମୁତାବକ ଶନିବାର ବିଳମ୍ବିତ ରାତ୍ରରେ ବର୍ଷା ସହ ପବନ ଓ ଘଡଘଡି ହୋଇଥିଲା। ଏହା ପ୍ରଭାବରେ ପ୍ରଚଣ୍ଡ ଶବ୍ଦରେ ବଜ୍ରପାତ ହୋଇଥିଲା। ରାତ୍ର ୨ଘଟିକା ସମୟରେ ଉଦୟପୁର ଗ୍ରାମ ଅନ୍ତର୍ଗତ ନିମିଗୋରଡା ଗ୍ରାମର ଦିଲ୍ଲୀପ କାଣ୍ଡିଙ୍କ ଘର ନିକଟରେ ଥିବା ନଡ଼ିଆ ଗଛରେ ବଜ୍ରପାତ ପଡିଥିଲା। ଏହାର ପ୍ରଭାବ ଏତେ ପ୍ରଚଣ୍ଡ ଓ ପ୍ରଖର ଥିଲା ଯେ, ନିକଟରେ ଥିବା ଏକ ଆଜବେଷ୍ଟ ଘର ଆଘାତପ୍ରାପ୍ତ ଫଳରେ ଘରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ସହ ବିଦ୍ୟୁତ ସଟ ସର୍କିଟ ହୋଇ ସରଞ୍ଜାମ ବିଛିନ୍ନ ହୋଇଥିଲା। ଏହା ପ୍ରଭାବରେ ଘରେ ଭିତରେ ଶୋଇଥିବା ଥିବା ହିମାଂଶୁ କାଣ୍ଡି (୧୨), ଲକ୍ଷ୍ମୀପ୍ରିୟା କାଣ୍ଡି (୧୩), ପୁଷ୍ପଲତା କାଣ୍ଡି (୧୬), ସୁଜତା କାଣ୍ଡି( ୧୬) ଗୁରୁତର ଆହତ ହୋଇଛନ୍ତି। ସେମାନେ ରବିବାର ପ୍ରତ୍ୟୁଷରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ହୋଇଥିଲେ। ଖବର ପାଇ ସ୍ଥାନୀୟ ଅଞ୍ଚଳ ସମାଜସେବୀ ଋତୁରାଜ ରାଉତ ପରିବାରକୁ ସମବେଦନା ଜଣାଇବା ସହ ସ୍ଥାନୀୟ ବିଧାୟକ ଓ ଅତିରିକ୍ତ ତହସିଲଦାରଙ୍କ ସହ ସହାୟତା କରିବା ପାଇଁ ଯୋଗାଯୋଗ କରିଛନ୍ତି। ଏଭଳି ବଜ୍ରପାତରୁ ପରିବାର ସଦସ୍ୟଙ୍କ ନିକଟରେ ଚାଳ ଘର ଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି।





## ଏବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନାଉଗାଁ, ୧।୬ (ସଂଚାର ବ୍ୟୁରୋ) :** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଏବିଡିଓ ଦେବେନ୍ଦ୍ର ପ୍ରଧାନଙ୍କୁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ସଦର ବ୍ଲକ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ କର୍ମଚାରୀ ଓ ଜନପ୍ରତିନିଧିଙ୍କ ଦ୍ୱାରା ଏବିଡିଓ ଶ୍ରୀ ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଘୋଡାଂଶ ପଞ୍ଚାୟତର ସମିତି ସଭ୍ୟ ତରୁଣକାନ୍ତ ବାରିକ, ଓଷକଣା ପଞ୍ଚାୟତର ସମିତି ସଭ୍ୟ ବିରେନ୍ଦ୍ର ବିଶ୍ୱାଳ, ଡାବର ପଞ୍ଚାୟତର ସମିତି ସଭ୍ୟ ସୁବଳ ବେହେରା, ସମାଜସେବୀ ତୁଷାର କୁଅଁର, ବ୍ଲକର ବରିଷ୍ଠ କିରାଣୀ ଜଗନ୍ନାଥ ମଲ୍ଲିକ, ସୁଶାନ୍ତ ବିଶ୍ୱାଳ, ବିପିନ ବିହାରୀ ମହାନ୍ତି, ଅମୂଲ୍ୟ ବାରିକ ପ୍ରମୁଖ ଏବିଡିଓ ଶ୍ରୀ ପଧାନଙ୍କୁ ପ୍ରଭୁ ଜଗନ୍ନାଥଙ୍କ ଫଟୋ ସହିତ ପୁଷ୍ପଗୁଚ୍ଛ, ଉତରୀୟ ଆଦି ପ୍ରଦାନ କରିଥିଲେ। ଏବିଡିଓ ଶ୍ରୀ ପ୍ରଧାନ ଏହି ବ୍ଲକରେ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ କାର୍ଯ୍ୟ କରି ଆସୁଥିଲେ। ଏହି ୪ ବର୍ଷ ମଧରେ ବ୍ଲକର ଭାରାପ୍ରାପ୍ତ ବିଡିଓ ଭାବେ ଦୁଇ ଥର ଦାୟିତ୍ୱ ତୁଲାଇଥିଲେ। ସେ ଜଣେ ସୁପ୍ରଶାସକ ଭାବେ ବ୍ଲକରେ ସୁନାମ ଅର୍ଜନ କରିଥିବା ବେଳେ ଜଣେ ନିଷ୍କପଟ, ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ।

# କଟିକଟା ରାସ୍ତା କଡ କଂକ୍ରିଟ ଲାଇନିଂ କାର୍ଯ୍ୟ ନିମ୍ନମାନର ଅଭିଯୋଗ



**ନିଶ୍ଚିନ୍ତକୋଇଲି, ୧।୬ (ସଂଚାର ବ୍ୟୁରୋ) :** କଟକ କେନ୍ଦ୍ରାପଡ଼ା ମୁଖ୍ୟ ରାସ୍ତା ସୁକରପଡା ଗ୍ରାମପଂଚାୟତ ରାଣୀପଡାରୁ କଟିକଟା ଅସୁରେସ୍ୱର କଟିକଟା ପର୍ଯ୍ୟନ୍ତ ଡାହାଣ ପାର୍ଶ୍ୱର କେନାଲ କଂକ୍ରିଟ ଲାଇନଂ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ସ୍ଥଳରେ କୌଣସି ଫଳକ ମରାନଯାଇଥିବା ବେଳେ ଏହି କାର୍ଯ୍ୟ କେଉଁ ବିଭାଗ ପକ୍ଷରୁ ଚାଲିଛି ତାହା ଏବେବି ଅସ୍ପଷ୍ଟ। କାର୍ଯ୍ୟ ସ୍ଥଳରେ କୌଣସି ବିଭାଗୀୟ ଅଧିକାରୀ କିମ୍ବା ବିଭାଗୀୟ କର୍ମଚାରୀଙ୍କ ଦେଖା ଦର୍ଶନ ନଥିବା ବେଳେ କାର୍ଯ୍ୟ ସ୍ଥଳରେ ଖାଲି କିଛି ଶ୍ରମିକ ମାନଙ୍କୁ ନିୟୋଜିତ କରାଯାଇଥିବା ଦେଖିବା ପାଇଁ ମିଳୁଛି। ଏପରିକି କାର୍ଯ୍ୟଦେଶ ପାଇଥିବା ଠିକାଦାର ଜଣଙ୍କ ମନମୁଖୀ ଭାବେ ନିମ୍ନ ମାନର ସାମଗ୍ରୀରେ ନିଜେ ଉପସ୍ଥିତ ନରହି ବହୁ ଦୂରରେ କିଛି ଶ୍ରମିକ ମାନେ ବିନା ଭାଗ ମାପରେ ମେସିନ୍ ସାହାଯ୍ୟରେ ସିମେଣ୍ଟ ଗୋଡି ଗୋଳାଇ ଉକ୍ତ ମେସିନକୁ ଅଣାଯାଇ କାର୍ଯ୍ୟ ସ୍ଥଳରେ ଢ଼ଳା ଯାଉଥିବା ଅଭିଯୋଗ ହେଉଛି। ତେବେ ରାଜ୍ୟ ସରକାର ଗାଁ ଠୁଁ ସହର ସବୁଆଡ଼େ ଉନ୍ନତି କରିବାରେ ନିଜର ପ୍ରୟାସ ଜାରି ରଖିଥିବା ବେଳେ ସ୍ଥାନୀୟ ମାହାଙ୍ଗା ବିଧାୟକ କୌଣସି ବି କାର୍ଯ୍ୟରୁ ଗୋଟେ ଟଙ୍କା ପିସି ନେଉନଥିବା ସ୍ଥଳେ ଉଭୟ ବିଭାଗୀୟ ଅଧିକାରୀ ଓ ଠିକାଦାରର ମିଳିତ ଉଦ୍ୟମରେ ଏବେ ଉକ୍ତ କାର୍ଯ୍ୟକୁ ଅତ୍ୟନ୍ତ ନିମ୍ନ ମାନରେ କରି କୋଟି କୋଟି ଟଙ୍କା ହରିଲୁଟ କରିବାକୁ ପ୍ରୟାସ ଚାଲିଥିବା କଥା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପୂର୍ବତନ ସରପଞ୍ଚଙ୍କ ଇଙ୍ଗିତରେ ସିଆରପିଙ୍କୁ ମାରଧର ଅଭିଯୋଗ

**ସାଲେପୁର, ୧।୬ (ସଂଚାର ବ୍ୟୁରୋ) :** ପୂର୍ବତନ ସରପଞ୍ଚଙ୍କ ଇଙ୍ଗିତରେ ଉକ୍ତ ପଞ୍ଚାୟତର ଏମ୍. ବି.କେ. ସି.ଆର.ପି.ଙ୍କ ଘରେ ପଶି ତାଙ୍କୁ ମାରଧର କରିବା ସହ ଏସ୍.ଏଚ୍.ଜି. ଗ୍ରୁପ୍‌ର ଦସ୍ତାବିଜ, ଟଙ୍କା ଓ ସୁନାଚେନ୍ ଛଡାଇନେଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚାଲୁରଖିଛି। ଖବରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ପିକୋଳ ପଞ୍ଚାୟତର ଚମାରିଗୋଳ ଗ୍ରାମର ସି.ଆର.ପି. ଦ୍ରୌପଦୀ ମହାରଣାଙ୍କୁ ତାଙ୍କ ଘରେ ପଶି ଉକ୍ତ ପଞ୍ଚାୟତର ଏମ୍.ବି.କେ. ଦୀପିକା ସାହୁ ପୂର୍ବତନ ସରପଞ୍ଚ ରଣଜିତ ଦାସଙ୍କ ଇଙ୍ଗିତରେ ତାଙ୍କୁ ମାରଧର କରିବା ସହ ତାଙ୍କ ନିକଟରେ ଥିବା ଏସ୍.ଏଚ୍.ଜି.ଗ୍ରୁପ୍‌ର ଦସ୍ତାବିଜ ଓ ସୁନାଚେନ୍ ଛଡାଇନେଇଥିବାର ଦ୍ରୌପଦୀ ମହାରଣା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନାରେ ୨୩୭/୨୫ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି।

ସିଟି salad

# ବିଜେଡିକୁ ବାପ ପୁଅ ଅଡୁଆ

ମୁଖ୍ୟ ବିରୋଧିଦଳ ବିଜେଡିକୁ ଏବେ ବାପ ପୁଅ ଯୋଡି ଅଡୁଆ। ଏହି ଦଳରେ ଥିବା ବାପ ପୁଅମାନଙ୍କ ଅସ୍ଥିର ପ୍ରକୃତି ଦେଖିଲା ପରେ ଏଭଳି ଆଲୋଚନା ଆସୁଛି। ନିକଟରେ ବିଜେଡିର ଯୁବନେତା ଭଦ୍ରକର ପ୍ରୟାସକାନ୍ତି ବିଜେଡି ଛାଡିଛନ୍ତି। ପୂର୍ବତନ ମନ୍ତ୍ରୀ ପିତା ପ୍ରଫୁଲ୍ଲ ସାମଲ ଏବେ ବିଜେଡିରେ। ଘରେ ସବୁ ଠିକ୍ ଠାକ୍ ଚାଲିଥିଲେ ବି ବାପ ଦଳରେ ଥାଉ ଥାଉ ପୁଆ ଡିଆଁମାରି ପଳାଇଛନ୍ତି। ସେହିଭଳି ବାଙ୍କିର ବାବୁ ପ୍ରଭାତ-ଦେବୀ ରଞ୍ଜନଙ୍କ ଅବସ୍ଥା। ପୁଅ ଦଳରେ ବିଧାୟକ ଥାଉ ଥାଉ ପିତା ପ୍ରଭାତ ଦଳର ଚଉଦ ପୁରୁଷ ଉଝାଳୁଛନ୍ତି। ମଉକା ଦେଖି ବିଜେଡିକୁ ପାହାରେ ଦେଉଛନ୍ତି। ବାପଙ୍କ ଏଭଳି ଅବତାର ଦେଖି ପୁଅ ପୂରା ନିରବ। ଏବେ ହାଲି ହାଲି ପ୍ରଭାତ ବିଶ୍ୱାଳ ଆଗକୁ ଆସିଛନ୍ତି। ପୁଅ ସୌଭିକ ବିଜେଡିରେ ବିଧାୟକ ଥିଲେ ବି ପିତା ପ୍ରଭାତ ଏବେ ଚିଟ୍‌ଫଣ୍ଡ ପ୍ରସଙ୍ଗ ଉଠାଇ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଏଭଳି ତୀର ମାରିଛନ୍ତି ଯେ ବିଜେଡିର କିଛି ଲୋକ ସେଥିରେ ଆହତ ହୋଇଥିଲେ ମଧ କିଛି କହିପାରୁ ନାହାନ୍ତି। ପୁଅ ଅରବିନ୍ଦ ବିଜେଡି ବିଧାୟକ ଥିବାବେଳେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ବି ମଉକା ଦେଖି ବିଜେଡିକୁ ଅକଳରେ ପକାଇଲା ଭଳି ବକ୍ତବ୍ୟଦେବା ସମସ୍ତଙ୍କୁ ଜଣା। ଅବଶ୍ୟ କିଛିଦିନ ହେଲା ବିଜୟ ଏଥିରୁ ବିରତ ରହିଛନ୍ତି। ଏହା ପୂର୍ବରୁ ଘଡେଇ ପିତା ପୁତ୍ର ଏଭଳି ଆଚରଣ କରୁଥିବା ସମସ୍ତେ ଦେଖିଛନ୍ତି। ଏଥିପାଇଁ ବିଜେଡି ପ୍ରଫୁଲ୍ଲଙ୍କୁ ବିଦା କରିଥିଲା। ଏଭଳି ଅବସ୍ଥା ଦେଖିଲାପରେ କିଛି ନେତା ଏବେ ଶଙ୍ଖଭବନରେ ବାସ୍ତୁଦୋଷ ଥିବା କହୁଥିବାବେଳେ ଆଉ କେତେ ନିବାସର ବାସ୍ତୁଦୋଷକୁ ଦାୟୀ କରୁଛନ୍ତି। ତେବେ ଖୁବଶୀଘ୍ର ବାସ୍ତୁଦୋଷ ପ୍ରତିକାର କରିବାକୁ ଦଳର ଗୋଟିଏ ଗୋଷ୍ଠି ମତ ଦେଉଛନ୍ତି।



# ରେରାରେ ଚାଲିଛି ପିଟା ମରା

ରାଇଜରେ ଥିବା ବିଲ୍ଡରମାନଙ୍କୁ ଜଗିବାପାଇଁ ଗଠନ ହୋଇଥିବା 'ରେରା' ର ବାବୁମାନେ ନିଜକୁ କିଭଳି ସୁରକ୍ଷିତ ରଖିବେ ସେଥିପାଇଁ ଲାଗି ପଡିଛନ୍ତି। କାରଣ ନିକଟରେ ରେରାରେ କିଛି ନୂଆ ସଦସ୍ୟଙ୍କ ନିଯୁକ୍ତି ପରେ ଏକ ପ୍ରକାର ପିଟା ମରା ଆରମ୍ଭ ହୋଇଯାଇଛି। ଏଠାକୁ ସଦସ୍ୟ ହୋଇ ଆସିବାକୁ ଚାହୁଁଥିବା କିଛି ବାବୁ ଏବେ ନବ ନିଯୁକ୍ତ ବାବୁଙ୍କ ବିରୁଦ୍ଧରେ ଅପପ୍ରଚାର ଆରମ୍ଭ କରିଦେଇଛନ୍ତି। ଛଦ୍ମବେଶରେ କିଛି ମିଡିଆକୁ କାମରେ ଲଗାଇ ଦେଇଛନ୍ତି। ମିଡିଆ ବାବୁମାନେ ବି ଆଗ ପଛ ନବୁଝି ମଇଦାନକୁ କୁଦିବାରେ ଲାଗିଛନ୍ତି। ତେଣୁ ରେରା ରେ ଏବେ ପିଟାମରା ଆରମ୍ଭ ହୋଇଯାଇଥିବା ନେଇ ରାଜଧାନୀରେ ଚର୍ଚ୍ଚା ଜୋର ଧରିଛି। ଅବସ୍ଥା ଏଭଳି ହୋଇଛି ଯେ ବଦନାମ ଭୟରେ ସେଠାକୁ ବଦଳି ହୋଇଥିବା କିଛି ଅଫିସର ବି ଯିବାକୁ ରାଜି ହେଉନାହାନ୍ତି। ଅବଶ୍ୟ ଏଭଳି ବଦନାମ କାରସାଦି ପଛରେ କିଛି ବିଲ୍ଡର ଥିବା ଆଲୋଚନା ହେଉଛି। ସିଏ ଯାହା ହେଲେ ବି ବିଲ୍ଡରମାନଙ୍କୁ ଜଗିବାକୁ ଥିବା ସଂସ୍ଥାରେ ଯେଭଳି ଗୋଡ ଟଣାଟଣି ଆରମ୍ଭ ହୋଇଛି ତାହା ସାଧାରଣ ଲୋକଙ୍କର କେତେ ସ୍ୱାର୍ଥ ରକ୍ଷାରେ ସହାୟତା କରିବ ତାହା ଆଗାମୀ ଦିନରେ ଜଣାପଡିବ। ତେବେ ଅବସର ପାଇ ଏଠାକୁ ଆସିବାକୁ ଆଶାୟୀ ଥିବା କିଛି ବାବୁ ଯେଭଳି ଖେଳ କରୁଛନ୍ତି ତାହା ରେରା ପାଇଁ ଶୁଭଙ୍କର ନୁହେଁ ବୋଲି ତୋଷାଳୀ ଭବନରେ ଆଲୋଚନା ଚାଲିଛି।




# ଆଇଆଇସିଙ୍କ ପାଇଁ ଡିଜି କାଠଗଡାରେ

ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନାର ଆଇଆଇସିଙ୍କ ପାଇଁ ରାଇଜ ଡିଜି ଏବେ କାଠଗଡାରେ। ଖୋଦ୍ ଜାତୀୟ ମାନବ ଅଧିକାର କମିଶନ ଏବେ ଡିଜିପିଙ୍କ ଠାରୁ ରିପୋର୍ଟ ତଲବ କରିବାପରେ ଏଭଳି ଆଲୋଚନା ଚାଲିଛି। ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅଧିନରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଠିକାଦାରଙ୍କ ଚେଲା ଚାମୁଣ୍ଡାମାନେ ସର୍ବ ସମ୍ମୁଖରେ ମାଡ ମାରିଲେ। କାହାକୁ କହିଲେ କିମ୍ବା ଥାନାକୁ ଗଲେ ଜୀବନରେ ମାରିଦେବାର ଧମକ ଦେଲେ। ଏହାର ଭିଡିଓ ଭାଇରାଲ ହେଲା। ସାମ୍ବାଦିକ ଜଣଙ୍କ ପୁଇଁତଳା ଥାନାରେ ଯାଇ ମାମଲା ରୁଜୁ କଲେ। ହେଲେ ଆଇଆଇସି ମହାଶୟ କଥାଟିକୁ ହାଲକାଭାବେ ନେଲେ। ଠିକାଦାରଙ୍କ ବଟିକା ଖାଇ ଶୋଇପଡିଲେ। ଯେତେବେଳେ ମାମଲାଟି ଜଟିଳ ରୂପ ନେଲା ସେତେବେଳେ ବାବୁଙ୍କ ନିଦ ଭାଙ୍ଗିଲା। ପ୍ରଥମେ ମାଡ ମାରିଥିବା ଯୁବକଙ୍କୁ ଧରିଲେ। ପରେ ମୁଖ୍ୟ କାର୍ପଟଦାର ଠିକାଦାରଙ୍କୁ ଧରିଲେ। ହେଲେ କଥା ନେଡିଗୁଡ କହୁଣିକୁ ବହିଯିବା ଭଳି ସ୍ଥିତି ହେଲା। ପ୍ରଥମେ ଅପରାଧିଙ୍କୁ ଧରିଥିଲେ କାମ ସରିଥାନ୍ତା। ହେଲେ ସେମିତି କଲେ ନା। ହଁ। ଏବେ ମାମଲା ବଲାଙ୍ଗିରରୁ ଭୁବନେଶ୍ୱର ବାଟ ଦେଇ ଦିଲ୍ଲୀରେ ପହଞ୍ଚିଛି। ସାମ୍ବାଦିକଙ୍କୁ ମାଡ ଘଟଣାର ଭିଡିଓ ଜାତୀୟ ସ୍ତରରେ ଚର୍ଚ୍ଚିତ ହେବାପରେ ମାନବ ଅଧିକାର କମିଶନ ଡିଜିଙ୍କୁ କୈଫତ ମାଗିଛନ୍ତି। ଡିଜି କି ଉତ୍ତର ଦେବେ ତାହାକୁ ନେଇ ଯେତିକି ଚର୍ଚ୍ଚା ହେଉନି, ଆଇଆଇସିଙ୍କ ଠିକାଦାର ପ୍ରେମ ଯୋଗୁଁ ପୁଲିସ୍ ଡିଜି କିଭଳି ଫସିଗଲେ ତାହାକୁ ନେଇ ପୁଲିସ୍ ମହଲରେ ଆଲୋଚନା ଚାଲିଛି। ତେବେ ଦିଲ୍ଲୀକୁ କୈଫତ ଦେଲାପରେ ପୁଇଁତଳା ବାବୁଙ୍କ ଉପରେ ଡିଜି ମହାଶୟ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ତାହାକୁ ସମସ୍ତଙ୍କ ଅପେକ୍ଷା।



# ମନ୍ତ୍ରୀଙ୍କ ଚଉକି ହଲିଲାଣି



ମନ୍ତ୍ରୀଙ୍କ ଚଉକି ହଲିଲାଣି। କେତେବେଳେ ଗଳି ପଡିବ କହିହେଉନି। ଏହି ଚିନ୍ତାରେ ଏକାଧିକ ମନ୍ତ୍ରୀ ଅଛନ୍ତି। ସଚିବାଳୟର ମନ୍ତ୍ରୀ କରିଡରରେ କିଛି କର୍ମଚାରୀ ଏଭଳି ଆଲୋଚନା କରୁଥିବା ଆମ କାନରେ ପଡିବାରୁ ସେଠି ଘଡିଏ ଅଟକି ଗଲୁ। ଜଣେ କର୍ମଚାରୀ କହୁଥିଲେ ତାଙ୍କ ମନ୍ତ୍ରୀ କିଛିଦିନ ହେଲା ମନ ଦୁଃଖରେ ଅଛନ୍ତି। ବାହାର ଲୋକଙ୍କୁ ଦେଖିଲେ ଦାନ୍ତ ନେଫେଡେଇ ହସୁଛନ୍ତି। ଏକୁଟିକା ବସିଲେ କାନ୍ଦ କାନ୍ଦ ଅବସ୍ଥା। ଉପରୁ କୁଆଡେ ଖବର ପାଇଛନ୍ତି ମନ୍ତ୍ରୀ ପଦ ପଳାଇବ, ନହେଲେ ପକ୍ଷ ଛେଦନ ହେବ। ଖବରଟି ପାଇବା ଦିନ ଠାରୁ ଚଉକି ରକ୍ଷା ପାଇଁ ପ୍ରାଣପଣେ ଲାଗି ପଡିଥିଲେ। ବର୍ଷପୂର୍ତ୍ତି ଉତ୍ସବରେ କାହାକୁ କିଭଳି ଖୁସି କରିବେ ସେଥିପାଇଁ ସବୁ ଯୋଜନା କରିଥିଲେ। କଲମଧାରୀମାନଙ୍କୁ ବି ଡାକି ଆଲୋଚନା କରିଥିଲେ। ହେଲେ ଏତିକିବେଳେ ବାବୁଙ୍କର ବିରୋଧି ଗୋଟିଏ ଭିଡିଓ ଭାଇରାଲ କରି କାମ ସାରିଦେଇଛନ୍ତି। ତେଣୁ ଚଉକି ହଲିବାରେ ଲାଗିଛି। କଥା ସାରି ବାବୁ ପଳାଇବାକୁ ବାହାରିଥିବାବେଳେ ଆଉ ଜଣେ ମନ୍ତ୍ରୀଙ୍କ କର୍ମଚାରୀ ଆସି ମୁହଁ ଶୁଖାଇ ପହଞ୍ଚିଲେ। କିଛି ପଚାରିବା ପୂର୍ବରୁ ସିଏ ବି କହିଲେ, ତାଙ୍କ ମନ୍ତ୍ରୀଙ୍କ ସ୍ଥିତି ବି ଭଲ ନାହିଁ। ତାଙ୍କ ମନ୍ତ୍ରୀଙ୍କ ଜିଲ୍ଲାରୁ ଦୁଇ ଜଣ ମନ୍ତ୍ରୀ ଥିବାରୁ ଜଣଙ୍କୁ ବଳି ପକାଇବାକୁ ଆଲୋଚନା ଚାଲିଛି। କଥାଟି ଶୁଣିବା ପରଠାରୁ ମନ୍ତ୍ରୀଙ୍କୁ ଆଉ ନିଦ ହେଉନାହିଁ। ହଲିଲା ଚଉକିକୁ କିଭଳି କଣ୍ଟାପିଟି ମଜବୁତ କରିବେ ସେଥିପାଇଁ ଲାଗି ପଡିଛନ୍ତି। ମଝିରେ ମଝିରେ ଦିଲ୍ଲୀଆଡେ ଘେରାଏ ବୁଲି ଆସୁଛନ୍ତି। ହେଲେ ଚଉକି କଥା ଭାବିଲା ବେଳକୁ ନିଦ ହେଉନାହିଁ। କଥା ଭିତରେ ସେପଟୁ ଆଉ ଦୁଇଜଣ ମନ୍ତ୍ରୀଙ୍କ ଲୋକ ମୁହଁ ଶୁଖାଇ ଆସିବା ଦେଖି ଆମେ ହସି ହସି ବିଦାୟ ନେଲୁ।

# ରାଜଧାନୀରେ ଖାକି ବାବୁଙ୍କର ରଙ୍ଗୀନ ରାତି

ଜଣେ ବଡ ଖାକିବାବୁ ରାଜଧାନୀରେ ରାତି ରଙ୍ଗିନ କରୁଛନ୍ତି। ବାବୁ କୁଆଡେ ଏଥିପାଇଁ ଦୁଇ ଶହ କିଲୋମିଟର ଦୂରରୁ ଛୁଟି ଆସୁଛନ୍ତି। ସାନ ଖାକିବାବୁମାନଙ୍କର ଏ ନେଇ ଚାଲିଥିବା ଆଲୋଚନାରୁ ଜଣାଯାଇଛି ଯେ ଏହି ବଡ ଖାକିବାବୁଙ୍କ ଦପ୍ତରଟି ଓଡିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାରେ। ସେଠାରେ କୁଆଡେ ବାବୁ ବାଲି ମାଫିଆଙ୍କ ଉପରେ କଡା ନଜର ରଖିଛନ୍ତି। ଦୁଇ ତିନିଟି ଜିଲ୍ଲାର ସିଏ ମାଲିକ। ପ୍ରବଳ କାମ। ହେଲେ ସେହି କାମ ଚାପାରୁ ବାବୁ କୁଆଡେ ସମୟ ବାହାର କରି ସପ୍ତାହରେ ଥରେ ଦୁଇଥର ରାଜଧାନୀକୁ ଛୁଟି ଆସୁଛନ୍ତି। ଏଠାରେ ଥିବା ତାରକା ହୋଟେଲରେ ଶ୍ରମଭାର ଲାଘବ କରି ଫେରୁଛନ୍ତି। ତେବେ ଆଲୋଚନାର ସୂଚନା ଅନୁଯାୟୀ ବାବୁଙ୍କର ଏଭଳି କାର୍ଯ୍ୟ ସଂକ୍ରାନ୍ତରେ କିଛି ଖାକିବାବୁ ଅବଗତ। ହେଲେ ଦରଦ ପଣିଆ ଯୋଗୁଁ କିଛି କହିପାରୁ ନାହାନ୍ତି। ଏଭଳି ଦରଦ ସଂକ୍ରାନ୍ତରେ ଆଲୋଚନା ଚଳାଇଥିବା ଜଣେ ଖାକି ବାବୁଙ୍କୁ ପଚାରିବାରୁ ସେ କହିଲେ, ପାରିବାରିକ ଅଶାନ୍ତି କାରଣରୁ ବାବୁ କୁଆଡେ ରାଜଧାନୀକୁ ଛୁଟି ଆସନ୍ତି। ଏଠାରେ ଟିକେ ମନ ଶାନ୍ତି କରି ଫେରନ୍ତି। ଏଠାକାର ତାରକା ହୋଟେଲରେ ବାବୁଙ୍କ ମନକଥା ବୁଝିବାକୁ ବ୍ୟବସ୍ଥା ହୋଇଥାଏ। ଟିକେ ଶାନ୍ତି ପାଇଲା ପରେ ରାତାରାତି ବାବୁ କର୍ମସ୍ଥଳୀକୁ ଛୁଟିଯାନ୍ତି। ଯେହେତୁ ବେସରକାରୀ ଗାଡିରେ ବାବୁ ରାଜଧାନୀ ଆସନ୍ତି ତେଣୁ ଅଧିକାଂଶ ଟେର୍ ପାଇନଥାନ୍ତି। ହେଲେ ବାବୁଙ୍କର ରଙ୍ଗୀନ ମିଜାଜ କଥାଟି ଏବେ ରାଜଧାନୀର ତାରକା ହୋଟେଲର ଚାରିକାନ୍ଥ ଡେଇଁ ତଳିଆ ଖାକିବାବୁମାନଙ୍କ ନିକଟରେ ପହଞ୍ଚି ଥିବାବେଳେ କେବେ ଯାଇ ତାଙ୍କ କର୍ମକ୍ଷେତ୍ରରେ ପହଞ୍ଚିବ ତାହାର ହିସାବ ସାନ ଖାକିବାବୁମାନେ କରୁଛନ୍ତି।



## କଳିଙ୍ଗ ଷ୍ଟୁଡିଓରେ ମୁଖ୍ୟମନ୍ତ୍ରୀ

# ଅତ୍ୟାଧୁନିକ ଷ୍ଟୁଡିଓ ପାଇଁ ଡିପିଆର୍ ପ୍ରସ୍ତୁତି ନିର୍ଦ୍ଦେଶ

**ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରିବା ସହ ଏହାକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଅତ୍ୟାଧୁନିକ ଷ୍ଟୁଡିଓ ଭାବେ ବିକଶିତ କରିବା ସକାଶେ ନିଷ୍ପତ୍ତି ଦେଇଛନ୍ତି। ଏଥିପାଇଁ ତୁରନ୍ତ ଏକ ଡିପିଆର୍ ପ୍ରସ୍ତୁତି ପାଇଁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ୧୯୮୦ରେ ସ୍ଥାପିତ ଏହି ଷ୍ଟୁଡିଓ ଏକଦା ଚଳଚ୍ଚିତ୍ର ନିର୍ମାଣ ପାଇଁ ଉନ୍ନତ ଯନ୍ତ୍ରପାତି ସହ ପୂର୍ବ ଭାରତର ଏକମାତ୍ର ଷ୍ଟୁଡିଓ ଭାବେ ଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ସମୟକ୍ରମେ ଆଧୁନିକ ଯନ୍ତ୍ରପାତି ଓ ବୈଷୟିକ ଉପକରଣ ଅଭାବରୁ ଏହାର ଚାହିଦା ହ୍ରାସ ପାଇଥିଲା। ଫଳସ୍ୱରୂପ ଏହା ଗୋଟିଏ ସମୟରେ ଅକାମୀ ହୋଇଯାଇଥିଲା ବୋଲି କହିଲେ ଚଳେ। କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ସରକାର ଏହାର ଉନ୍ନତିକରଣ ପ୍ରତି ଦୃଷ୍ଟି ଦେଇଥିବା ବେଳେ ଇଡ୍‌କୋ ମାଧ୍ୟମରେ ଏବେ ଏହି କାର୍ଯ୍ୟ ଜାରି ରହିଛି।




ତେବେ ବିଜେପି ନେତୃତ୍ୱରେ ରାଜ୍ୟରେ ସରକାର ଗଠନ ହେବା ପରେ ଏହି ଷ୍ଟୁଡିଓର ଅତ୍ୟାଧୁନିକୀକରଣକୁ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଷ୍ଟୁଡିଓର ଟେକ୍ ବିଲଡିଙ୍ଗ, ଏଣ୍ଟ୍ରାନ୍ସ ପ୍ଲାଜା, ଇନଡୋର୍ ଶୁଟିଂ ବ୍ୟବସ୍ଥା, କଳିଙ୍ଗ ମୁଭି ମ୍ୟାଜିକ୍, ଆଭେନ୍ୟୁ ଲ୍ୟାଣ୍ଡ, ଭିଲେଜ୍ ଏରିଆ, ଆଇକନିକ୍ ଲ୍ୟାଣ୍ଡ ମାର୍କ, ସ୍ନୋ ୱାର୍ଲଡ, କମ୍ୟୁନିଟି ହଲ୍, ବାମ୍ବୋ ଷ୍ଟ୍ରକ୍‌ଚର, ୱାଟର ବଡି, ଗ୍ରୀନ ଏରିଆ ଆଦିର ବିକାଶ କରାଯାଉଛି। ବାକି ରହିଥିବା କାମଗୁଡ଼ିକୁ ମଧ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଷ୍ଟୁଡିଓ ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଆ ଚଳଚ୍ଚିତ୍ରର ବିକାଶ ଦିଗରେ ଏହି ଷ୍ଟୁଡିଓର ବିକାଶ ଏକାନ୍ତ ଜରୁରୀ। ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ସମ୍ପନ୍ନ କରାଯିବା ସହ ଏହାକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଷ୍ଟୁଡିଓରେ ପରିଣତ କରାଯିବ। ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରାଯାଇ ଏହି ଷ୍ଟୁଡିଓର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ମଧ୍ୟ ଷ୍ଟୁଡିଓ ବୁଲି ଦେଖିଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି)ର ପରିଚାଳନା ନିର୍ଦ୍ଦେଶକ ସମର୍ଥ ବର୍ମା ଓ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ମଧ୍ୟ ଉପସ୍ଥିତ ଥିଲେ।



ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆୟୋଜିତ 'ଆନ୍ତଃ ଜିଲ୍ଲା ଚାମ୍ପିୟନସିପ୍' ସିଏମ୍ ଟ୍ରଫି-୨୦୨୫ ସମାରୋହରେ ଯୋଗଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

# କମିଲା ବର୍ଷା, ଫେରିବ ତାତି

**ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ):** ରାଜ୍ୟରେ ମୌସୁମୀ ପ୍ରବେଶ କରିବା ପରେ ଏଥିଜନିତ ବର୍ଷା ହେବା ଫଳରେ ରାଜ୍ୟବାସୀ ତାତିରୁ ତ୍ରାହି ପାଇଥିଲେ। କିନ୍ତୁ ଇତିମଧ୍ୟରେ ବର୍ଷା କମିଯାଇଛି ଓ ଆସନ୍ତାକାଲିଠାରୁ ତାତି ପ୍ରତ୍ୟାବର୍ତ୍ତନ କରିବ ବୋଲି ଆଜି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏପରିକି ଆଗାମୀ ୫/୬ ଦିନ ମଧ୍ୟରେ ତାପମାତ୍ରା ପ୍ରାୟ ୨ରୁ ୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇପାରେ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି। ଉତ୍ତର-ପୂର୍ବ ଆସାମ ଓ ଆଖପାଖ ଅଞ୍ଚଳରେ ରହିଥିବା ଲଘୁଚାପ




କ୍ଷେତ୍ର ଏବେ କ୍ରମଶଃ ଅସ୍ପଷ୍ଟ ହେବାରେ ଲାଗିଛି। ତଥାପି ସମ୍ପୃକ୍ତ ଘୂର୍ଣ୍ଣିବଳୟ ଉକ୍ତ ଅଞ୍ଚଳ ଉପରେ ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଉତ୍ତର ସୀମା ମୁମ୍ବାଇ, ଭବାନୀପାଟଣା, ପୁରୀ, ସ୍ୟାଣ୍ଡହେଡ୍ ଦ୍ୱୀପ ଦେଇ ଗତି କରୁଛି। ଫଳରେ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ଓ ଉପକୂଳ ଓଡ଼ିଶାର କେତେକ ଜିଲ୍ଲାରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଆସନ୍ତାକାଲି ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାକୁ ଥିବାରୁ ଏହି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଝରକା ଭାଙ୍ଗି ୫ ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍

**ହାଟଡ଼ିହି,୧।୬(ସଂଚାର ବ୍ୟୁରୋ):** ଆନନ୍ଦପୁର ଉପଖଣ୍ଡରେ ଗୋଟିଏ ପରେ ଗୋଟିଏ ଲୁଟ୍ ଘଟଣା ବଢ଼ିଚାଲିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଗତକାଲି ବିଳମ୍ବିତ ରାତିରେ ନନ୍ଦିପଦା ଥାନା ନିସଙ୍ଗପୁର ଗ୍ରାମରେ କେତେକ ଦୁର୍ବୃତ୍ତ ଝରକା ଗ୍ରୀଲ ଭାଙ୍ଗି ପାଖାପାଖି ୫ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ବାସୁଦେବ ଖୁଣ୍ଟିଆଙ୍କ ପରିବାର ଲୋକେ ଶନିବାର ରାତିରେ ଘର ପାଖରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ତେବେ ସେମାନେ ରାତି ପ୍ରାୟ ୨ଟା ବେଳକୁ ଘରେ ପହଞ୍ଚିବା ପରେ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଲୁଟେରାମାନେ ଘରର ଝରକା ଭାଙ୍ଗି ଘର ଭିତରେ ପଶିବା ସହ ଆଲମିରାରେ ଥିବା ସୁନା ଓ ରୁପା ଅଳଙ୍କାର ସହ କିଛି ନଗଦ ଟଙ୍କା ଲୁଟି ନେଇଥିବା ସେମାନେ ଦେଖିଥିଲେ। ଏନେଇ ତୁରନ୍ତ ପରିବାର ପକ୍ଷରୁ ନନ୍ଦିପଦା ଥାନାରେ ଅଭିଯୋଗ କରାଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ପୁଲିସ୍ କିଛି ବି ସୂଚନା ପାଇପାରିନାହିଁ। ତେବେ ଗତ କିଛିଦିନ ଭିତରେ ଏଠାରେ ଗୋଟିଏ ପରେ ଗୋଟିଏ ଚୋରି ଘଟଣା ଘଟିଚାଲିଥିବାରୁ ଏହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇଦେଇଛି। ବିଶେଷକରି ଚୋରି ଘଟଣା ବଢୁଥିଲେ ହେଁ ପୁଲିସ୍ ଗୋଟିଏ ବି ଘଟଣାର ପର୍ଦ୍ଦାଫାସ୍ କରିପାରୁନଥିବାରୁ ସ୍ଥାନୀୟ ଲୋକଙ୍କର ମଧ୍ୟରେ ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରୁ ଭରସା ତୁଟିବାରେ ଲାଗିଛି।

# ନଣ୍ଡାହେଲେ ବାବୁସାନ୍, ବାପାଙ୍କ ଅସ୍ଥି ବିସର୍ଜନ କଲେ



**ପୁରୀ,୧।୬(ସଂଚାର ବ୍ୟୁରୋ):** ଚଳିତ ବର୍ଷ ପ୍ରଥମ ଭାଗରେ ଓଲିଉଡ୍‌ର ସୁପର୍ ଷ୍ଟାର୍ ଉତ୍ତମ ମହାନ୍ତି ପରଲୋକ ଗମନ କରିଥିବା ବେଳେ ତାଙ୍କ ଶୁଦ୍ଧିକ୍ରିୟାରେ ପୁତ୍ର ବାବୁସାନ୍ ଶୁଟିଂ କାରଣରୁ ନଣ୍ଡା ହୋଇନଥିଲେ। ତେବେ ଇତିମଧ୍ୟରେ ଉକ୍ତ ଫିଲ୍ମର ଶୁଟିଂ ଶେଷ ହୋଇଥିବା ବେଳେ ଆଜି ବାବୁସାନ୍ ଚୁଟି କାଟିବା ସହ ବାପାଙ୍କ ଅସ୍ଥି ବିସର୍ଜନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାର ନିକଟସ୍ଥ ସମୁଦ୍ରରେ ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ କରିବା ସହ ଶ୍ରାଦ୍ଧ କର୍ମ କରିଛନ୍ତି ଅଭିନେତା ବାବୁସାନ । ବାବୁସାନଙ୍କ ସହ ସ୍ତ୍ରୀ ତୃପ୍ତି ଏବଂ ମା' ଅପରାଜିତା ଉପସ୍ଥିତ ଥିଲେ । ଉତ୍ତମ ମହାନ୍ତିଙ୍କ ବିୟୋଗ ପରେ ପ୍ରଥମେ ପୁରୀ ଶ୍ୱେତଗଙ୍ଗା ପୁଷ୍କରିଣୀରେ ଶ୍ରାଦ୍ଧ ପ୍ରଦାନ ସହ ଅସ୍ଥି ବିସର୍ଜନ କରିଥିଲେ। ଏହି ଅବସରରେ ସେ ବାପାଙ୍କ ଶୁଦ୍ଧିକ୍ରିୟାକୁ ବର୍ଷେ ପୂରି ନଥିବାରୁ ଶ୍ରୀମନ୍ଦିର ଯାଇନପାରି ବାବୁସାନ୍ ସ୍ୱର୍ଗଦ୍ୱାରଠାର ମହାପ୍ରଭୁଙ୍କୁ ମୁଣ୍ଡିଆ ମାରି ଭକ୍ତିଭାବ ଜଣାଇଥିଲେ।

## ଏସ୍‌ଆଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ଭବାନୀପାଟଣା,୧।୬(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ବୋରିଗୁମ୍ମାର ଏସ୍‌ଆଇ ପବିତ୍ର ଗୋଲାପିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର । ଭବାନୀପାଟଣା ଜୁନାଗଡ଼ ଜାତୀୟ ରାଜପଥ ୨୬ ଉପରେ ପଡିଛି ମୃତଦେହ। ଜୁନାଗଡ଼ ଥାନା ବଂମାଲିପୁର ଛକ ନିକଟରେ ବାଇକ ସହ ପଡ଼ିଥିଲା ମୃତଦେହ। ତାଙ୍କ ମୁହଁ ସଂପୂର୍ଣ୍ଣ ପୋଡ଼ିଯାଇଥିବାବେଳେ ବାଇକ୍ ମଧ୍ୟ ଜଳିପୋଡ଼ି ପାଉଁଶ ହୋଇଯାଇଛି। ସେ ଭବାନୀପାଟଣା ରିଜର୍ଭ ପୋଲିସରେ କାର୍ଯ୍ୟରତ ଥିଲେ । ଘଟଣାସ୍ଥଳରେ ଧର୍ମଗଡ଼ ଏସଡିପିଓ ଏବଂ ଆଡିସନଲ ଏସ୍‌ପି ପହଁଚି ତଦନ୍ତ କରୁଛନ୍ତି ।

# ଭଡ଼ାକୁ ନେଇ ଅଟୋ ଡ୍ରାଇଭରଙ୍କ ହାତ ହାଣିଦେଲେ



**ଅନୁଗୁଳ,୧।୬(ସଂଚାର ବ୍ୟୁରୋ):** ଅଟୋ ଭଡ଼ାକୁ ନେଇ ହଣାକଟା। ଅଟୋ ଡ୍ରାଇଭରଙ୍କ ହାତ ହାଣିଦେଲେ ଦୁଇ ଦୁର୍ବୃତ୍ତ। ଅନୁଗୋଳ ନୂଆ ବସ୍‌ଷ୍ଟାଣ୍ଡରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିବା ଯୁବକ କାଳିଆ ଗୋଛାୟତଙ୍କ ହାତ ହାଣି ଦେଇଛନ୍ତି ଦୁର୍ବୃତ୍ତ। ମିଳିଥିବା ସୂଚନାନୁସାରେ, ଆଜି ୩ ଜଣ ପାସେଞ୍ଜର ବଆଁରପାଳ ଯିବା ପାଇଁ ଅଟୋ ବୁଝୁଥିଲେ। ଅନ୍ୟ ଜଣେ ଅଟୋ ଚାଳକ ୫୦୦ ଟଙ୍କା ନେବାକୁ କହିଥିଲେ। କିନ୍ତୁ କାଳିଆ ୪୦୦ ଟଙ୍କାରେ ଯିବାକୁ ରାଜି ହୋଇଥିଲେ। ଏହାକୁ ନେଇ କାଳିଆ ସହ ଅନ୍ୟ ଅଟୋ ଚାଳକ ଜଣଙ୍କ ଯୁକ୍ତିତର୍କ କରିଥିଲେ। ପରେ କାଳିଆ ଯାତ୍ରୀଙ୍କୁ ନେଇ ଯାଉଥିବା ସମୟରେ ଦୁଇ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ଡାହାଣ ହାତକୁ ହାଣି ସେଠାରୁ ଖସି ପଳାଇଯାଇଥିଲେ। ଏନେଇ କାଳିଆ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ କୌଣସି ଟେର୍ ପାଇପାରିନାହିଁ।

# ନୂତନ ପାକ୍ସ ଗଠନ ନେଇ ଅଭିଯାନ ଆରମ୍ଭ

**ଭୁବନେଶ୍ୱର,୧।୬:** ଗ୍ରାମାଞ୍ଚଳର କୃଷକମାନଙ୍କ ବର୍ଦ୍ଧିତ ଋଣ ଚାହିଦାକୁ ପୂରଣ କରିବା ପାଇଁ, ଓଡ଼ିଶା ସରକାର ନୂତନ ପ୍ରାଥମିକ କୃଷି ସମବାୟ ସମିତି (ପାକସ୍) ଏବଂ ବୃହତ-କ୍ଷେତ୍ର ବହୁମୁଖୀ ସମିତି (ଲାମ୍ପସ୍) ପ୍ରତିଷ୍ଠା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ କରିଛନ୍ତି, ଏବଂ ସେମାନଙ୍କ ବିଦ୍ୟମାନ ଭିତ୍ତିଭୂମିକୁ ମଧ୍ୟ ମଜବୁତ କରିଛନ୍ତି । ସମବାୟ ବିଭାଗ (ଡିଓସି) ନିକଟରେ ନୂତନ ପାକସ୍ ପାଇଁ ପରିପକ୍ୱ ଗ୍ରାମ ପଞ୍ଚାୟତ ଚିହ୍ନଟ ପାଇଁ ରଣନୀତି ପ୍ରସ୍ତୁତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରିଛି ।



ଏହି ସମ୍ପ୍ରସାରଣ ପାଇଁ ବିଭାଗ ସ୍ପଷ୍ଟ ମାନଦଣ୍ଡ ପ୍ରତିଷ୍ଠା କରିଛି । ସେଥି ମଧ୍ୟରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଅତିକମରେ ଗୋଟିଏ ପାକସ୍ ରହିବା ଏହାର ଲକ୍ଷ୍ୟ । ତେବେ, ସମ୍ଭବ ହେଲେ, ବୃହତ କିମ୍ବା ଅଧିକ ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତଗୁଡ଼ିକ ଏକାଧିକ ପାକସ୍‌କୁ ସମର୍ଥନ କରିପାରିବେ ।

ନୂତନ ପାକସ୍‌କୁ ବିଚାର କରାଯାଇପାରେ ଯେଉଁଠାରେ ପାହାଡ, ନଦୀ କିମ୍ବା ଘଞ୍ଚ ଜଙ୍ଗଲ ପରି ଭୌତିକ ଏବଂ ଭୌଗୋଳିକ ପ୍ରତିବନ୍ଧକ କୃଷକମାନଙ୍କୁ ସେମାନଙ୍କ ବର୍ତ୍ତମାନର ସମାଜକୁ ପ୍ରବେଶ କରିବାରେ ବାଧା ଦେଇଥାଏ। ଯଦି କୃଷକମାନଙ୍କୁ ବିଦ୍ୟମାନ ପାକସ୍‌ରେ ପହଞ୍ଚିବା ପାଇଁ ୧୦ କିଲୋମିଟରରୁ ଅଧିକ ଯାତ୍ରା କରିବାକୁ ପଡ଼େ, ତେବେ ସେମାନଙ୍କ ଆଖପାଖରେ ଏକ ନୂତନ ଗଠନ ହେବାର ସମ୍ଭାବନା ଅନୁସନ୍ଧାନ କରାଯିବ।

ସୁନିଶ୍ଚିତ ଜଳସେଚନ ସୁବିଧା ଥିବା ଅଞ୍ଚଳ ଏବଂ ଯଥେଷ୍ଟ କୃଷକ ଜନସଂଖ୍ୟା ମଧ୍ୟ ନୂତନ ପାକସ୍ ପାଇଁ ପ୍ରମୁଖ ପ୍ରାର୍ଥୀ ଏହି ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ସମବାୟ ସମିତିର ରେଜିଷ୍ଟ୍ରାର (ଆରସିଏସ୍) ସମବାୟ ସମିତିର ସମସ୍ତ ଡେପୁଟି ରେଜିଷ୍ଟ୍ରାର (ଡିଆର୍‌ସିଏସ୍)ଙ୍କୁ ସେମାନଙ୍କ ଅଧିକାର କ୍ଷେତ୍ର ମଧ୍ୟରେ ପୁଙ୍ଖାନୁପୁଙ୍ଖ ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସେମାନଙ୍କୁ ବିଳମ୍ବ ନକରି ନୂତନ ପାକସ୍ ପାଇଁ ବ୍ୟାପକ ସମ୍ଭାବ୍ୟ ରିପୋର୍ଟ ଦାଖଲ କରିବାକୁ ପଡିବ। ବର୍ତ୍ତମାନ ଓଡ଼ିଶାରେ ୨,୪୯୫ଟି ପାକସ୍ ଏବଂ ୨୧୫ଟି ଲାମ୍ପସ୍ ରହିଛି, ଯାହା ୬୭୯୪ଟି ପଞ୍ଚାୟତକୁ ସେବା ପ୍ରଦାନ କରୁଛି । ୨୦୦୦ କିମ୍ବା ତାହାଠାରୁ ଅଧିକ ପାକସ୍ ଥିବା ୧୪ଟି ବୃହତ ରାଜ୍ୟ ମଧ୍ୟରେ ଏହା ରାଜ୍ୟକୁ ନିମ୍ନ ସ୍ତରରେ ରଖିଥାଏ। ଏହି ପରିପ୍ରେକ୍ଷୀରେ, ମହାରାଷ୍ଟ୍ରରେ ୨୧,୧୮୧ଟି ପାକସ୍ ରହିଥିବା ବେଳେ ଏହା ପଛକୁ ରହିଛି ୮୫୩୫ ପାକସ୍ ସହ ଗୁଜରାଟ, ବିହାର (୮,୪୬୩) ଏବଂ ପଶ୍ଚିମବଙ୍ଗ (୭,୪୦୫), ଯାହା ଓଡ଼ିଶାରେ ସମ୍ପ୍ରସାରଣର ଗୁରୁତ୍ୱପୂର୍ଣ୍ଣ ସମ୍ଭାବନାକୁ ଦର୍ଶାଉଛି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭଲ ପରିବେଶରେ ବିଦେଶୀ ନିବେଶ ବଢ଼ିବ: ରାଜନ




**ନୂଆଦିଲ୍ଲୀ ୧।୬:** ଯଦି ଭାରତ ଏକ ଭଲ ପରିବେଶ ତିଆରିରେ ସଫଳ ହୁଏ ତେବେ ବିଦେଶୀ ନିବେଶରେ ବୃଦ୍ଧି ଦେଖା ଯାଇପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୂର୍ବ ଗଭର୍ଣ୍ଣର ରଘୁରାମ ରାଜନ ରବିବାର ଏହା କହିଛନ୍ତି। ସେ କହିଛନ୍ତି ଯେ କୋଭିଡ ଓ ଚୀନର ଆଧିପତ୍ୟ ପରବର୍ତ୍ତି କାଳରେ ଗ୍ଲୋବାଲ ସପ୍ଲାଇ ଚେନ୍ ଯାଞ୍ଚ ଓ ସୁଧାର ଦେଇ ଗତି କରୁଛି। ଏଥିରେ ନିବେଶ ନିମନ୍ତେ ପରିବେଶ ସୃଷ୍ଟି କରିବା 'ଇଣ୍ଡିଆର ମୁଭମେଣ୍ଟ' ହୋଇପାରେ। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରେ ପ୍ରଡକ୍ସନ ନ କରିବା ପାଇଁ ଆପଲକୁ ଧମକାଇଥିଲେ। ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ଆରବିଆଇ ଗଭର୍ଣ୍ଣରଙ୍କ ଏହି ବୟାନ ସିଏନବିସି ଟିଭି୧୮ର ଏକ କାର୍ଯ୍ୟକ୍ରମରେ ଦେଇଛନ୍ତି। ରଘୁରାମ ରାଜନ କହିଛନ୍ତି ଯେ ସବୁ ସପ୍ଲାଇ ଚେନ ଏବେ ଯାଞ୍ଚ ମଧ ଦେଇ ଗତି କରୁଛନ୍ତି। ଏଥିରେ ଯଦି ଭାରତ ରେଡ କାର୍ପେଟ ବିଛାଏ ଓ ଟ୍ୟାକ୍ସରୁ ଆରମ୍ଭ କରି ନୀତିରେ ନିରନ୍ତରତା ପ୍ରଦର୍ଶନ କରେ ତେବେ ଏହାର ଭଲ ପ୍ରଭାବ ଦେଖିବାକୁ ମିଳିବ।

ରାଜନ କହିଛନ୍ତି ଯେ ଇଣ୍ଡଷ୍ଟ୍ରିଆଲ ଦେଶ କେବେ ଚାହିଁବେନି ସପ୍ଲାଇ ଚେନ୍ ଚୀନରୁ ଭାରତକୁ ଚାଲି ଯାଉ। ଏଥିରେ ଯଦି ଭାରତ ଠିକ୍ ରୂପେ ନିଜ କାର୍ଡ ଖେଳିପାରିଲା ତେବେ ଦେଶରେ ପ୍ରଡକ୍ସନ ଲାଗି ଏକ ଭଲ ବାତାବରଣ ତିଆରି କରାଯାଇ ପାରିବ। ସେ ଜୋର ଦେଇ କହିଛନ୍ତି ଯେ ଆମକୁ ବହୁତ କାମ କରିବାକୁ ଅଛି। ଏଥିପାଇଁ ଆମ ପ୍ରୟାସ କେବଳ ପ୍ରତିକାତ୍ମକ ହେବା କଥା ନୁହେଁ। ଆମକୁ ଦୃଢ ପଦକ୍ଷେପ ନେବାକୁ ପଡିବ, ଯାହା ଆମେ ଗତ କିଛି ବର୍ଷ ହେଲା ଠିକ୍ ଭାବେ କରୁ ନାହେଁ। ଗତ ଦିନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆପଲକୁ ଭାରତରେ ଉତ୍ପାଦନ ନ କରିବାକୁ ଧମକାଇଥିଲେ। ଟ୍ରମ୍ପ କହିଥିଲେ ଯେଦି ଭାରତରେ ତିଆରି ଆଇ ଫୋନ ଆମେରିକାରେ ବିକ୍ରି ହୁଏ ଏହା ଉପରେ ଟାରିଫ ଲଗାଇବେ। ଏଥିରେ ସେ ୨୫% ପର୍ଯ୍ୟନ୍ତ ଟାରିଫ ଲଗାଇବାକୁ ମଧ କହିଥିଲେ। ଏହି ପ୍ରସଙ୍ଗ ଉପରେ ରାଜନ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଏପରି କେହି ସିଇଓ ନାହାନ୍ତି ଯିଏ ଟ୍ରମ୍ପ ପ୍ରଶାସନ ବିରୋଧରେ ଯାଇ ପାରିବେ।




## ମେ ମାସରେ ଜିଏସଟି ସଂଗ୍ରହ ୨ ଲକ୍ଷ କୋଟି ଟପିଲା

**ନୂଆଦିଲ୍ଲୀ, ୧।୬:** ନିକଟରେ ସମାପ୍ତ ମେ ମାସରେ ଦେଶର ଜିଏସଟି ରାଜସ୍ୱ ୧୬.୪ ପ୍ରତିଶତ ବୃଦ୍ଧି ପାଇ ୨ ଲକ୍ଷ ୧ ହଜାର ୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ୨ୟ ସର୍ବାକାଳୀନ ମାସିକ ଜିଏସଟି ସଂଗ୍ରହ। ଏହା ପୂର୍ବରୁ ଗତ ଏପ୍ରିଲ ମାସରେ ଜିଏସଟି ସଂଗ୍ରହ ରେକର୍ଡ ୨ ଲକ୍ଷ ୩୬ ହଜାର କୋଟିକୁ ବୃଦ୍ଧି ପାଇଥିଲା। ମେ ମାସରେ ଓଡ଼ିଶାର ଜିଏସଟି ସଂଗ୍ରହ ୨ ପ୍ରତିଶତ ବୃଦ୍ଧି ପାଇ ୫୧୦୮ ଟଙ୍କାରେ ପହଞ୍ଚିଛି। ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଏପ୍ରିଲ ୨୦୨୪ ରେ ଜିଏସଟି ସଂଗ୍ରହ ୨.୧୦ ଲକ୍ଷ କୋଟି ଟଙ୍କା ଥିଲା। ୧ ଜୁଲାଇ ୨୦୧୭ ରୁ ଦେଶରେ ଜିଏସଟି ଲାଗୁ ହେବା ପରେ ଏହା ଦ୍ୱିତୀୟ ସର୍ବାଧିକ ସଂଗ୍ରହ ଥିଲା। ମାର୍ଚ୍ଚ ୨୦୨୫ ରେ ଜିଏସଟି ସଂଗ୍ରହ ୧.୯୬ ଲକ୍ଷ କୋଟି ଟଙ୍କା ଥିଲା। ସେହି ସମୟରେ, ମାର୍ଚ୍ଚ ମାସରେ ମୋଟ ଜିଏସଟି ସଂଗ୍ରହ ୯.୯ ପ୍ରତିଶତ ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ଘରୋଇ କାରବାରରୁ ଜିଏସଟି ରାଜସ୍ୱ ମାର୍ଚ୍ଚ ମାସରେ ୮.୮ ପ୍ରତିଶତ ବୃଦ୍ଧି ପାଇ ୧.୪୯ ଲକ୍ଷ କୋଟି ଟଙ୍କା ହୋଇଛି, ଯେତେବେଳେ ଆମଦାନୀ ସାମଗ୍ରୀରୁ ରାଜସ୍ୱ ୧୩.୫୬ ପ୍ରତିଶତ ବୃଦ୍ଧି ପାଇ ୪୬୯୧୯ କୋଟି ଟଙ୍କା ହୋଇଛି।

### ଆଇପିଏଲ୍ ଫାଇନାଲ୍

## ୧୦ ସେକେଣ୍ଡ୍ ବିଜ୍ଞାପନକୁ ୧୮ ଲକ୍ଷ

**ନୂଆଦିଲ୍ଲୀ, ୧।୬:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ସଂସ୍କରଣ ଫାଇନାଲ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପ୍ରବେଶ କରିଥିବାରୁ ଦର୍ଶକଙ୍କ ମଧରେ ବେଶ୍ ଉତ୍କଣ୍ଠା ରହିଛି। ଏହାର ପ୍ରଭାବରେ ଫାଇନାଲ୍ ମ୍ୟାଚ୍ ପାଇଁ ବିଜ୍ଞାପନ ଦରରେ ମଧ ବୃଦ୍ଧି ଘଟିଛି। ଆଇପିଏଲ୍ ଫାଇନାଲ୍‌ର ୧୦ ସେକେଣ୍ଡ୍‌ର ଟିଭି ବିଜ୍ଞାପନ ଦାମ୍ ୧୮ ଲକ୍ଷ ଟଙ୍କା ହୋଇଛି। ଗତବର୍ଷ ଫାଇନାଲ୍‌ର ବିଜ୍ଞାପନ ଦର ତୁଳନାରେ ଏହା ୧୦ ପ୍ରତିଶତ ଅଧିକ। ବିରାଟ କୋହଲିଙ୍କ ପାଇଁ ମଧ ଦର୍ଶକମାନେ ବେଶ୍ ଉତ୍ସାହିତ ଅଛନ୍ତି। ତେବେ ମୋଟ୍ ଉପରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଆଇପିଏଲ୍ ଋତୁରେ କିନ୍ତୁ ବିଜ୍ଞାପନ ଚାହିଦା ୨୦-୨୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଛି। ପରିବେଶ ଅନୁକୂଳ ନ ଥିବାରୁ ବିଜ୍ଞାପନ ଚାହିଦା କମ୍ ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି। କିନ୍ତୁ ଆର୍‌ସିବି ଫାଇନାଲ୍‌ରେ ପ୍ରବେଶ କରିବା ଦର୍ଶକମାନଙ୍କ ଉତ୍ସାହକୁ ବଢ଼ାଇଛି। ଏଥର ଆଇପିଏଲ୍ ଫାଇନାଲ୍ ମ୍ୟାଚ୍ ପାଇଁ ବିଜ୍ଞାପନ ସ୍ଲଟ୍ ବୁକିଂ କରିବାରେ ଏଫ୍ଏମ୍‌ସିଜି, ଅଟୋମୋବାଇଲ୍, ପ୍ରଯୁକ୍ତି, ଗେମିଂ ଓ ଉପଭୋକ୍ତା କମ୍ପାନିଗୁଡ଼ିକ ବିଜ୍ଞାପନ ଦେବାରେ ଆଗରେ ରହିଛନ୍ତି। ଚଳିତ ଆଇପିଏଲ୍ ଋତୁର ପ୍ରଥମ ୬୨ଟି ମ୍ୟାଚ୍ ପାଇଁ ୧୦୦ରୁ ଅଧିକ ବିଜ୍ଞାପନଦାତା ଓ ୧୮୦ରୁ ଅଧିକ ବ୍ରାଣ୍ଡ୍ ବିଜ୍ଞାପନ ଦୌଡ଼ରେ ଥିଲେ। ଗତବର୍ଷ ତୁଳନାରେ ଏହା ୨୬ ପ୍ରତିଶତ ଅଧିକ ଥିବା ଜଣାପଡ଼ିଛି।

## କମର୍ସିଆଲ୍ ଏଲ୍‌ପିଜି ୨୪ ଟଙ୍କା କମିଲା



**ନୂଆଦିଲ୍ଲୀ, ୧।୬:** ହୋଟେଲ୍, ରେସ୍ତୋରାଁ, କ୍ୟାଟରିଂ ଓ ଭୋଜିଭାତ ଆଦିରେ ବ୍ୟବହାର ହେଉଥିବା ୧୯ କେଜିଆ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡରର ଦାମ୍ ୨୪ ଟଙ୍କା ହ୍ରାସ ପାଇଛି। ଜୁନ୍ ୧ରୁ ନୂଆ ଦର ଲାଗୁ ହେବ। ଏହି ହ୍ରାସ ସହିତ ଦିଲ୍ଲୀରେ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡରର ଦାମ୍ ୧୭୨୩ ଟଙ୍କା ୫୦ ପଇସାକୁ ଖସିଆସିଛି। ଏହା ପୂର୍ବରୁ ଚଳିତ ବର୍ଷ ଫେବୃଆରିରେ ଏହି ପ୍ରକାର ସିଲିଣ୍ଡରର ଦାମ୍ ୭ ଟଙ୍କା, ମାର୍ଚ୍ଚରେ ୬ ଟଙ୍କା ଓ ଏଲ୍‌ପ୍ରିଲ୍‌ରେ ୪୧ ଟଙ୍କା କମିଥିଲା। ତେବେ ଲୋକମାନଙ୍କ ଘରେ ରୋଷେଇ ପାଇଁ ବ୍ୟବହାର ହେଉଥିବା ୧୪.୨ କେଜିଆ ଏଲ୍‌ପିଜି ସିଲିଣ୍ଡରର ଦାମ୍‌ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଭାରତରେ ବିକ୍ରି ହେଉଥିବା ୯୦ ପ୍ରତିଶତ ଏଲ୍‌ପିଜି ସିଲିଣ୍ଡର ୧୪.୨ କେଜିଆ ହୋଇଥିବା ବେଳେ ଅବଶିଷ୍ଟ ୧୦ ପ୍ରତିଶତ ହେଉଛି କମର୍ସିଆଲ୍ ଏଲ୍‌ପିଜି ଯାହାକୁ ଶିଳ୍ପ, ବାଣିଜ୍ୟିକ ଓ ଅଟୋମୋବାଇଲ୍ ଶିଳ୍ପରେ ମଧ ବ୍ୟବହାର କରାଯାଉଛି। ତୈଳ କମ୍ପାନିଗୁଡ଼ିକ ଅଶୋଧିତ ତୈଳ ଦର ଓ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ବିଚାରକୁ ନେଇ ପ୍ରତି ମାସର ପ୍ରଥମ ଦିନରେ ଏଲ୍‌ପିଜି ଦାମ୍ ସଂଶୋଧନ କରୁଛନ୍ତି। ଗତ କିଛି ମାସ ଧରି କେବଳ କମର୍ସିଆଲ୍ ଏଲ୍‌ପିଜି ଓ ବିମାନ ଚଳାଚଳରେ ବ୍ୟବହାର ହେଉଥିବା ଇନ୍ଧନ ଦାମ୍‌ରେ କମ୍ପାନିଗୁଡ଼ିକ ଯାହା କିଛି ସଂଶୋଧନ କରୁଛନ୍ତି।

## ପ୍ରଦର୍ଶନ ଆଧାରରେ ଛଟେଇ କରି ନଥିଲା ମାଇକ୍ରୋସଫ୍ଟ

**ନୂଆଦିଲ୍ଲୀ, ୧।୬:** କିଛି ଦିନ ପୂର୍ବେ ମାଇକ୍ରୋସଫ୍ଟ ଏହାର ୬୦୦୦ କର୍ମଚାରୀଙ୍କୁ ଛଟେଇ କରିଥିଲା। ସେ ସମ୍ପର୍କରେ କମ୍ପାନିର ସିଇଓ ସତ୍ୟ ନାଡେଲା ମୁହଁ ଖୋଲିବା ସହ ସେହି ଛଟେଇ ପ୍ରଦର୍ଶନ ଆଧାରରେ ହୋଇନଥିଲା ବୋଲି କହିଛନ୍ତି। ପୁନର୍ଗଠନ ପ୍ରକ୍ରିୟା ଲାଗି କିଛି ଭୂମିକା ଉଚ୍ଛେଦ କରାଯାଇଥିଲା। ଏହି ପଦକ୍ଷେପ ଦ୍ୱାରା କମ୍ପାନିରେ ଉତ୍ପାଦ ବିକାଶ କ୍ଷେତ୍ରରେ କାମ କରୁଥିବା ଇଞ୍ଜିନିୟର ଭାବେ ପ୍ରଭାବିତ ହୋଇଥିଲେ। ପରୋକ୍ଷରେ ଏହା ବୁଝିବାକୁ ହେବ ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଯୁଗରେ ଇଞ୍ଜିନିୟରିଂ ଚାକିରି ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ। ୨୦୨୩ରେ ମାଇକ୍ରୋସଫ୍ଟ ଏହାର




## ଇସ୍ପାତ, ଆଲୁମିନିୟମ ଉପରେ ୫୦% ଶୁଳ୍କ



**ନୂଆଦିଲ୍ଲୀ, ୧।୬:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ପାତ ଓ ଆଲୁମିନିୟମ ଉପରେ ଲଗାଇଥିବା ୨୫ ପ୍ରତିଶତ ଶୁଳ୍କକୁ ଦ୍ୱିଗୁଣିତ କରି ୫୦ ପ୍ରତିଶତ କରିଛନ୍ତି। ତାହା ଜୁନ୍ ୪ରୁ ଲାଗୁ ହେବ। ଆମେରିକାର ସେହି ନିଷ୍ପତ୍ତି ଦ୍ୱାରା ଭାରତ ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ଆକଳନ କରିଛି। ଏହି ଶୁଳ୍କ ପ୍ରଭାବରେ ୪୫୬ କୋଟି ଡଲାରର ଭାରତୀୟ ରପ୍ତାନି ପ୍ରଭାବିତ ହେବ। ଆମେରିକାରେ ଭାରତ ପଠାଉଥିବା ଇସ୍ପାତ ଓ ଆଲୁମିନିୟମର ଦାମ୍ ବଢ଼ିଯିବ, ଯାହା ଫଳରେ ବଜାର ପ୍ରତିଯୋଗିତାରେ ସେଗୁଡ଼ିକ ପଛରେ ରହିଯିବେ। ୨୦୨୪-୨୫ରେ ଆମେରିକାକୁ ଭାରତ ୪୫୬ କୋଟି ଡଲାରର ଲୁହା, ଇସ୍ପାତ ଓ ଆଲୁମିନିୟମ ଉତ୍ପାଦ ପଠାଇଥିଲା। ଯେହେତୁ ଶୁଳ୍କକୁ ଦ୍ୱିଗୁଣିତ କରାଯାଇଛି, ତାହା ଭାରତୀୟ ଧାତବ କମ୍ପାନିଗୁଡ଼ିକର ଆମେରିକାରୁ ହେଉଥିବା ଆୟକୁ ପ୍ରଭାବିତ କରିବ ବୋଲି ଜିଟିଆର୍‌ଆଇ ଆକଳନ କରିଛି। ଜାତୀୟ ସୁରକ୍ଷା ପ୍ରତି ବିପଦ ଥିବା ଦର୍ଶାଇ ଆମେରିକା ବାଣିଜ୍ୟ ସମ୍ପ୍ରସାରଣ ନିୟମ ୧୯୬୨ର ଧାରା ୨୩୨ରେ ଥିବା କ୍ଷମତାକୁ ବ୍ୟବହାର କରି ଇସ୍ପାତ ଓ ଆଲୁମିନିୟମ୍ ଶୁଳ୍କକୁ ଟ୍ରମ୍ପ ଦ୍ୱିଗୁଣିତ କରିଛନ୍ତି। ୨୦୧୮ରେ ସେ ପ୍ରଥମେ ଏହି ଧାରାକୁ ଲାଗୁ କରି ଇସ୍ପାତ ଉପରେ ୨୫ ପ୍ରତିଶତ ଓ ଆଲୁମିନିୟମ୍ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ଚଳିତ ବର୍ଷ ଫେବୃଆରିରେ ଉଭୟ ଧାତବ ଉପରେ ଶୁଳ୍କକୁ ୨୫ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଜିଟିଆର୍‌ଆଇ ଆକଳନ କରିଛି ଯେ ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି ପାଇବା ପରେ ଭାରତ ପଠାଉଥିବା ଇସ୍ପାତର ଟନ୍ ପିଛା ଦାମ୍ ଆମେରିକାରେ ୧୧୮୦ ଡଲାରକୁ ବୃଦ୍ଧି ପାଇବ। ତାହା ଅଟୋମୋବାଇଲ୍, ନିର୍ମାଣ ଓ ବିନିର୍ମାଣ କମ୍ପାନିଗୁଡ଼ିକୁ ମଧ ପ୍ରଭାବିତ କରିବା ଆଶଙ୍କା ରହିଛି। ଆମେରିକାର ଶୁଳ୍କ ବୃଦ୍ଧିକୁ ନେଇ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ)ରେ ଭାରତ ଆପତ୍ତି କରିଛି। ଆଉ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇପାରିବ, ତାହା ଉପରେ ମଧ ସରକାର ବିଚାର କରୁଛନ୍ତି।

## 'ଟ୍ରାଇଡେଣ୍ଟ୍'ର ପ୍ରତିଭା ବିକାଶ କନ୍‌କ୍ଲେଭ୍




**ଭୁବନେଶ୍ୱର, ୧।୬(ସଂଚାର ବ୍ୟୁରୋ):** ଟ୍ରାଇଡେଣ୍ଟ୍ ଏକାଡେମି ଅଫ୍ ଟେକ୍ନୋଲୋଜି (ଟିଏଟି) ପକ୍ଷରୁ ଓଡ଼ିଶା ଘରୋଇ ଇଞ୍ଜିନିୟରିଂ କଲେଜ ସଂଘ (ଓପେକା) ସହଯୋଗରେ ପ୍ରତିଭା ବିକାଶ କନ୍‌କ୍ଲେଭ୍ ୨୦୨୫ ଆୟୋଜନ କରାଯାଇଛି। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରି ଶିଳ୍ପ ଅଭିବୃଦ୍ଧିରେ ଦକ୍ଷତା ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଶିକ୍ଷା-ଶିଳ୍ପ ସହଯୋଗିତାକୁ ସୁଦୃଢ଼ କରିବା ଲାଗି ସରକାରଙ୍କ ରହିଥିବା ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ। କାର୍ଯ୍ୟକ୍ରମରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଗ୍ରୁପ୍ ସଭାପତି (ଷ୍ଟ୍ରାଟେଜିକ୍ ଏଚ୍‌ଆର୍) ବିଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ମାନବ ସମ୍ବଳ ଦୁନିଆରେ ହେଉଥିବା ପରିବର୍ତ୍ତନ ଏବଂ ସେଥିପାଇଁ ଆବଶ୍ୟକ ତାଲିମ ଓ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଟିଏଟିର ପ୍ରିନ୍‌ସିପାଲ୍ ପ୍ରଫେସର ଡି ଏନ୍ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡିନ୍ (ସ୍କୁଲ୍ ଅଫ୍ ବିଜନେସ୍) ଡ. ପିକେ ମହାନ୍ତି ଅଧିବେଶନଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। କନ୍‌କ୍ଲେଭ୍‌ରେ ଚାରିଟି ପ୍ୟାନେଲ୍ ଆଲୋଚନା ଅନୁଷ୍ଠିତ ହୋଇଥିଲା। ସିଏସ୍‌ଆର୍ ସମ୍ପର୍କିତ ଅଧିବେଶନରେ ଏଚ୍‌ସିଏଲ୍ ଟେକ୍‌ର ପ୍ରଶାନ୍ତ ପନୀରସେଲମ୍, କ୍ୟାମ୍ପସ୍ ନିଯୁକ୍ତି ଅଧିବେଶନରେ 'କମ୍‌ଭାଇଭା'ର ଅନନ୍ୟା ଗୁପ୍ତା ଯୋଗଦେଇଥିଲେ। କନ୍‌କ୍ଲେଭ୍‌ର ସଂଯୋଜକ ମୋହିନୀ ପି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ଭୋଡା ଆଇଡିଆ'ର ୭୧୬୬ କୋଟି କ୍ଷତି

**ନୂଆଦିଲ୍ଲୀ, ୧।୬:** ଘରୋଇ ଟେଲିକମ୍ କମ୍ପାନି ଭୋଡାଫୋନ୍ ଆଇଡିଆ ୨୦୨୪-୨୫ ଆର୍ଥିକ ବର୍ଷରେ ୭୧୬୬ କୋଟି ଟଙ୍କାର କ୍ଷତି ସହିଛି। ଅବଶ୍ୟ ପୂର୍ବବର୍ଷର ୭୬୭୫ କୋଟି ଟଙ୍କାର କ୍ଷତି ତୁଳନାରେ ତାହା ୬.୬୩ ପ୍ରତିଶତ କମ୍। ଏହି ବର୍ଷକ ଭିତରେ କମ୍ପାନିର ରାଜସ୍ୱ ପରିମାଣ କିନ୍ତୁ ୧୦୬୦୬ କୋଟି ଟଙ୍କାରୁ ବୃଦ୍ଧି ପାଇ ୧୧,୦୧୩ କୋଟି ଟଙ୍କା ହୋଇଛି। ନିଜ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଲାଗି ୨୦ ହଜାର କୋଟି ଟଙ୍କା ସଂଗ୍ରହ କରିବା ପ୍ରସ୍ତାବକୁ କମ୍ପାନିର ବୋର୍ଡ ମଞ୍ଜୁର କରିଛି। କମ୍ପାନିର ଗ୍ରାହକ ପିଛା ରାଜସ୍ୱ ୧୭୫ ଟଙ୍କାରେ ପହଞ୍ଚିଛି ଯାହା ଗତବର୍ଷ ୧୫୩ ଟଙ୍କା ଥିଲା।




# ଟ୍ରମ୍ପଙ୍କ ଚାପ କୌଶଳ



**ନୂଆଦିଲ୍ଲୀ, ୧।୬:** ଆସନ୍ତା ସପ୍ତାହରେ ଆମେରିକାର ଏକ ପ୍ରତିନିଧି ଦଳ ବାଣିଜ୍ୟ ଆଲୋଚନା ପାଇଁ ଭାରତ ଆସୁଛନ୍ତି। ଏହା ପୂର୍ବରୁ ଭାରତକୁ ଚାପରେ ରଖିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦ୍ୟମ କରିଛନ୍ତି। ପାକିସ୍ତାନ ସହ ଦେଖାଦେଇଥିବା ଉତ୍ତେଜନାକୁ ବ୍ୟବହାର କରି ସେ ଭାରତକୁ ଚାପରେ ରଖିବାକୁ ଚାହୁଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଭାରତ ସହିତ ବାଣିଜ୍ୟ ବୁଝାମଣା ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି। ପାକିସ୍ତାନର ଏକ ପ୍ରତିନିଧି ଦଳ ଆମ ସହ କଥା ହେବା ଲାଗି ଆସନ୍ତା ସପ୍ତାହରେ ଆସୁଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ ଓ ପାକିସ୍ତାନ ମଧରେ ଯେକୌଣସି ପ୍ରକାର ଉତ୍ତେଜନା ଏହି ଆଲୋଚନାକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଯଦି ସେମାନେ ପରସ୍ପର ସହ ଯୁଦ୍ଧ କରିବେ ତେବେ ରାଜିନାମା କରିବା ଲାଗି ମୋର କୌଣସି ଆଗ୍ରହ ନାହିଁ ବୋଲି ଟ୍ରମ୍ପ ରୋକ୍‌ଠୋକ୍ ଶୁଣାଇଛନ୍ତି। ଟ୍ରମ୍ପ ପୁଣି ଦୋହରାଇଛନ୍ତି ଯେ ଭାରତ ଓ ପାକିସ୍ତାନ ମଧରେ ଅସ୍ତ୍ରବିରତି ଘୋଷଣା ଲାଗି ସେ ମଧସ୍ଥତା କରିଥିଲେ। ସେ କହିଛନ୍ତି ଯେ ଆମେ ବ୍ୟବସାୟ ନେଇ କଥାବାର୍ତ୍ତା କରୁଛୁ। ଭାରତ ଓ ପାକିସ୍ତାନ, ଉଭୟ ଦେଶ ସହ ଆଲୋଚନା ଚାଲିଛି। ବାଣିଜ୍ୟ ଜରିଆରେ ଆମେ ଏକ ସମ୍ଭାବ୍ୟ ପରମାଣୁ ଯୁଦ୍ଧକୁ ଅଟକାଇପାରିଥିଲୁ ବୋଲି ସେ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଯାହା ସାଧାରଣତଃ ଗୁଳିରେ ସମାଧାନ ହୋଇଥାଏ, ଆମେ ତାହାକୁ ବାଣିଜ୍ୟ ଜରିଆରେ ସମାଧାନ କରିଛୁ। ସେଥିପାଇଁ ମୁଁ ଅତ୍ୟନ୍ତ ଗର୍ବିତ।

- ଯୁଦ୍ଧ କଲେ ବାଣିଜ୍ୟ ରାଜିନାମା ହେବନି
- ଆମେ ପରମାଣୁ ଯୁଦ୍ଧ ଅଟକାଇଥିଲୁ

କିନ୍ତୁ ଏବିଷୟରେ କେହି କିଛି ଆଲୋଚନା କରୁନଥିବା ଟ୍ରମ୍ପ କହିଛନ୍ତି। ଗତ ଏପ୍ରିଲ୍ ୨ରେ ଭାରତ ଉପରେ ଟ୍ରମ୍ପ ୨୬ ପ୍ରତିଶତ ପାଲଟା ଶୁଳ୍କ ଲଗାଇଥିଲେ। ସେହି ଶୁଳ୍କକୁ ସେ ଏପ୍ରିଲ୍ ୯ରେ ୯୦ ଦିନ ପାଇଁ ସ୍ଥଗିତ ରଖିଛନ୍ତି। ଉକ୍ତ ସମୟ ସୀମା ଭିତରେ ବିଭିନ୍ନ ଦେଶ ଆମେରିକା ସହ ବାଣିଜ୍ୟ ବୁଝାମଣା କରିବାକୁ ଉଦ୍ୟମ କରୁଛନ୍ତି। ଭାରତ ମଧ ସେହି ଦୌଡ଼ରେ ରହିଛି। ଜୁନ୍ ସୁଦ୍ଧା ଆମେରିକା ସହ ଏକ ଅନ୍ତରୀଣ ରାଜିନାମା ସ୍ୱାକ୍ଷର କରିବାକୁ ଭାରତ ଉଦ୍ୟମ କରୁଛି।

### ଆଜିର ସୁନା ରୁପା ଦର



ସୁନା ଦର ଏବେ ଆକାଶଛୁଆଁ ହେବାକୁ ଲାଗିଛି । ତାହା ସହିତ ରହିଛି ଗଢା ମଜୁରୀ । ଗତ କିଛି ମାସ ଭିତରେ ସୁନାର ଦର କ୍ରମାଗତ ଭାବେ ବଢି ଚାଲିଥିବାରୁ ସୁନା ବ୍ୟବସାୟ ମଧ ପ୍ରଭାବିତ ହୋଇଛି ।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୩୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୨୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୩୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୨୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୩୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୩୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୩୧୦ ଓ ୮୯, ୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୯୦୦ ଟଙ୍କା ହୋଇଛି।

### ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

# କାର୍ଯ୍ୟକ୍ଷମ ହେଉନି ଇ-ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ

## ଅଭିଯାନ କରି ଭୁଲି ଯାଇଛି ବିଇଏମସି !




**ବ୍ରହ୍ମପୁର,୧୬ (ସଂଚାର ବ୍ୟୁରୋ):** ଅଦରକାରୀ ବୈଦ୍ୟୁତିକ ଯନ୍ତ୍ରପାତିକୁ ପୁନଃ ବ୍ୟବହାର କରିବା ଲକ୍ଷ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଥିଲା ଇ-ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ। ୨୦୨୧ ସେପ୍ଟେମ୍ବର ୧୧ରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଜରିଆରେ ସହରର ବିଭିନ୍ନ ଇଲକ୍ଟ୍ରୋନିକ୍ସ ଦୋକାନ ଏବଂ ଘରୁ ବାହାରୁଥିବା ନଷ୍ଟ ବୈଦ୍ୟୁତିକ ଯନ୍ତ୍ରପାତିକୁ ସଂଗ୍ରହ କରିବା ଏହାର ମୂଳ ଲକ୍ଷ୍ୟ ଥିଲା। ଏଥିପାଇଁ ମହାନଗର ନିଗମର ସ୍ୱତନ୍ତ୍ର ଗାଡି ଯୋଗେ ସହରର ବହୁ ମୋବାଇଲ ରିପେରିଂ ସେଣ୍ଟର, ଫ୍ୟାନ୍, ଫ୍ରିଜ୍, ଟିଭି ଇତ୍ୟାଦି ଇଲକ୍ଟ୍ରୋନିକ୍ସ ସାମଗ୍ରୀ ମରାମତି ଦୋକାନରୁ ବାହାରୁଥିବା ଅନାବଶ୍ୟକ ବୈଦ୍ୟୁତିକ ଉପକରଣକୁ ସଂଗ୍ରହ କରାଯାଉଥିଲା। କିନ୍ତୁ ବିଗତ କିଛି ବର୍ଷ ଧରି ଏହି ଅଭିଯାନ କାର୍ଯ୍ୟକ୍ଷମ ହେଉନଥିବା ଜଣାପଡିଛି। ପ୍ରାୟ ୨ ବର୍ଷରୁ ଉର୍ଦ୍ଧ ହେବ ଇ-ବର୍ଜ୍ୟବସ୍ତୁ ପରିଚାଳନା ନେଇ କୌଣସି ବିଧିବଦ୍ଧ କିମ୍ବା ନିୟମିତ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଉନାହିଁ।

ସୂଚନା ଅନୁସାରେ, ଏହି ବ୍ୟବସ୍ଥା ଆରମ୍ଭ ହେବା ପରେ ଆନ୍ଧ୍ରପ୍ରଦେଶର ଏକ କମ୍ପାନୀ ସହ ବିଇଏମସି ଚୁକ୍ତି କରିଥିଲା। ଏକ-ଟନ୍ ଇ-ବର୍ଜ୍ୟବସ୍ତୁ ସଂଗ୍ରହ ପରେ ଏହି କମ୍ପାନୀ ନେବ ବୋଲି ଚୁକ୍ତି କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଅଭିଯାନ ଫେଲ୍ ମାରିଥିବା ବି ଜଣାପଡିଥିଲା। ସମ୍ପ୍ରତି ଏନେଇ ବିଇଏମସି ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରା (ସାନିଟେସନ୍), କହିଛନ୍ତି, ଯେଉଁ ରି-ସାଇକେଲ ରେସକ୍ୟୁ ସେଣ୍ଟର ରହିଛି, ତାର ସମୀକ୍ଷା କରି, ତାକୁ କ୍ରିୟାଶୀଳ କରାଇବା ସହ ଇ-ବର୍ଜ୍ୟବସ୍ତୁ ସୃଷ୍ଟି କରୁଥିବା ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକୁ ସଚେତନ କରିବାକୁ ହେବ। ବିଗତ ଦୁଇ ବର୍ଷ ହେବ ଏଭଳି କିଛି ଅଭିଯାନ କାର୍ଯ୍ୟକାରୀ ହେଉନାହିଁ। ତେବେ ପୂର୍ବ ରେକର୍ଡ ଦେଖି ଏହାକୁ କିଭଳି ପୁନଃ କାର୍ଯ୍ୟକ୍ଷମ କରିହେବ ସେହି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଖବର ପ୍ରକାରେ ,ପୂର୍ବରୁ ଏହି ଅଭିଯାନରେ ପ୍ରତି ଶନିବାର ଇ-ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଥିଲା। ଏକ ଏସଏଚଜିକୁ ମଧ ଏହି ଦାୟିତ୍ୱ ଦିଆଯାଇଥିଲା। ପୂର୍ବରୁ ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନକୁ ମଧ କିଛି ଇ-ବର୍ଜ୍ୟବସ୍ତୁ ଦିଆଯାଇଥିଲା।



# ଶ୍ରୀମନ୍ଦିରରୁ ମା' ବରାଳ ଦେବୀ ମନ୍ଦିରକୁ ଆସିଲା ମହାପ୍ରସାଦ

**ଫୁଲବାଣୀ,୧୬ (ସଂଚାର ବ୍ୟୁରୋ):** ଶନିବାର ସକାଳ ୧୦ଟା ବେଳେ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ମହାପ୍ରସାଦ, ପତିତପାବନ ବାନା, ବୁଢ଼ିଆ ଭୋଗ, ବିରିରେ ପ୍ରସ୍ତୁତ ବିଲି, ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ହୋଇଥିବା ମାଳ ଆସି ପହଞ୍ଚିଛି ମା' ବରାଳ ଦେବୀଙ୍କ ପୀଠ ବଲସକୁମ୍ପାରେ। ମହାପ୍ରଭୁଙ୍କ ଦୁଇଜଣ ସେବକ, ବାନା ବାନ୍ଧିବା ଗରୁଡ଼ ସେବକ ଡଃ ଶରତ କୁମାର ମହାନ୍ତି ମା'ଙ୍କ ଅପାର କରୁଣା ଜାଣି ପରିବାର ସହିତ ବଲସକୁମ୍ପା ବରାଳ ଦେବୀ ମନ୍ଦିରରେ ପହଞ୍ଚି ମାଙ୍କୁ ଦର୍ଶନ କରିଛନ୍ତି। ତାପରେ ମନ୍ଦିର ସେବାୟତ ଦିଲ୍ଲୀପ କୁମାର ଦଳବେହେରା, ସେବକ ରଘୁନାଥ ସାହାଣୀ ଏବଂ ମନ୍ଦିର ପୂଜକଙ୍କ ସହିତ ଆଲୋଚନା କରିଛନ୍ତି । ଉଭୟଙ୍କର ସହିତ ମା'ଙ୍କ ମହିମା ଏବଂ ପ୍ରତ୍ୟକ୍ଷ ଉପରେ ପଚାରି ବୁଝିଛନ୍ତି । ମା'ଙ୍କ ମହିମା ଜାଣିବା ପରେ ଦୁନାର ସେବକ ତଥା ବାନା ବାନ୍ଧିବା ଗରୁଡ଼ ସେବକ ଡଃ ଶରତ କୁମାର ମହାନ୍ତି ପ୍ରତିକ୍ରିୟାରେ କହିଛନ୍ତି ଯେ ମା'ଙ୍କ ମହିମା ଅପାର। ମା' କେବଳ ଲୁଲୁପିନି ମା' ସ୍ନେହମୟୀ ମା'ଙ୍କୁ ମହାପ୍ରସାଦ ଅତି ପସନ୍ଦ। ତେଣୁ ମା'ଙ୍କ ପାଇ ମହାପ୍ରସାଦ ଆଣିବା ସହିତ ଶ୍ରୀମନ୍ଦିର ଦୁଇର ନୀଳଚକ୍ର ବାନା ବା ପତିତପାବନ ବାନା ଏବଂ,ବିରୀରେ ପ୍ରସ୍ତୁତ ବିଲି, ମହା ପ୍ରଭୁଙ୍କ କୋଠ ଭୋଗ ବା ସକାଳ ଧୂପର ବୁଢ଼ିଆ ଭୋଗ, ଶ୍ରୀଅଙ୍ଗ ଲାଗି ହୋଇଥିବା ମାଳ ଆଣିଥିଲି। ସେ ସବୁ ମା'ଙ୍କୁ ସମର୍ପଣ କରି ବହୁ ଆନନ୍ଦରେ ଏବଂ ଉଲ୍ଲାସନା ସହିତ ଦର୍ଶନ କରିଛୁ ବୋଲି କହିଛନ୍ତି । ମା'ବରାଳ ଦେବୀ ବହୁ ଅନାଦି କାଳରୁ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମରେ ରହି ପୂଜା ପାଉଛନ୍ତି। ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳେ। ତେଣୁ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ ଅନେକ ଭକ୍ତ ଶ୍ରଦ୍ଧାଳୁ ମାଙ୍କ ପାଖକୁ ଦର୍ଶନ ପାଇଁ ଆସନ୍ତି।

# ବିଞ୍ଝାରପୁର ଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ବିଞ୍ଝାରପୁର,୧୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ପକ୍ଷରୁ ନୂତନ ଭାବେ ପ୍ରଣୀତ ଆଇନ ଏବଂ ନିଶା ନିବାରଣ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଂଝାରପୁର ଅରେଇ ସ୍ଥିତ ବରୁଣେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜ ସେବୀ ରବିନ୍ଦ୍ର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ବାମଦେବ ନନ୍ଦ, ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ,ଶାଶନ୍ଦା ସରପଞ୍ଚ କାମଦେବ ଧଳ, ରବିନ୍ଦ୍ର ପରିଡ଼ା, ହେମେନ୍ଦ୍ର ସାମଲ, ଦେବେ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ନିଶା ନିବାରଣ ନିମନ୍ତେ ସମସ୍ତେ ସଜାଗ ହେବାକୁ ବାର୍ତ୍ତା ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଚୋରା ମଦ କାର୍ଯ୍ୟକୁ ବନ୍ଦ କରିବ ବୋଲି ମଞ୍ଚାସୀନ ଅତିଥିମାନେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ବିଂଝାରପୁର ଥାନା ର କର୍ମଚାରୀ ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।



# ନୀଳକଣ୍ଠେଶ୍ୱର ମନ୍ଦିରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଉତ୍ସବ

**ବୋରିଗୁମ୍ମା, ୧୬ (ସଂଚାର ବ୍ୟୁରୋ):** ଆଜି ବୋରିଗୁମ୍ମା ବ୍ଲକର ବିଭିନ୍ନ ଶୈବପୀଠରେ ଶୀତଳଷଷ୍ଠୀ ଓ ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଥି ନିମନ୍ତେ ଆଜି ଉତ୍ସବ ମୁଖର ହୋଇ ଉଠିଛି ବୋରିଗୁମ୍ମା ସହର। ଆଜି ବୋରିଗୁମ୍ମା ସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ମନ୍ଦିର ପରିସରସ୍ଥ ବିବାହବେଦୀରେ ପୁରୋହିତ ଓ ବ୍ରାହ୍ମଣଙ୍କ ଦ୍ୱାରା ସନ୍ଧ୍ୟା ୫ଟାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମହାଦେବ ଶିବ ଏବଂ ଦେବୀ ପାର୍ବତୀଙ୍କ ମହାଆଡ଼ମ୍ବରରେ ବିବାହ ସମ୍ପନ୍ନ ହୋଇଛି। ଏହିପରି ପୂର୍ବାହ୍ନରେ ମହାଦେବଙ୍କ ରୁଦ୍ରାଭିଷେକ କରାଯାଇଥିଲା। ସେହିପରି ରାତ୍ର ୭ ଘଣ୍ଟା ସମୟରେ ମନ୍ଦିର କମିଟି ପକ୍ଷରୁ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଉଭୟ ମହାଦେବ ଓ ଦେବୀ ପାର୍ବତୀଙ୍କୁ ସାଜସଜ୍ଜା କରାଯାଇ ସନ୍ଧ୍ୟାରେ ବାଜାବାଜଣା ସହିତ ନଗର ପରିକ୍ରମା କରାଯାଇ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ନିଆଯାଇ ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ଉତ୍ସବରେ ମହାଦେବ ଶିବଙ୍କ ପିତା ମାତା ଭାବେ ଏମ. ଆଦିନାରାୟଣ ଓ ଏମ. ମାଙ୍ଗାମ୍ମା ତଥା ଦେବୀ ପାର୍ବତୀଙ୍କ ପିତା ମାତା ଭାବେ ସିଏଚ. ନାଗେଶ୍ୱର ରାଓ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ନିର୍ବାହ କରିଥିଲେ। ବିବାହର ସମସ୍ତ କର୍ମ ପୁରୋହିତ ତ୍ରିନାଥ ପାଢ଼ୀ, ଓ ପୂଜକ ଅରୁଣ ପାଢ଼ୀ ସମ୍ପନ୍ନ କରିଥିଲେ। ଏହିଧାର୍ମିକ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ମନ୍ଦିର କମିଟି ସଭାପତି ସ୍ଥାନୀୟ ତହସିଲଦାର ଶୋଭନ କୁମାର ବେହେରା, ସମ୍ପାଦକ କେ. ବାଲାଦୋରା,ସମେତ ସମସ୍ତ ମନ୍ଦିର କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରି ଥିଲେ।

# ଭେଡେନ ଓ ଜାଣ୍ଡୋଲରେ ଶୀତଳ ଷଷ୍ଠୀ



**ଭେଡେନ,୧୬ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ର ଭେଡେନ ଠାରେ ବାବା ସିଦ୍ଧେଶ୍ୱର ଏବଂ ରାମେଶ୍ୱର ତଥା ଜାଣ୍ଡୋଲ ଠାରେ ବାବା ଜମ୍ବେଶ୍ୱର ଙ୍କ ଶୀତଳ ଷଷ୍ଠୀ ପର୍ବ ଶିବ ବିବାହ ସହ ସମ୍ପନ୍ନ ହୋଇଛି। ଭେଡେନ ବାବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ହୋଇଥିବା ବିବାହ ଉତ୍ସବ ରେ ବନିତା ମେହେର ସରୋଜ ମେହେର ଏବଂ ଜାହ୍ନବୀ ମେହେର ଶ୍ରୀଧର ମେହେର ଯଥା କ୍ରମେ ପ୍ରଭୁ ସିଦ୍ଧେଶ୍ୱର ଏବଂ ରାମେଶ୍ୱର ଙ୍କ ବର ପିତାମାତା ଦାୟିତ୍ୱ ତୁଲାଇଥିବା ବେଳେ ପ୍ରେମଶିଳା ମେହେର ଶରତ ମେହେର ରେବତୀ ମେହେର ତ୍ରିଲୋଚନ ମେହେର କନ୍ୟା ପିତାମାତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ପ୍ରେମପ୍ରକାଶ ପୁରୋହିତ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେପରି ଜାଣ୍ଡୋଲ ରେ ବାବା ଜମ୍ବେଶ୍ୱର ଙ୍କ ବର ପିତାମାତା ହୋଇଥିଲେ ସୀତା ଦଳେଇ ଶିବନାରାୟଣ ଦଳେଇ ଏବଂ କନ୍ୟା ପିତା ମାତା ଦାୟିତ୍ୱ ସମ୍ପାଦନ କରିଥିଲେ ବିଜୁଳି ବଗର୍ତ୍ତୀ ଓ ଶିବ ପ୍ରସାଦ ବାଗ। ପଣ୍ଡିତ ଆଶିଷ ତ୍ରିପାଠୀ ଏବଂ ପୂଜାରୀ ଦୁଷ୍ମନ୍ତ ଦେହେରି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା କମିଟି ର ଘାସିରାମ କର୍ମୀ, ରାଜୁ ମେହେର, ଜୟଲାଲ ପାତ୍ର ଏବଂ ଅନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ।

# ସୋନପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଦେବଦମ୍ପତିଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼




**ସୁବର୍ଣ୍ଣପୁର,୧୬ (ସଂଚାର ବ୍ୟୁରୋ):** ସମ୍ବଲପୁରୀ ମେଲୋଡି ଗୀତ ନାଚ, ଘୁମୁରା, ପର୍ଭା, ରେକର୍ଡ ଡ୍ୟାନ୍ସ ଅନେକ ପ୍ରକାର ନାଚ ଗୀତର ତାଳେ ତାଳେ ଆଜି ମହାସମାରୋହରେ ଉଦଯାପିତ ହେଲା ସୋନପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଉତ୍ସବ। ବିବାହ ପାଣିଗ୍ରହଣ ପରେ ଗତକାଲି ମଧରାତ୍ରରୁ ପ୍ରଭୁ ଭୋଳା ଶଙ୍କର ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ପାଇଁ ଖୁବ୍ ଧୁମ୍ ଧାମରେ ସାଂସ୍କୃତିକ ଶୋଭାଯାତ୍ରା ସହ ନଗର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ର ଏହି ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ଏକ ବିଶେଷତ୍ୱ ହେଉଛି ୧୦୮ ତୋଳାର ସୁନା ନାଗ ମୂର୍ତ୍ତି ଓ ମହଣ ମହଣ ରୂପା ନିର୍ମିତ ଦେବା ଦେବୀଙ୍କ ଆକର୍ଷଣୀୟ ପାଲିଙ୍କି ବିମାନ। ଯାହାକି ଯାତ୍ରାରେ ଦୂର ଦୁରାନ୍ତର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। କଥିତ ଅଛି ମହାଦେବ ଓ ମାତା ପାର୍ବତୀ ଙ୍କ ଏଇ ଦୁର୍ଲଭ ଯୁଗଳ ମୂର୍ତ୍ତି ଦର୍ଶନରେ ଅନେକ ପୂଣ୍ୟଫଳ ପ୍ରାପ୍ତି ହୋଇଥାଏ।

# ବେଗୁନିଆରେ ମୋବାଇଲ ସେବା ବିପର୍ଯ୍ୟସ୍ତ



**ଜଗତସିଂହପୁର, ୧୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟରା ପଞ୍ଚାୟତ ଅଧିନସ୍ତ ରାଜସ୍ୱ ଗ୍ରାମ ବେଗୁନିଆ, ମଠସାହି, କୋର କୋର ଓ ଯଜାଙ୍ଗ ଇତ୍ୟାଦି ଗ୍ରାମରେ ଏଆରଟେଲ ଓ ବିଏସଏନଏଲ ସେବା ନଥିବାରୁ ଲୋକମାନେ ହନ୍ତସନ୍ତ ହେଉଛନ୍ତି ।

ଭାରତର ବୃହତ୍ତମ ସେବା ପ୍ରଦାନକାରୀ କହୁଥିବା ସଂସ୍ଥା ଏଆରଟେଲ କମ୍ପାନୀ ବେଗୁନିଆ ଓ ମଠସାହିରେ ସେବା ଦେବାରେ ବିଫଳ ହୋଇଛି । ସେହିଭଳି ଭାରତ ସରକାରଙ୍କ ଦୁରସଂଚାର ସଂସ୍ଥା ବି ଏସ ଏନ ଏଲ କଥା ନ କହିବା ଭଲ କେବେ ଛାତ ଉପରେ ନେଟୱର୍କ ଆସୁଛି ଗୋଟେ ବାଡ଼ି ତ କେବେ ନାହିଁ । ଏହାକୁ ଦୃଷ୍ଟିରେ ରଖି ପୁର୍ବତନ ବିଧାୟକ ଦୁରସଂଚାର ନିଗମର ଜିଏମଙ୍କୁ ଏକ ପତ୍ର ମାଧମରେ ଅବଗତ କରାଇଥିଲେ କିନ୍ତୁ ଦୀର୍ଘଦିନ ବିତିଥିଲେ ମଧ ସମାନ ଅବସ୍ଥା ।

ଏହି କଟରା ପଞ୍ଚାୟତର ବହୁ ବାସିନ୍ଦା ଏଠାରେ ଜିଓକୁ ଆପଣେଇ ନେଇଥିବା ବେଳେ ଗରିବ ଲୋକମାନେ ପଇସା ଅଭାବରୁ ଦାମୀ ଫୋନ କିଣିବାରେ ଅସମର୍ଥ ହେଉଥିବା ବେଳେ ଜରୁରୀ କାଳୀନ ପରିସ୍ଥିତିରେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳୁଛି। ସେହିପରି ଆଜିକାଲି ଯୁଗରେ ପିଲାମାନେ ମଧ ଅନ ଲାଇନ ପାଠ ପଢ଼ିବା ରୁ ବଂଚିତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଗ୍ରାମବାସୀ ମାନେ ଏହି ଅଞ୍ଚଳରେ ଟାୱାର ବସାଇବାକୁ ଏହି ୨ଟି କମ୍ପାନୀର ଉପରିସ୍ଥ ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

# ଅତିରିକ୍ତ ତହସିଲଦାରଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବୋରିଗୁମ୍ମା,୧୬ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟ ରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର କମଲେସ ମହନ୍ତଙ୍କୁ କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ର ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଯାଇଛି। ଆଜି ତହସିଲଦାର ଶୋଭନ କୁମାର ବେହେରାଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଅତିରିକ୍ତ ତହସିଲଦାର କମଲେସ ମହନ୍ତକୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରକାଶ ଥାଉକି ଗତ ୨୦୨୪ ଡିସେମ୍ବର ମାସରେ କମଲେସ ମହନ୍ତ ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଭାବେ ଯୋଗ ଦେଇଥିଲେ।

# ଜାତୀୟ ରାଜପଥରେ ପୁଲିସ ଏଏସଆଇଙ୍କ ଦରପୋଡା ମୃତଦେହ



**କଳାହାଣ୍ଡି,୧୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୁନାଗଡ-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥ କଡରୁ ମିଳିଲା ପୁଲିସ ଏଏସଆଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ବନମାଳିପୁର ରାସ୍ତାରୁ ଏ ଏସ ଆଇ ପବିତ୍ର ଗୋଲାପିଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ବାଇକର ଅଧା ଅଂଶ ମଧ୍ୟ ପୋଡିଯାଇଛି । ପବିତ୍ର ଗୋଲାପି କିଛି ଦିନ ହେବ ଭବାନୀପାଟଣା ରିଜର୍ଭ ପୁଲିସରେ କାର୍ଯ୍ୟରତ ଥିଲେ। ଜାତୀୟ ରାଜପଥ ୨୬ ନମ୍ବର ବନମାଳିପୁର ଛକ ନିକଟରେ ରବିବାର ସକାଳୁ ବାଇକ ସହ ଜଣେ ପୁଲିସ ଏଏସଆଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ମୃତ ପୁଲିସ ଏଏସଆଇଙ୍କ ନାମ ପବିତ୍ର ଗୋଲାପୀ(୪୩) ହୋଇଥିବାବେଳେ ତାଙ୍କ ଘର କୋରାପୁଟ ଜିଲା ବୋରିଗୁମା ଥାନା ସାନଦୁବଲି ଗ୍ରାମ ବୋଲି ଜଣାପଡିଛି। ମୃତ ପୁଲିସ ଏଏସଆଇ କଳାହାଣ୍ଡି ଜିଲାର କେଗାଁ ଥାନାରେ କାର୍ଯ୍ୟରତ ଥିବାବେଳେ ଗତ ମାସ ଶେଷରେ ତାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ କରାଯାଇଥିଲା। ଯାହାଫଳରେ ସେ ଭବାନୀପାଟଣାସ୍ଥିତ ପୁଲିସ ରିଜର୍ଭ ଠାରେ କାର୍ଯ୍ୟ କରୁଥିଲେ। ଗତକାଲି ବିଳମ୍ବିତ ରାତିରେ ଭବାନୀପାଟଣାରୁ କୋରାପୁଟକୁ ବାଇକରେ ଯାଉଥିବାବେଳେ ବାଟରେ ବନମାଳିପୁର ଛକ ନିକଟରେ ଏକ ଅଟକି ଥିବା ଟ୍ରକରେ ପିଟିହୋଇ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ଠାରୁ ସୂଚନା ମିଳିଛି। ଦୁର୍ଘଟଣା ପରେ ବାଇକରେ ନିଆଁ ଲାଗିଯିବା ସହ ପୁଲିସ ଏଏସଆଇଙ୍କ ଦେହରେ ମଧ୍ୟ ନିଆଁ ଲାଗି ସେ ପୋଡି ଯାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ ନିକଟରୁ ସୂଚନା ପାଇ ରବିବାର ସକାଳରେ ସ୍ଥାନୀୟ ପୁଲିସ ଘଟଣା ସ୍ଥଳକୁ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ଆସି ତଦନ୍ତ କରିଥିଲା। ଅନ୍ୟପକ୍ଷରେ, ଦୁର୍ଘଟଣାରେ ଜଡ଼ିତ ଟ୍ରକକୁ ଧରିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ସୂଚନା ଦେଇଛନ୍ତି।

# ଦୀର୍ଘ ୧୬ବର୍ଷ ପରେ ଉନ୍ନତିକରଣ ହେଲା କେନାଲ ରାସ୍ତା

## ଉପକୃତ ହେବେ ୧୧ଟି ରାଜସ୍ୱ ଗ୍ରାମର ଚାଷୀ



**ଭବାନୀପାଟଣା,୧୬ (ସଂଚାର ବ୍ୟୁରୋ):** ବହୁମୁଖୀ ଇନ୍ଦ୍ରାବତୀ ଜଳ ପ୍ରକଳ୍ପର ଡାହାଣ କେନାଲ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିଲା। ଏହି ରାସ୍ତା ଚାଷୀଙ୍କ ଏକମାତ୍ର ନିର୍ଭରଯୋଗ୍ୟ ହୋଇଥିବା ବେଳେ ଏହାର ପୂନରୁଦ୍ଧାର ହେଉ ନ ଥିବାରୁ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। ଏହି ରାସ୍ତା ଏପରି ଶୋଚନୀୟ ହୋଇ ପଡିଥିଲା ଯେ ଖୋଦ ବିଭାଗୀୟ କର୍ମଚାରୀମାନେ ମଧ୍ୟ ଯାତାୟାତ କରି ପାରୁ ନ ଥିଲେ।

ଚାଷୀଙ୍କ ଆପତ୍ତି ଅଭିଯୋଗକୁ ଆଧାର କରି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରାଜ କୁମାର ବେହେରା ତତ୍ପରତା ପ୍ରକାଶ କରିଥିଲେ। ସେ ଉପରିସ୍ଥ ଅଧିକାରୀଙ୍କୁ ଏନେଇ ଅବଗତ କରାଇବା ପରେ କାମ୍ପାସ ଯୋଜନାରୁ ୨୪ କୋଟି ଟଙ୍କା ବ୍ୟୟବରାଦ କରି ଟେଣ୍ଡର ଆହ୍ୱାନ କରାଗଲା। ଏହି ଟେଣ୍ଡର ଆହ୍ୱାନ କରି ଥିଲେ ଓସିସି କମ୍ପାନୀ। ଟେଣ୍ଡର ପାଇଥିଲେ ସଚିନ ଅଗ୍ରୱାଲ ନାମକ ଜନୈକ ଠିକାଦାର। ଏହା ଶୂନ୍ୟ କିଲୋମିଟରରୁ ଆରମ୍ଭ ହୋଇ ୪୧ କିଲୋମିଟର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଯୁଦ୍ଧ କାଳୀନ ଭିତ୍ତିରେ ଆରମ୍ଭ ହେଲା। କାର୍ଯ୍ୟ ସଂପାଦନ କରିଥିଲେ ଇନ୍ଦ୍ରାବତୀ ବହୁମୁଖି ଜଳ ପ୍ରକଳ୍ପର ଯନ୍ତ୍ରୀ। ଜୟପାଟଣା ବ୍ଲକ ମଙ୍ଗଳପୁର ଡ୍ୟାମ ଠାରୁ କଲମପୁର ବ୍ଲକ ଦେପୁର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମିତ ହେଲା, ଫଳରେ ୧୧ଟି ରାଜସ୍ୱ ଗ୍ରାମର ଚାଷୀ ସମେତମଙ୍ଗଳପୁର, ଓ୍ୱଙ୍ଗେର, କନକପୁର, କୁରିଗୁମା, ରାଣିବାହାଲ, ଚୁରାଗା, ବଦ୍ଧକନା, ପଣ୍ଡିଗା, କଲମପୁରଓ ଦେପୁର ଗ୍ରାମର ଲୋକେ ମଧ୍ୟ ଉପକୃତ ହେଲେ। ଦୀର୍ଘ ୧୬ବର୍ଷର ବ୍ୟବଧାନ ପରେ ଲୋକେ କେନାଲ ଉପରେ ଚକାଚକ ରାସ୍ତା ପାଇବାରୁ ସୁବିଧାରେ ଗମନାଗମନ କରୁଛନ୍ତି।

ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ ଏହି ରାସ୍ତା ତଦାରଖ ପାଇଁ ଭବାନୀପାଟଣାରୁ ଜିଲ୍ଲା କ୍ୟାଲୋଟି କଣ୍ଟ୍ରୋଲର ଅଧିକ୍ଷଣ ଯନ୍ତ୍ରୀ ଗସ୍ତ କରି ବିଭିନ୍ନ ସ୍ଥାନରେ ପରୀକ୍ଷା ନୀରୀକ୍ଷା କରି କାର୍ଯ୍ୟର ମାନକୁ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ସମ୍ଭବ ହେବା ପରେ ଲୋକଙ୍କ ଦୀର୍ଘ ଦିନର ପ୍ରତିକ୍ଷାର ଅନ୍ତ ଘଟିଛି।

## ବେଆଇନ ଭାବେ ଜମି ଜବରଦଖଲ କରି ଘର ନିର୍ମାଣ ମାମଲା

# ଜେସିବି ଲଗାଇ ଭାଙ୍ଗିଲା ପ୍ରଶାସନ

**ଫୁଲବାଣୀ,୧୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ାରେ ଆଦିବାସୀଙ୍କ ପଟ୍ଟା ଜମିକୁ ବେଆଇନ ଭାବରେ ଜବର ଦଖଲ କରିଥିବା ଘଟଣାକୁ ନେଇଁ କୋର୍ଟର ନିର୍ଦ୍ଦେଶ ପରେ ଜେସିବି ସହାୟତାରେ ମାଜିଷ୍ଟ୍ରେଟ ଏବଂ ପୋଲିସ ପ୍ରଶାସନଙ୍କ ଉପସ୍ଥିତରେ ବେଆଇନ ଭାବରେ ନିର୍ମାଣଧୀନ ଘର ଭାଙ୍ଗିଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ ଗୋଚ୍ଛାପଡ଼ାର ଚକ୍ରପତି କହଁର ନାମକ ଜଣେ ବ୍ୟକ୍ତି ନିଜ ପଟ୍ଟା ଜମିରେ ଗୋଚ୍ଛାପଡ଼ା ଗାଁର ଜଣେ ବ୍ୟକ୍ତି ବେଆଇନ ଭାବରେ ଜମି ଦଖଲ କରିଥିବା ନେଇ ଜମି ଫେରି ପାଇବାକୁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର କୋର୍ଟ ଘଟଣାର ବିଚାର କରି ଆରଡିସି କେଶ ନମ୍ବର ୨୩/୨୧ ଏବଂ ପତ୍ର ସଂଖ୍ୟା ୨୯/୧୭ ଏବଂ ୭/୪/୨୦୨୫ ତାରିଖରେ ବିଚାର ପରେ ଚକ୍ର ପତି କହଁରଙ୍କୁ ଜମି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ଫିରିଙ୍ଗିଆ ତହସିଲ କାର୍ଯ୍ୟାଳୟ ତରଫରୁ ମଧ ବେ ଆଇନ ଦଖଲ କରିଥିବା ବ୍ୟକ୍ତିଙ୍କୁ ଜମି ଛାଡିବା ସହ ଘର ଭାଙ୍ଗିବାକୁ ନୋଟିସ କରାଯାଇଥିଲା।

ଏହି ଘଟଣା ପରେ ସମ୍ପୃକ୍ତ ବେଆଇନ ଦଖଲକାରୀ ଘର ନ ଭାଙ୍ଗିବାରୁ ଆଜି ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ପୃଥ୍ୱୀରାଜ ମହାନନ୍ଦିଆ ଏବଂ ସୁପରଭାଇଜର ପ୍ରିୟଦର୍ଶୀନି ସାହୁ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ମିଥୁନ ଦିଗାଲ, ରାଜସ୍ୱ ନିରୀକ୍ଷକ ସନ୍ଧ୍ୟାରାଣୀ ସାହୁ ଏସଆଇ ଅନନ୍ତ କୁମାର ପ୍ରଧାନ ଏବଂ ସୁରକ୍ଷା ଓ ସମସ୍ୟା ଦୃଷ୍ଟି କୋଣରୁ ପୁଲସ ଫୋର୍ସଙ୍କ ଉପସ୍ଥିତରେ ବେଆଇନ ନିର୍ମାଣ ଧୀନ ଘର ଭାଙ୍ଗିବା ସହ ଅଭିଯୋଗକାରୀ ଚକ୍ର ଧର କହଁରକୁ ଜମି ଦଖଲ କରିବାକୁ କହିଥିଲେ। ଘର ପାଖରେ ଏକ ମନ୍ଦିର ଥିବାରୁ ତାକୁ ଭାଙ୍ଗିବାକୁ ନେଇଁ କିଛି ସମୟ ପାଟି ତୁଣ୍ଡ ହୋ ହାଲା ହୋଇଥିଲା।

# 'ପ୍ରେସ୍ କାଉନସିଲ୍' ନାମ ବ୍ୟବହାର ଉପରେ କଡା ନିଷେଧାଦେଶ

**ସୁବର୍ଣ୍ଣପୁର,୧୬ (ସଂଚାର ବ୍ୟୁରୋ):** 'ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ' ହେଉଛି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ବୈଧାନିକ ସଂସ୍ଥା, ଯାହା ୧୯୭୮ ମସିହାରେ ପ୍ରେସ୍ କାଉନସିଲ୍ ଆଇନ ଅନୁଯାୟୀ ଗଠିତ ହୋଇଛି। ଏହାର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶରେ ପ୍ରେସ୍ ବ୍ୟବସ୍ଥାର ସ୍ୱାଧୀନତାକୁ ସୁନିଶ୍ଚିତ କରିବା ସହିତ ଖବରକାଗଜ ଓ ଏଜେନ୍ସିଗୁଡିକର ଗୁଣବତ୍ତା ବୃଦ୍ଧି କରିବା। ଏହି ବୈଧାନିକ ନାମ 'ପ୍ରେସ୍ କାଉନସିଲ୍' କିମ୍ବା ଏହାର ଅନ୍ୟ ଭାଷାରେ ଅନୁବାଦ, ଯଥା 'ଭାରତୀୟ ପ୍ରେସ୍ ପରିଷଦ' ନାମର ବ୍ୟବହାର କୌଣସି ଗଣମାଧମ ସଂସ୍ଥା କିମ୍ବା ସ୍ଥାନୀୟ ସଂଘ ଦ୍ୱାରା ନ କରାଯିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। କେନ୍ଦ୍ର ସରକାରଙ୍କ ଅନୁମତି ବିନା ଏହି ନାମ ବ୍ୟବହାର କରାଗଲେ, ଏହା 'THE EMBLEMS AND NAMES (PREVENTION OF IMPROPER USE) ACT, 1950' ର ଧାରା ୩୭(II) ଅନୁଯାୟୀ ଅବୈଧ ହେବା ସହିତ ଆଇନ ଅନୁଯାୟୀ ଦଣ୍ଡନୀୟ ହେବ। ଏହି ପ୍ରକାର ଅନଧିକୃତ ବ୍ୟବହାର ବ୍ୟକ୍ତି ବା ସଂସ୍ଥାଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ତେଣୁ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ସରକାରୀ ବା ବେସରକାରୀ ଗଣମାଧମ ସଂଘ/ସଂସ୍ଥା ମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ସ୍ୱନିଯୁକ୍ତ କିମ୍ବା ପଞ୍ଜିକୃତ ନାମରେ 'ପ୍ରେସ୍ କାଉନସିଲ୍' ଶବ୍ଦ ବ୍ୟବହାର କରିବେ ନାହିଁ। ଏହି ନିଷେଧାଦେଶ ପ୍ରତି ସମ୍ପୂର୍ଣ୍ଣ ସମ୍ମାନ ଦେଇ ବିଧି ବ୍ୟବସ୍ଥାର ଅନୁସରଣ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।






# ପିମ୍ପୁଡ଼ି କରିବ ଟ୍ରାଫିକ୍ ସମସ୍ୟାର ସମାଧାନ!

ପିମ୍ପୁଡ଼ିମାନେ ଦଳରେ ଗତି କଲାବେଳେ ଆବଶ୍ୟକ ସ୍ଥଳେ ବାଟରେ କ୍ଷଣେ ଅଟକି ଯାଆନ୍ତି ପଛକେ, କାହାକୁ ଅତିକ୍ରମ କରି ଯାଆନ୍ତି ନାହିଁ। ସେମାନଙ୍କର ଏହି ଆଚରଣକୁ ଇଟାଲିର ଟ୍ରେଣ୍ଟୋ ବିଶ୍ୱବିଦ୍ୟାଳୟର ସଡ଼କ ଓ ରେଳ ଭିତ୍ତିଭୂମି ଗବେଷକମାନେ ଅଧ୍ୟୟନ ଓ ବିଶ୍ଳେଷଣ କରିଛନ୍ତି। ସେଥିରୁ ସେମାନେ ପାଇଥିବା ନିର୍ଯାସ ଏପରି- ଏହି କ୍ଷୁଦ୍ର କୀଟଙ୍କର ଶୃଙ୍ଖଳିତ ଆଚରଣକୁ ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ଉପଯୋଗ କରିପାରିଲେ ମାତ୍ରାଧିକ ଟ୍ରାଫିକ୍ ସମସ୍ୟାରୁ ମୁକ୍ତି ମିଳିପାରିବ।

ପିମ୍ପୁଡ଼ିମାନେ ଗୋଷ୍ଠୀବଦ୍ଧ ହୋଇ ଗତି କଲାବେଳେ ଧାଡ଼ିବାନ୍ଧି ଯାଇଥା'ନ୍ତି, ଯାହାର ରାଜପଥରେ ଯାନବାହନ ଚଳାଚଳ ସହ ଅନେକ ସମାନତା ରହିଛି। ପ୍ରାୟ ୩୦ ସେଣ୍ଟିମିଟର୍ ବିଶିଷ୍ଟ ଏକ ପିମ୍ପୁଡ଼ିପଥରେ ସେମାନଙ୍କର ଗତି, ପ୍ରବାହ ଓ ଘନତ୍ୱକୁ ବିଶ୍ଳେଷଣ କରି ଗବେଷକମାନେ ଲକ୍ଷ୍ୟ କରିଥିଲେ ଯେ ପିମ୍ପୁଡ଼ିମାନେ ଉଚ୍ଚ ଘନତ୍ୱରେ ମଧ ଗହଳି ଏଡ଼ାଇବା ପାଇଁ ଗୋଷ୍ଠୀ ଗଠନ, ସ୍ଥିର ଗତି ଓ କୌଣସି ପ୍ରକାର ଡେଇଁ ଟପି ନଯିବା ଭଳି ରଣନୀତି ଆପଣେଇଥା'ନ୍ତି। ଆମ ରାସ୍ତାଘାଟ ପରି ସେମାନେ ମଧ ମୁହାଁମୁହିଁ ଟ୍ରାଫିକ୍ ପରିଚାଳନା କରିବାରେ ସକ୍ଷମ। ତେବେ ଫରକ ଏତିକି, ସେମାନେ ଭିଡ଼ ନକରି ଆଗକୁ ଆଗକୁ ମାଡ଼ି ଚାଲିଥା'ନ୍ତି। ପିମ୍ପୁଡ଼ିମାନେ ଏକ ନେତା ପିମ୍ପୁଡ଼ି ଦ୍ୱାରା ଚିହ୍ନିତ ରାସାୟନିକ ସଂକେତ ପଥ (ଫେରୋମୋନ୍) ଅନୁସରଣ କରିଥା'ନ୍ତି, ଯେଉଁଥିରେ ସେମାନେ କ୍ଷୁଦ୍ର ଫାଙ୍କ ସହିତ ଏବଂ କାହାକୁ ଅତିକ୍ରମ ନକରି ଏକ ଗୋଷ୍ଠୀ ଭାବେ ଗତି କରିଥା'ନ୍ତି। ପିମ୍ପୁଡ଼ିମାନେ

**ପିମ୍ପୁଡ଼ିମାନେ ଉଚ୍ଚ ଘନତ୍ୱରେ ମଧ ଗହଳି ଏଡ଼ାଇବା ପାଇଁ ଗୋଷ୍ଠୀ ଗଠନ, ସ୍ଥିର ଗତି ଓ ଆଗ ଯାତ୍ରୀକୁ ଟପି ନଯିବା ଭଳି ରଣନୀତି ଆପଣେଇଥା'ନ୍ତି। ସେମାନେ ଆମ ରାସ୍ତାଗୁଡ଼ିକ ଭଳି ଦୁଇପାର୍ଶ୍ୱ ଟ୍ରାଫିକ୍ ପରିଚାଳନା କରିବାରେ ମଧ ସକ୍ଷମ।**

ସରଳ ତଥା ସ୍ୱୟଂସଂଗଠିତ ନିୟମ ବ୍ୟବହାର କରି ଜଟିଳ ଟ୍ରାଫିକ୍ ସମସ୍ୟାର ସମାଧାନ କରନ୍ତି, ଯାହା ପାରମ୍ପରିକ ଟ୍ରାଫିକ୍ ପରି ବାହ୍ୟ ଭାବରେ ଲାଗୁ ହୋଇ ନଥାଏ। ଏହି ନିୟମଗୁଡ଼ିକ ସେମାନଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ବା ରାସାୟନିକ ସଂକେତରୁ ଉତ୍ପନ୍ନ ହୋଇଥାଏ, ଯାହା ପାରମ୍ପରିକ ରାସ୍ତାରେ ଯାନବାହନ ଅପେକ୍ଷା ସେମାନଙ୍କର ଆଚରଣକୁ ଅଧିକ ସହଯୋଗପୂର୍ଣ୍ଣ କରିଥାଏ।

ତେଣୁ ପିମ୍ପୁଡ଼ିମାନେ ଫେରୋମୋନ୍ ମାଧମରେ ଯୋଗାଯୋଗ କରିବା ଭଳି ଭବିଷ୍ୟତରେ ସ୍ୱୟଂଚାଳିତ ଯାନଗୁଡ଼ିକ ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପରସ୍ପର ସହିତ ଏବଂ ରାସ୍ତାର ଭିତ୍ତିଭୂମି ସହିତ ସମନ୍ୱିତ ଗୋଷ୍ଠୀ ଗଠନ ପୂର୍ବକ ପାରସ୍ପରିକ କ୍ରିୟା କରିପାରିବେ, ଯାହା ସେମାନଙ୍କୁ ସମାନ୍ତରାଳ ଧାଡ଼ିରେ ସ୍ୱଳ୍ପ ବ୍ୟବଧାନ ସହିତ ଉଚ୍ଚ ବେଗରେ ଯିବାକୁ ସୁହାଇବା ସହ ଅଙ୍ଗାରକାମ୍ଳ ନିର୍ଗମନକୁ ମଧ କମାଇପାରିବ।

## ଉଭୟ ଓଏସ୍‌ରେ କାମ କରୁଥିବା ସ୍ମାର୍ଟ ଟ୍ୟାଗ୍

ବିଭିନ୍ନ ପରିଧାନଯୋଗ୍ୟ ଅଡିଓ ସରଞ୍ଜାମ ନିର୍ମାଣ କରୁଥିବା ଭାରତୀୟ କମ୍ପାନି 'ନଏଜ୍' ପକ୍ଷରୁ ଦେଶର ପ୍ରଥମ ସାର୍ବଜନୀନ ସ୍ମାର୍ଟ ଟ୍ୟାଗ୍ ପ୍ରସ୍ତୁତ କରାଯାଇଛି। ଆସନ୍ତା ୨୮ ତାରିଖରୁ ଭାରତୀୟ ବଜାରରେ ଉପଲବ୍ଧ ହେବାକୁ ଥିବା 'ଟ୍ୟାଗ୍-୧' ନାମକ ଏହି ସରଞ୍ଜାମ ଉଭୟ ଆଇଓଏସ୍ ଓ ଆଣ୍ଡ୍ରଏଡ୍ ଓପରେଟିଂ ସିଷ୍ଟମ୍ (ଓଏସ୍) ସହ କାମ କରିବ। ନିଜର ଜରୁରି ଜିନିଷପତ୍ର ଉପରେ ନିଘା ରଖିବା ପାଇଁ ଉଦ୍ଦିଷ୍ଟ ଏହି ଯନ୍ତ୍ରାଂଶ ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ଗୁଗଲ୍‌ର 'ଫାଷ୍ଟ ପେୟାର' ଏବଂ ଆପଲ୍‌ର 'ଫାଇଣ୍ଡ୍ ମାଇଁ ଡିଭାଇସ୍' ନେଟ୍‌ୱର୍କ ସହିତ ସୁସଂଗତ। ଯାତ୍ରୀମାନେ ବାହାରକୁ ଗସ୍ତ କଲା ବେଳେ ନିଜର ଚାବିନେଣ୍ଡା, ୱାଲେଟ୍ ଓ ବ୍ୟାଗ୍ ଆଦିକୁ ନିରୀକ୍ଷଣ କରିବା ପାଇଁ ନିର୍ମିତ 'ଟ୍ୟାଗ୍-୧' ସେମାନଙ୍କ ବ୍ୟବସ୍ଥିତ ରହଣିରେ ମଧ୍ୟ ସହାୟତା କରିପାରିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଜରୁରି ସାମଗ୍ରୀ ନିଜ ଠାରୁ ଦୂରେଇଗଲେ ଏହା ୯୦ ଡେସିବଲ୍ ଉଚ୍ଚ ଧ୍ୱନି ସୃଷ୍ଟି କରି ବ୍ୟବହାରକାରୀଙ୍କୁ ସତର୍କ କରିପାରିବ। ଆଇଭରି, ମିଡ୍‌ନାଇଟ୍ ଓ ଚାର୍କୋଲ୍ ପରି ତିନିଟି ରଙ୍ଗରେ ଉପଲବ୍ଧ ହେବାକୁ ଥିବା ଏହି ସ୍ମାର୍ଟ ଟ୍ୟାଗ୍‌ର ଭାରତୀୟ ମୂଲ୍ୟ ୧,୪୯୯ ଟଙ୍କା ରଖାଯାଇଛି। ଏଥିରେ ଆଇପିଏକ୍ସ୪ ଜଳ ପ୍ରତିରୋଧକ ରେଟିଂ ରହିଛି। ଏହାର ବ୍ୟାଟେରି ବର୍ଷେ ଧରି କାମ କରିବାକୁ ସକ୍ଷମ।




## ହ୍ୟୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକ୍

ହ୍ୟୁଣ୍ଡାଇ ମୋଟର୍ ଇଣ୍ଡିଆ ଲିମିଟେଡ୍ ଭାରତୀୟ ଅଟୋମୋବାଇଲ୍ ବଜାରରେ ନୂଆ 'କ୍ରେଟା ଇଲେକ୍ଟ୍ରିକ୍'ର ପ୍ରବେଶ କରାଇଛି। ଏହାର ପ୍ରାରମ୍ଭିକ ମୂଲ୍ୟ ରହିଛି ୧୭,୯୯,୦୦୦ ଟଙ୍କା (ଏକ୍ସ ସୋ'ରୁମ୍)। ଏଥିରେ ଲିଥିୟମ୍ ମେଟାଲ୍ ବେସ୍‌ଡ କମ୍ପୋଜିଟ୍ ୫୧.୪ କିଲୋୱାଟ୍ ଅଥବା ୪୨ କିଲୋୱାଟ୍‌ର ବ୍ୟାଟେରି ପ୍ୟାକ୍ ବିକଳ୍ପ ରହିଛି। ଏହାର ବାହ୍ୟ ଓ ଭିତର ପରିପାଟୀ ଖୁବ୍ ଆକର୍ଷଣୀୟ ହୋଇଛି। ଏଥିରେ ଆକ୍ଟିଭ୍ ଏୟାର୍ ଫ୍ଲାପ୍‌ସ (ଏଏଏଫ୍), ଇଲେକ୍ଟ୍ରିକ୍ ସୋ'କେସ୍, ଡାଇନାମିକ୍ ସାଇଡ୍ ପ୍ରୋଫାଇଲ୍, ଏଲ୍ଇଡି ହେଡ୍ ଓ ଟେଲ୍ ଲ୍ୟାମ୍ପ ସହିତ ଡୁଆଲ୍ ଟୋନ୍ ଇଣ୍ଟେରିୟର୍, ଫ୍ଲୋଟିଂ କନ୍‌ସୋଲ୍, ଇକୋ-ଫ୍ରେଣ୍ଡଲି ସିଟ୍, ୬ଟି ଏୟାର୍ ବ୍ୟାଗ୍, ୧୦.୨୫ ଇଞ୍ଚର ଡୁଆଲ୍ କର୍ଭିଲିନିଅର୍ ଏଚ୍‌ଡି ଇନ୍‌ଫୋଟ୍‌ମେଣ୍ଟ ସ୍କ୍ରିନ୍, ଡିଜିଟାଲ୍ କ୍ଲଷ୍ଟର୍, ଟଚ୍-ଟାଇପ୍ ଡୁଆଲ୍ ଜୋନ୍ ଅଟୋମେଟିକ୍ ଟେମ୍ପେରେଚର୍ କଣ୍ଟ୍ରୋଲ୍, ଭଏସ୍-ଏନାବଲ୍‌ଡ୍ ସ୍ମାର୍ଟ ପାନୋରମିକ୍ ସନ୍‌ରୁଫ୍ ପରି ବୈଶିଷ୍ଟ୍ୟ ରହିଛି। କ୍ରେଟା ଇଲେକ୍ଟ୍ରିକ୍ ମାତ୍ର ୫୮ ମିନିଟ୍ (ଡିସି ଚାର୍ଜିଂ)ରେ ୧୦-୮୦ ପ୍ରତିଶତ ଚାର୍ଜ ହୋଇପାରିବ ବୋଲି କମ୍ପାନି ପକ୍ଷରୁ ଦାବି କରାଯାଇଛି। ଏହା ଏକ୍‌ଜିକ୍ୟୁଟିଭ୍, ସ୍ମାର୍ଟ, ପ୍ରିମିୟମ୍ ଓ ଏକ୍ସିଲେନ୍‌ସ ପରି ୪ଟି ଭାରିଆଣ୍ଟରେ ଆସିଛି। ଏହା ୮ଟି ମନୋଟୋନ୍, ୨ଟି ଡୁଆଲ୍ ଟୋନ୍ ଓ ୩ଟି ମେଟ୍ କଲର୍ ପରି ରଙ୍ଗରେ ଉପଲବ୍ଧ।




## ଇନ୍‌ଷ୍ଟାଣ୍ଟ ପର୍ସନାଲ୍ ଲୋନ୍‌ରେ କେୱାଇସିର ଭୂମିକା




କେବେ ଭାବିଛନ୍ତି, ଆବେଦନ କରିବାର କିଛି ଘଣ୍ଟା ବା କିଛି ମିନିଟ୍ ଭିତରେ ବ୍ୟାଙ୍କ୍ କିପରି ଆପଣଙ୍କ ବ୍ୟକ୍ତିଗତ ଋଣ ମଞ୍ଜୁର କରିଦିଏ? ଏହାର କାରଣ କ'ଣ? ବ୍ୟାଙ୍କ୍ କ'ଣ ଆପଣଙ୍କୁ ବ୍ୟକ୍ତିଗତ ଭାବେ ଜାଣେ? ନା ଋଣଦାତା ଆପଣଙ୍କ ଉପରେ ଏତେ ବିଶ୍ୱାସ କରନ୍ତି?

ହଁ, ଏହା ହୋଇପାରେ। କିନ୍ତୁ ଏଥିପାଇଁ ଗୋଟେ ପ୍ରକ୍ରିୟା ଅଛି, ଯାହା ପ୍ରଚ୍ଛନ୍ନ ଭାବେ ଋଣଦାତାଙ୍କୁ ଋଣଗ୍ରହୀତାଙ୍କ ପ୍ରୋଫାଇଲ୍ ଯାଞ୍ଚ କରି ଏହାକୁ ପ୍ରମାଣିତ କରିଥାଏ। ଏହି ପ୍ରକ୍ରିୟାକୁ ଇ-କେୱାଇସି (ଇଲେକ୍ଟ୍ରୋନିକ୍ ପ୍ରୋସେସ୍ ଟୁ ନୋ ୟୋର୍ କଷ୍ଟମର୍) କୁହାଯାଏ।

ଏହା ସାଧାରଣତଃ ଆଧାର ସହିତ ଲିଙ୍କ୍ ହୋଇଥିବା ଗ୍ରାହକଙ୍କ ମୋବାଇଲ୍‌କୁ ପଠାଯାଇଥିବା ଓଟିପି ମାଧ୍ୟମରେ କରାଯାଏ। ବ୍ୟାଙ୍କ୍‌ଗୁଡ଼ିକ ବିଭିନ୍ନ ସେବାରେ ଗ୍ରାହକମାନଙ୍କୁ ସାମିଲ କରିବା ଏବଂ ଋଣ ପାଇଁ ଆବେଦନ କରିବା କିମ୍ବା ବ୍ୟକ୍ତିଗତ ବିବରଣୀ ପୁନଃଯାଞ୍ଚ କରିବା ପାଇଁ ଇକେୱାଇସି ବ୍ୟବହାର କରିଥାନ୍ତି।

**ଏହା କିପରି କାମ କରେ:**

- ପ୍ରଥମେ ଆବେଦନକାରୀ ତାଙ୍କର ଆଧାର ନମ୍ବର୍ ଦିଅନ୍ତି ଏବଂ ସେବା ପ୍ରଦାନକାରୀଙ୍କୁ ଡାଟା ଆକ୍ସେସ୍ କରିବା ପାଇଁ ସମ୍ମତି ଦିଅନ୍ତି।
- ସମ୍ମତି ପ୍ରଦାନ ପରେ, ସେବା ପ୍ରଦାନକାରୀମାନେ ୟୁଆଇଡିଏଆଇ (ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ) ଜରିଆରେ ଡାଟାବେସ୍ ଆକ୍ସେସ୍ କରିପାରିବେ।
- ଏହି ଡାଟାବେସ୍ ଆଧାରରେ ସେବା ପ୍ରଦାନକାରୀ ଗ୍ରାହକଙ୍କ ପରିଚୟ, ଠିକଣା ତଥା ଅନ୍ୟାନ୍ୟ ବିବରଣୀ ଯାଞ୍ଚ କରନ୍ତି।
- ଶେଷରେ, ଗ୍ରାହକଙ୍କ ବିବରଣୀ ସୁରକ୍ଷିତ ଭାବେ ସଂରକ୍ଷିତ ହୁଏ।

ଯେହେତୁ ସମ୍ପୂର୍ଣ୍ଣ ପ୍ରକ୍ରିୟା ଅନ୍‌ଲାଇନ୍ ମାଧମରେ କରାଯାଏ, ତେଣୁ ଏହି ପ୍ରକ୍ରିୟାରେ ବିଳମ୍ବ ହୋଇନଥାଏ। ଆବେଦନକାରୀଙ୍କୁ ମଧ ନିଜର ଠିକଣା ବା ଅନ୍ୟ କୌଣସି ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼େନାହିଁ।

**ପ୍ରକ୍ରିୟାଗୁଡ଼ିକ କ'ଣ?**

- କେୱାଇସି ଅନୁରୋଧ ନିର୍ଦ୍ଦିଷ୍ଟ କମ୍ୟୁନିକେସନ୍ ପ୍ରୋଟୋକଲ୍ ମାଧମରେ ପଠାଯାଏ।
- ଏହା ସୁରକ୍ଷିତ ଲିଜ୍ ଲାଇନ୍ ମାଧମରେ ଏଚ୍‌ଟିଟିପିକୁ ପଠାଯାଏ।
- ପରେ ଏହା ୟୁଆଇଡିଏଆଇର କେନ୍ଦ୍ରୀୟ ପରିଚୟ ତଥ୍ୟ ସଂଗ୍ରହାଳୟକୁ ସ୍ଥାନାନ୍ତର ହୁଏ।
- ଶେଷରେ, ରେସ୍‌ପନ୍‌ସ୍ ଜେନେରେଟ୍ ହୁଏ ଏବଂ ସେବାପ୍ରଦାନ କରିବା ପାଇଁ ଡେମୋଗ୍ରାଫିକ୍ ଡିଟେଲ୍‌ସ ସେୟାର୍ କରାଯାଏ।

ସମ୍ପୂର୍ଣ୍ଣ କେୱାଇସି ପ୍ରକ୍ରିୟା ଆଧାର କାର୍ଡଧାରୀଙ୍କ ଠାରୁ ଆରମ୍ଭ ହୁଏ। ଏହାପରେ ଅଥେଣ୍ଟିକେସନ୍ କରାଯାଏ। ଅନୁମୋଦନ ପୂର୍ବରୁ ଏହାକୁ କେୱାଇସି ଉପଭୋକ୍ତା ଏଜେନ୍ସିକୁ ଏବଂ ଶେଷରେ ପ୍ରମାଣକାରୀ ସେବା ଏଜେନ୍ସିକୁ ପଠାଯାଏ।

## ପକ୍ଷାଘାତ ରୋଗୀ ଚଳାଇଲେ ଡ୍ରୋନ୍!

ବିଗତ ଦୁଇ ଦଶନ୍ଧି ମଧରେ ମସ୍ତିଷ୍କକୁ ଯନ୍ତ୍ର ସହ ଯୋଡ଼ିବା କାର୍ଯ୍ୟ ବିଜ୍ଞାନ ଗଳ୍ପରୁ ବାସ୍ତବ ରୂପ ନେଇଛି, ଯାହା ମେରୁଦଣ୍ଡ ଆଘାତ ଯୋଗୁଁ ପକ୍ଷାଘାତଗ୍ରସ୍ତ ହୋଇଥିବା ଲୋକମାନଙ୍କ ପାଇଁ ଜୀବନ ପରିବର୍ତ୍ତନକାରୀ ପାଲଟିଛି। ଏକ ଦୁର୍ଘଟଣାରେ ମେରୁଦଣ୍ଡର ଟି-୫ରେ ଶକ୍ତ ଆଘାତ ପାଇ ପକ୍ଷାଘାତର ଶିକାର ହୋଇଥିବା ଜଣେ ୬୯ ବର୍ଷୀୟ ବ୍ୟକ୍ତିଙ୍କର ଡ୍ରୋନ୍ ଉଡ଼ାଇବା ସ୍ୱପ୍ନ ବାସ୍ତବ ରୂପ ନେଇଛି।

ଏହି ବ୍ୟକ୍ତିଙ୍କର ମସ୍ତିଷ୍କରେ ଏକ ପ୍ରତିରୋପଣ ପରେ ସେ ଆଭାସୀ ଡ୍ରୋନ୍ ଚଳାଇ ତାହାର ରୋମାଞ୍ଚ ଅନୁଭବ କରିପାରିଛନ୍ତି। ମନରେ ଆଙ୍ଗୁଠିର ଗତିବିଧିକୁ ପରିକଳ୍ପନା କରି ସେ ଏକ ଭିଡିଓ ଗେମ୍‌ରେ ଏକ ଚାରି ରୋଟର ବିଶିଷ୍ଟ ଆଭାସୀ ଡ୍ରୋନ୍ ଉଡ଼ାଇଥିଲେ, ଯେଉଁଥିରେ ଉକ୍ତ ଡ୍ରୋନ୍ ଉଡ଼ାଣ ସମୟରେ ବିଭିନ୍ନ ବାଧାକୁ ଏଡ଼ାଇବା ସହ ବିଭିନ୍ନ ବଳୟ ଭିତର ଦେଇ ସଫଳତାର ସହ ଗତି କରିଥିଲା।

ଉଲ୍ଲେଖଯୋଗ୍ୟ, ଏହି ଟି-୫ ରୋଗୀଙ୍କୁ 'ବ୍ରେନଗେଟ୍୨' ନାମକ ସ୍ନାୟବିକ ଇଣ୍ଟରଫେସ୍ ପ୍ରଣାଳୀର ନୈଦାନିକ ପରୀକ୍ଷଣରେ ସାମିଲ କରାଯାଇଥିଲା। ଏହି ପ୍ରଣାଳୀରେ ପକ୍ଷାଘାତ ରୋଗୀଙ୍କ ମସ୍ତିଷ୍କର ବୈଦ୍ୟୁତିକ କାର୍ଯ୍ୟକଳାପକୁ ଡିକୋଡ୍ କରି କମ୍ପ୍ୟୁଟର କର୍ସର, ଯାନ୍ତ୍ରିକ ବାହୁ ଓ ଅନ୍ୟାନ୍ୟ ସରଞ୍ଜାମକୁ ନିୟନ୍ତ୍ରଣ କରାଯାଇପାରିବ। ୨୦୧୬ରେ ଉକ୍ତ ବ୍ୟକ୍ତିଙ୍କ ମସ୍ତିଷ୍କର ହସ୍ତ ନିୟନ୍ତ୍ରଣ କେନ୍ଦ୍ରରେ ଦୁଇଟି କ୍ଷୁଦ୍ର ପ୍ରତିରୋପଣ କରାଯାଇଥିଲା, ଯାହା ଉଭୟ ହସ୍ତ ଓ ଆଙ୍ଗୁଠିଗୁଡ଼ିକର ଗତିବିଧି ସକ୍ରିୟ କରିପାରିଥିଲା। ମସ୍ତିଷ୍କ ପ୍ରତିରୋପଣ ପରେ ତାଙ୍କର ପ୍ରତିଟି ଆଙ୍ଗୁଠି ସ୍ୱାଧୀନ ଭାବରେ ବିସ୍ତାର କରିବା କି କୁଞ୍ଚିତ କରିବା କାର୍ଯ୍ୟ କରିପାରିଥିଲା, ଯାହା ଭିଡିଓ ଗେମ୍ ନିୟନ୍ତ୍ରକ ଭଳି ଡ୍ରୋନ୍ ଉଡ଼ାଣକୁ ମଧ ନିୟନ୍ତ୍ରଣ କରିପାରିଥିଲା। ତେବେ ଏହି ବ୍ୟବସ୍ଥା ଏବେ ବି ବ୍ୟାବସାୟିକ ବ୍ୟବହାରଠାରୁ ବହୁ ଦୂରରେ ରହିଛି ଏବଂ ଏଥିପାଇଁ ଅଧିକ ପରୀକ୍ଷଣର ଆବଶ୍ୟକତା ରହିଛି। ସଂପୃକ୍ତ ପକ୍ଷାଘାତ ରୋଗୀ ତାଙ୍କ ମସ୍ତିଷ୍କ ନିୟନ୍ତ୍ରଣ ଦ୍ୱାରା ଆଭାସୀ ହସ୍ତକୁ ମିନିଟ୍‌କୁ ୭୬ଟି ଲକ୍ଷ୍ୟସ୍ଥଳରେ ପହଞ୍ଚାଇପାରୁଥିବା ବେଳେ ମସ୍ତିଷ୍କରେ ଅଧିକ ଚାନେଲ୍‌ଯୁକ୍ତ ହାର୍ଡୱେର ପ୍ରତିରୋପଣ କରି କ୍ରିୟାଶୀଳତାକୁ ଆହୁରି କ୍ଷିପ୍ର କରାଯାଇପାରିବ ବୋଲି ଗବେଷକମାନେ ଆଶାବାଦୀ ଅଛନ୍ତି।



## କୃଷିକ୍ଷେତ୍ରରେ ବିପ୍ଳବ ଆଣିବ ସ୍ୱୟଂଚାଳିତ ଟ୍ରାକ୍ଟର



ଟ୍ରାକ୍ଟର ସମେତ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ନିର୍ମାଣ କରୁଥିବା ଆମେରିକୀୟ କମ୍ପାନି 'ଜନ୍ ଡିଅର୍' କିଛି ନୂତନ ଧରଣର ସ୍ୱୟଂଚାଳିତ ଯାନ ବାହାର କରିବାକୁ ଜୋରଦାର୍ ପ୍ରସ୍ତୁତି ଚଳାଇଛି। କମ୍ପାନିର ସେହି ପ୍ରସ୍ତାବିତ ଯନ୍ତ୍ରାଂଶଗୁଡ଼ିକ ମଧରେ ସ୍ୱୟଂଚାଳିତ ଟ୍ରାକ୍ଟର, ଉଦ୍ୟାନ ଘାସକଟା ରୋବଟ୍ ଓ ଚାଳକବିହୀନ ଅଳିଆଉଠା ଟ୍ରକ୍ ଆଦି ରହିଛି। ଏହି ଅଭିନବ ଯାନଗୁଡ଼ିକ କୃଷିକ୍ଷେତ୍ର ସମେତ ଉଦ୍ୟାନ ସୌନ୍ଦର୍ଯ୍ୟୀକରଣ ଓ ଭୂମିରୂପ ସଜାଡ଼ିବାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି। ଏଗୁଡ଼ିକ ନିରାପଦରେ ଗତି କରିବା ସହ ଜଟିଳ ପରିସ୍ଥିତିରେ ମଧ ବିଭିନ୍ନ ପ୍ରକାର ଜଟିଳ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବ ବୋଲି କମ୍ପାନି ଗୁରୁତ୍ୱାରୋପ କରିଛି। ଅବଶ୍ୟ ବିଗତ ଦୁଇବର୍ଷ ହେଲା ଜନ୍ ଡିଅର୍ ସ୍ୱୟଂଚାଳିତ ଟ୍ରାକ୍ଟରର ନିୟୋଜନ ଦେଖିବାକୁ ମିଳିଛି। ତେବେ କମ୍ପାନି ତାହାକୁ ଅଧିକ ସ୍ୱୟଂକ୍ରିୟ କରିବା ପାଇଁ ସେଥିରେ ସ୍ୱତନ୍ତ୍ର ଜ୍ଞାନକୌଶଳ ଖଞ୍ଜିବାକୁ ଯାଉଛି। କ୍ଷେତରେ ମୃତ୍ତିକା ପରିଚାଳନାଠାରୁ ଆରମ୍ଭ କରି ବୀଜବପନ, ଚାରା ରୋପଣ, ଜଳସେଚନ ଓ ଶସ୍ୟ ଆମଦାନି ପରି ବହୁବିଧ କାମରେ ଆଉ କୌଣସି ଶ୍ରମିକର ଆବଶ୍ୟକତା ରହିବନି। କମ୍ପାନିର ଏହି ଦ୍ୱିତୀୟ ପିଢ଼ି ସ୍ୱୟଂଚାଳିତ ଟ୍ରାକ୍ଟରକୁ ଏକ କମ୍ପ୍ୟୁଟର କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ୩୬୦ ଡିଗ୍ରି ଦୃଶ୍ୟମାନତା ପାଇଁ ୧୬ଟି କ୍ୟାମେରା ଖଞ୍ଜାଯିବା ସହ କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନକୌଶଳ ଉପରେ ପର୍ଯ୍ୟବସିତ ସମସ୍ତ ପ୍ରକାର କୃଷିକାର୍ଯ୍ୟ ଆପେ ଆପେ ସଂପନ୍ନ ହୋଇପାରିବ। ଏହି ଟ୍ରାକ୍ଟରର ନିରାପଦ ତଥା ଭରସାଯୋଗ୍ୟ କାର୍ଯ୍ୟକାରିତା ହିଁ କ୍ଷେତ ମାଲିକମାନଙ୍କୁ ଆଶ୍ୱସ୍ତ କରିବା ସହ ସ୍ୱତନ୍ତ୍ର କରି ମକା ଓ ସୋୟାବିନ୍ ଚାଷ ପାଇଁ ଏହା ସବୁଠାରୁ ଉପାଦେୟ ହୋଇପାରିବ ବୋଲି କମ୍ପାନି ଦାବି କରିଛି। ସେହିପରି ଫଳବଗିଚାରେ ରୋଗପୋକ ଦାଉ କମାଇବା ପାଇଁ ସ୍ୱତନ୍ତ୍ର ପ୍ରକାର ସ୍ୱୟଂଚାଳିତ ଟ୍ରାକ୍ଟରରେ ଫଳନ୍ତି ବୃକ୍ଷଡାଳକୁ ଆବଶ୍ୟକ ଔଷଧ ଓ କୀଟନାଶକ ସ୍ପ୍ରେ କରିହେବାର ବ୍ୟବସ୍ଥା ରହିଛି। ଏଥି ସହିତ ଗଛରୁ ଫଳତୋଳିବା କାର୍ଯ୍ୟ ମଧ ଆପେ ଆପେ ହୋଇପାରିବ। ଉଲ୍ଲେଖଯୋଗ୍ୟ, ଆମେରିକାରେ, ବିଶେଷ କରି କାଲିଫର୍ଣ୍ଣିଆରେ ବିଶ୍ୱର ୮୦ ପ୍ରତିଶତ ଆଲମଣ୍ଡ୍ ଆମଦାନି ହୋଇଥାଏ। ତେବେ ଆଲମଣ୍ଡ୍ ଚାଷ ପାଇଁ ସେଠାରେ ଘୋର ଶ୍ରମିକ ଅଭାବ ଲାଗି ରହିଥାଏ। ତେଣୁ ଜନ୍ ଡିଅର୍ କମ୍ପାନି ପକ୍ଷରୁ ନିର୍ମିତ ହେବାକୁ ଥିବା ଏହି ନୂତନ ପିଢ଼ିର ସ୍ୱୟଂଚାଳିତ ଟ୍ରାକ୍ଟର ସମୂହ କୃଷିକ୍ଷେତ୍ରରେ ଦେଖାଯାଉଥିବା ଶ୍ରମିକ ଅଭାବକୁ ଦୂର କରିବ ବୋଲି ଆଶା କରାଯାଉଛି।



# ଟ୍ରମା କେୟାର ହସ୍ପିଟାଲ କାର୍ଯ୍ୟକ୍ଷମ ନହେଲେ ଆନ୍ଦୋଳନ ଚେତାବନୀ

**ଯାଜପୁର ରୋଡ଼,୧।୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ନିକଟରେ ୧୦୦କୋଟି ଟଙ୍କା ବ୍ୟୟ ଅଟକଳରେ ୧୦୦ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ହସ୍ପିଟାଲ (ଦୁର୍ଘଟଣା ଜନିତ ଚିକିତ୍ସା)ର କାର୍ଯ୍ୟ ବର୍ଷକ ତଳୁ ଶେଷ ହୋଇଛି । ହେଲେ ଡାକ୍ତର କି କର୍ମଚାରୀ ନିଯୁକ୍ତି ଦିଆଯାଉ ନାହିଁ କି ଏହାର ଉଦଘାଟନ ହେଉ ନାହିଁ। ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଆନ୍ଦୋଳନ କୁ ଓହ୍ଲାଇବାକୁ ଚେତାବନୀ ଦେଲେଣି।

୨୦୧୯ରେ ଏହାର ଶିଳାନ୍ୟାସ ହୋଇଥିବା ବେଳେ ୨୦୨୪ରେ କାର୍ଯ୍ୟ ଶେଷ ହୋଇଥିଲା । ହେଲେ ଏହା କାର୍ଯ୍ୟକ୍ଷମହେବାରେ ବିଳମ୍ବ ଦେଖା ଦେଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଟ୍ରମା କେୟାର ନିକଟରେ ୨୦ ଓ ୧୬ନଂ ଜାତୀୟ ରାଜପଥ ଅତିକ୍ରମ କରିଛି । ଏହି ଦୃଷ୍ଟିରୁ ଏଠାରେ ଥିବା ଟ୍ରମା କେୟାର ଗୁରୁତ୍ୱ ବହନ କରେ। ବିଶେଷ କରି ସଡ଼କ ଦୁର୍ଘଟଣାରେ ଗୁରୁତର ରୋଗୀଙ୍କ ତ୍ୱରିତ ଚିକିତ୍ସାରେ ଏହା ସହାୟକ ହୋଇ ପାରିବ । ଉଭୟ ଜାତୀୟ ରାଜପଥରେ ଦୈନନ୍ଦିନ କେଉଁଠି ନା କେଉଁଠି ଏକାଧିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳେ। ଆହତଙ୍କୁ ଚିକିତ୍ସା ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟ କିମ୍ବା କଟକ ନେବାକୁ ପଡୁଛି । ଯାହାଦ୍ୱାରା ରୋଗୀ ମେଡିକାଲରେ ପହଂଚି ଚିକିତ୍ସା ଆରମ୍ଭ କରିବାକୁ ସମୟ ଲାଗିଥାଏ । ରୋଗୀ ପାଇଁ ଥିବା ଚିକିତ୍ସାର ମୂଲ୍ୟବାନ ସମୟ ନଷ୍ଟ ହୋଇଥାଏ । ଏହାଦ୍ୱାରା ସଙ୍କଟାପନ୍ନ ଅବସ୍ଥାରେ ଥିବା ରୋଗୀ ତ୍ୱରିତ ଚିକିତ୍ସା ର ସୁବିଧା ନପାଇ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହୁଏ ।




ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବିଶେଷ କରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ ତଥା କେନ୍ଦୁଝର ଜିଲ୍ଲାର ଅଧିବାସୀମାନେ ଉପକୃତ ହୋଇ ପାରିବେ । ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମରେ ପାଣିକୋଇଲିରେ ଏକ ଟ୍ରମା କେୟାର ହସ୍ପିଟାଲ ନିର୍ମାଣ ପାଇଁ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଏହାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥି ପ୍ରତି ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।



# ବାବା ଈଶ୍ୱରନାଥଙ୍କ ହାତ ଧରିଲେ ଦେବୀ ପାର୍ବତୀ

● ପଡିଲା ହାତ ଗଣ୍ଠି, ଆଧାତ୍ମିକ ସହ ଭକ୍ତିମୟ ପରିବେଶ

**କାକଟପୁର/ଅସ୍ତରଙ୍ଗ,୧।୬ (ସଂଚାର ବ୍ୟୁରୋ):** ସମ୍ପୂର୍ଣ୍ଣ ରୀତିନୀତିରେ ସମ୍ପୂର୍ଣ୍ଣ ହୋଇଛି ଦେବ ଦେବ ମହାଦେବ ଈଶ୍ୱରନାଥ ଏବଂ ଜଗତଜନନୀ ମାତା ପାର୍ବତୀଙ୍କର ବିବାହ। ଈଶ୍ୱରନାଥ ଙ୍କ ବରଯାତ୍ରୀ ଶୋଭାଯାତ୍ରା ରେ ବାଜା, ବାଣ, ରୋଷଣୀ ରେ କମ୍ପିଉଠିଥିଲା ପୂରା ପରିବେଶ।ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକଣ୍ଠ ଜିଉନ୍ତି ଗ୍ରାମର ବହୁପୁରାତନ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଈଶ୍ୱରନାଥ ପୀଠରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଶୀତଳଷଷ୍ଠୀ ତିଥିରେ ପାରମ୍ପରିକ ପ୍ରଥାରେ ଦେବଦେବ ମହାଦେବ ଈଶ୍ୱରନାଥ -ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୀଠର ଶକ୍ତିସ୍ୱରୂପିଣି ମା ପାର୍ବତୀ କନ୍ୟା ଓ ଦେବଦେବ ମହାଦେବ ଈଶ୍ୱରନାଥ ବର ଭାବେ ବିବାହ ସମ୍ପୂର୍ଣ୍ଣ ହୋଇଥିଲା। ମମତା ପଣ୍ଡା ଓ ଶରତଚନ୍ଦ୍ର ପଣ୍ଡା କନ୍ୟା କର୍ତ୍ତା ଏବଂ ମଞ୍ଜୁଲତା ମିଶ୍ର ଓ ଅକ୍ଷୟ କୁମାର ଦାସ ବରକର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରା ତଥା ବୈଦିକ ରୀତିନୀତି ରେ ଦିଅଁମଙ୍ଗୁଳା, ଶିବ ପାର୍ବତୀ ଙ୍କ ମହାସ୍ନାନ, ବାଟବରଣୀ ନୀତି ସହ ଅନେକ ନୀତିସମ୍ପୂର୍ଣ୍ଣ ହୋଇ ବିବାହୋତ୍ସବ ଅନୁଷ୍ଠିତ ହୋଇଥିଲା। ବାବା ଙ୍କ ଚଳନ୍ତି ପ୍ରତିମା ବିଗ୍ରହ ମହାଦେବ ଈଶ୍ୱରନାଥ ବରବେଶରେ ଏବଂ ମା ପାର୍ବତୀ ଙ୍କ ଚଳନ୍ତି ପ୍ରତିମା କନ୍ୟାବେଶରେ ସଜ୍ଜିତ କରାଯାଇ ବିବାହ ମଣ୍ଡପକୁ ଅଣାଯାଇଥିଲା।

ଭଜନ କୀର୍ତ୍ତନ, ବାଦ୍ୟ ଓ ରୋଷଣୀ କରାଯାଇ ଉଭୟ ବରକନ୍ୟା ଙ୍କୁ ମନ୍ଦିର ବେଢ଼ା ପରିକ୍ରମା ସହ ଯଜ୍ଞ ବେଦୀକୁ ନିଆଯାଇଥିଲା। ବ୍ରାହ୍ମଣ ଙ୍କ ବେଦପାଠ ଓ ଜ୍ୟୋତିଷ ଙ୍କ ପଞ୍ଜିକା ନିର୍ଘଣ୍ଟ ଅନୁସାରେ ଉଭୟ ବରକନ୍ୟା ସୁସଜ୍ଜିତ ବିମାନରେ ବିଜେ କରିଥିଲେ। ସେଠାରେ କନ୍ୟାମାତା ମମତା ପଣ୍ଡା ଓ ବର ମାତା ମଞ୍ଜୁଲତା ମିଶ୍ର କନକାଞ୍ଜଳୀ ବାନ୍ଧିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଆ ରୀତିନୀତି ଅନୁସାରେ ୭ଜଣ ସଧବା ବିବାହ ବେଦିରେ ବରକନ୍ୟା ଙ୍କୁ ବନ୍ଦାପନା କରିଥିଲେ। ଏହା ପରେ ଯଜ୍ଞଅନୁଷ୍ଠାନରେ ବରକନ୍ୟାଙ୍କ ହାତଗଣ୍ଠି ପଡିଥିଲା। ଶହଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତ ରେ ତଥା ମହିଳାଙ୍କ ଶଙ୍ଖହୁଳହୁଳି ଶବ୍ଦରେ ପରିବେଶ ଭକ୍ତିମୟ ହୋଇଥିଲା। ଈଶ୍ୱରନାଥ ପୀଠର ବଡ଼ପଣ୍ଡା ତଥା ପୂଜକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ତତ୍ତ୍ୱାବଧାନ ରେ ଆୟୋଜିତ ସମସ୍ତ କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଘନଶ୍ୟାମ କର ଓ ପଣ୍ଡିତ ଅମୂଲ୍ୟ କୁମାର ମିଶ୍ରଙ୍କ ମନ୍ତ୍ରପାଠରେ ବିବାହ ସମ୍ପର୍ଣ୍ଣ ହୋଇଥିଲା। ଦେବଦମ୍ପତି ଙ୍କ ବିବାହ ଭୋଜିରେ ଉପସ୍ଥିତ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

ସରକାରୀ ଧାନମଣ୍ଡି ଖୋଲିବା ବିଳମ୍ବ

## ଆନ୍ଧ୍ର ବେପାରୀ ଓ ଦଲାଲ ମାଲାମାଲ



**କଣାସ,୧।୬ (ସଂଚାର ବ୍ୟୁରୋ):** କୃଷକ ମାନଙ୍କ ପ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କୁ ଉଚିତ ମୂଲ୍ୟରେ ଧାନ କିଣିବା ପାଇଁ ପ୍ରତି ବ୍ଲକରେ ଥିବା ବିଭିନ୍ନ ସମବାୟ ସମିତି ଜରିଆରେ ସରକାରୀ ଧାନମଣ୍ଡି ପ୍ରତିବର୍ଷ ଖୋଲୁଥିବାବେଳେ ଚଳିତ ବର୍ଷ କଣାସ ବ୍ଲକର କୌଣସି ସମବାୟ ସମିତିରେ ମଣ୍ଡି ଖୋଲିନଥିବା ଜଣାପଡ଼ିଛି। ଆନ୍ଧ୍ରର ଧାନ ବେପାରୀ ମାନେ କଣାସ ଅଞ୍ଚଳ ଦଲାଲମାନଙ୍କୁ ଧରି ଶାଗ ମାଛ ଦରରେ ଧାନ ସଂଗ୍ରହ କରି ନେଉଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ ସମବାୟ ସମିତି ଗ୍ରାମ୍ୟ ମହାଜନମାନଙ୍କ ଠାରୁ ଚଢ଼ା ଦରରେ ସୁଧ ଆଣି ରବି ଧାନ ଚାଷ କରିଥିଲେ। ଧାନ ଅମଳ ହେବା ପରେ ଧାନ ବିକ୍ରୟ କରି ମହାଜନ ସୁଝିବେ। ଏଥିପାଇଁ ଚାଷୀମାନେ ନଅ ଛଅ ଦରରେ ଧାନ ବିକ୍ରୟ କରୁଥିବା ଚାଷୀମାନେ କିହନ୍ତି। ଲଘୁଚାପ ଜନିତ ବର୍ଷା ଆସୁଥିବାରୁ ରାସ୍ତା କଡରେ ଚାଷୀମାନେ ଧାନ ବସ୍ତା ରଖି ଆନ୍ଧ୍ର ଟ୍ରକକୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। ଗତକାଲି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କୁ କଣାସଠାରେ କଣାସ ପଞ୍ଚାୟତର ବଡଚାଷୀ ଶ୍ରୀକାନ୍ତ ପଟ୍ଟ ଯୋଶୀ ଏବଂ ୧୦/୧୫ ଜଣ ଚାଷୀ ଏକତ୍ରିତ ହୋଇ ତୁରନ୍ତ ସରକାରୀ ଧାନମଣଯଡି ଖୋଲିବା ପାଇଁ ଦାବୀ କରିଥିଲେ।

# ଋଷିକୂଲ୍ୟା ନଦୀ ପାଣିକୁ ସରଂକ୍ଷିତ କରିବାକୁ ଦାବି

**ବ୍ରହ୍ମପୁର,୧।୬ (ସଂଚାର ବ୍ୟୁରୋ):** ଋଷିକୂଲ୍ୟା ନଦୀକୁ ଗଞ୍ଜାମ ଜିଲ୍ଲାର ଲାଇଫଲାଇନ କୁହାଯାଉଥିଲେ ବି ରାଜ୍ୟ ସରକାର ଏହି ନଦୀର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପ୍ରତି ଚରମ ଅବହେଳା କରିଆସୁଥିବା ଅଭିଯୋଗ ହୋଇଛି। ଚୋରା ବାଲି କାରବାରକୁ ରୋକିବାରେ ଏକ ରକମ ସରକାର ସେତେଟା ଗୁରୁତ୍ୱ ଦେଲାଭଳି ମନେ ହେଉନଥିଲେ ବି ବର୍ଷାଦିନେ ବୋହି ଯାଉଥିବା ବର୍ଷା ଜଳକୁ ବି ସରଂକ୍ଷିତ ରଖିବା ପାଇଁ ଚିନ୍ତିତ ନୁହଁନ୍ତି ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ତଥା ଆଇନଜୀବି ଅବନୀ ଗୟା ଦୃଢ଼ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ, ଜୁନ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବର୍ଷାର ପରିମାଣ ବୃଦ୍ଧି ପାଉଥିଲା ବେଳେ ପ୍ରାୟ ୪ରୁ ୫ ବିଲିଅନ କ୍ୟୁବିକ ମିଟର ଜଳ ପ୍ରତିବର୍ଷ ଋଷିକୂଲ୍ୟା ନଦୀରେ ବୋହିଯାଇ ସମୁଦ୍ରରେ ମିଶିଯାଉଛି ଓ ଏହା କୌଣସି ବ୍ୟବହାରରେ ଆସୁନାହିଁ । ଋଷିକୂଲ୍ୟା ନଦୀର ୮,୯୬୩ ବର୍ଗ କିଲୋମିଟର ଅଂଚଳରେ ଏହି ଜଳ ପ୍ରବାହିତ ହୁଏ । ବର୍ଷର ଅନ୍ୟ ସମୟରେ ଲଗାତାର ବର୍ଷା ବା ଲଘୁଚାପ ବେଳେ ମଧ ଏତିକି ପରିମାଣ ବା ସାମାନ୍ୟ ଏହାଠାରୁ କମ ପରିମାଣର ଜଳ ପ୍ରବାହିତ ହୁଏ । କିନ୍ତୁ ଗ୍ରୀଷ୍ମ କାଳରେ ଋଷିକୂଲ୍ୟା ନଦୀ ଏକ ଛୋଟ ନାଳ ସଦୃଶ୍ୟ ହୋଇଯାଇଥାଏ । ଏହି ସମୟରେ ଚାଷ ଜମି ଓ ପ୍ରାଣୀ ସମ୍ପଦକୁ ଟୋପାଏ ପାଣି ମଧ ମିଳିବା କଷ୍ଟକର ହୋଇପଡେ । ଏଣୁ ବର୍ଷା ଦିନେ ଋଷିକୂଲ୍ୟା ନଦୀ ସହ ସଂଯୁକ୍ତ ଛତ୍ରପୁରରେ ଅବସ୍ଥିତ ତାମ୍ପରା ହ୍ରଦ ଜଳ ଧାରଣରେ ସହାୟ ହୁଏ ଯାହାଦ୍ୱାରା ଖରା ଦିନେ ସ୍ଥାନୀୟ ଅଂଚଳରେ କୃଷି ଓ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ କାମରେ ଆସେ । ଏତଦବ୍ୟତୀତ ଋଷିକୂଲ୍ୟା ନଦୀ ସହ ସଂଯୁକ୍ତ ଘୋଡ଼ାହାଡ଼, ଧନେଇ, ବାଘୁଆ, ଆଦି ଉପନଦୀରେ ଥିବା ଆନିକଟ ଓ ଛୋଟ ଛୋଟ ଜଳାଶୟ ସବୁ ରହିଛି। ତାମ୍ପରା ହ୍ରଦ ଓ ଅନ୍ୟାନ୍ୟ ଜଳାଶୟ ଥିଲେ ବି ବର୍ଷାଦିନେ ପ୍ରବାହିତ ଅତିରିକ୍ତ ଜଳର ଏକ ବଡ଼ ଅଂଶ ସମୁଦ୍ରକୁ ଚାଲିଯାଏ । ଏହି ଜଳକୁ ଧାରଣ କରି ପୁନଃ ବ୍ୟବହାର ପାଇଁ ଅଧିକ ମାତ୍ରାରେ ଜଳାଶୟ, ହ୍ରଦ ଆବଶ୍ୟକତା ରହିଛି । ଏହା ଦ୍ୱାରା ବେକାର ଭାବରେ ବୋହିଯାଉଥିବା ପ୍ରାୟ ୬୦ ପ୍ରତିଶତ ଜଳକୁ ରୋକି ହେବ ଓ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟରେ ବ୍ୟବହାର ହୋଇପାରିବ ବୋଲି ମଞ୍ଚ ଆବାହକ ଅବନୀ ଗୟା ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ମତବ୍ୟକ୍ତ କରିଛନ୍ତି।



## ଦେବୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କାକଟପୁର/ଅସ୍ତରଙ୍ଗ,୧।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଥାନା ଅଧିନସ୍ତ ବଡକଣ ଦେବୀ ନଦୀରୁ ରବିବାର ସକାଳ ୯ଘଟିକାରେ ଏକ ଅଜଣା ବ୍ୟକ୍ତିର ମୃତ ଦେହ ଭାସୁଥିବା ଖବର ପାଇ କାକଟପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଇଛନ୍ତି। ଅନୁସନ୍ଧାନ ରୁ ଜଣାପଡିଛି ଯେ ମୃତ ଯୁବକ ହେଉଛନ୍ତି କୈଳାସ ଚନ୍ଦ୍ର ନାୟକ (୫୪)ବଡକଣ ଗ୍ରାମର ବୋଲି ଜଣାପଡିଛି, ଗତ ଦୁଇ ଦିନ ହେବ ସେ ନିଖୋଜ ଥିଲେ ଆଜି ତାଙ୍କ ଶବ ଦେବୀ ନଦୀରୁ ମିଳିଛି। ସେ ଜଣେ ମାନସିକ ବିକାର ଗ୍ରସ୍ତ ବ୍ୟକ୍ତି ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ୧୦/୨୫ ରୁଜୁ କରାଯାଇଛି। କାକଟପୁର ଥାନାଧିକାରୀ ଉମେଶ ସାହୁ ଘଟଣାର ତଦନ୍ତ କରୁଛନ୍ତି।

## କଣାସ ବଜାର ସେତୁ ଶୋଚନୀୟ



**କଣାସ,୧।୬ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ଗମନାଗମନ ଉପରେ ଅଧିକ ଗୁରୁତ୍ୱ ଦେଇ ରାସ୍ତା ଓ ସେତୁ ନିର୍ମାଣ କରୁଥିବାବେଳେ ସେଗୁଡ଼ିକ ରକ୍ଷନ ବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମାନଙ୍କ ଉଦାସୀନତା ଯୋଗୁଁ ରାସ୍ତା ଓ ସେତୁ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ବଜାର ଠାରୁ ଡେଲାଙ୍ଗ ହାଟ ପର୍ଯ୍ୟନ୍ତ ୧୩ କିମି ପୂର୍ତ୍ତ ବିଭାଗ ରାସ୍ତା ନିକଟରେ ନିର୍ମାଣ କରାଯାଇଥିବାବେଳେ କଣାସ ବଜାରର କଣାସ କଲେଜ ନିକଟରେ ଥିବା ବହୁ ପୁରାତନ ସେତୁଟି ଉପରି ଭାଗ ଢଳାଇ ଛାଡି ଲୁହା ରଡମାନ ଦୀର୍ଘଦିନ ହେଲା ବାହାରି ପଡ଼ିଥିବାରୁ ଦୁଇ ଚକିଆ ଓ ଚାରି ଚକିଆ ଯାନ ବରାମ୍ବାର ଦୁର୍ଘଟଣାମାନ ଘଟୁଛି। ପୂର୍ତ୍ତ ବିଭାଗର କାର୍ଯ୍ୟାଳୟ ଭୁବନେଶ୍ୱରରେ ଥିବାରୁ ଅଧିକାରୀମାନଙ୍କର ଦେଖା ମିଳୁ ନାହିଁ। ଏଥିପ୍ରତି ଉଚ୍ଚ ଅଧିକାରୀମାନେ ଦୃଷ୍ଟି ଦେବା ପାଇଁ ଅଞ୍ଚଳ ପକ୍ଷରୁ ଦାବୀ ହେଉଛି।

## ଚିକିତ୍ସା ଅବହେଳାରୁ ଗର୍ଭବତୀ ମହିଳାଙ୍କ ମୃତ୍ୟୁ



- ଲେବର ରୁମରେ ୧୨.୫୫ ସୁଦ୍ଧା ପଡ଼ି ରହିଲା ଶବ
- ଡ଼ାକ୍ତରଙ୍କୁ ନିର୍ଧୂମ ଛେଚିଲେ ଯୁବକ
- ଲୋକଙ୍କ ଦାବିରେ ବଦଳିଲେ ପ୍ରସୂତି ଡାକ୍ତର

**ନୟାଗଡ଼,୧।୬ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ହେଲେ ନୟାଗଡ଼ ସଦରଥାନା ଅନ୍ତର୍ଗତ ବାଲୁଗାଁର ଯୁବ ବିଜେପି ନେତା ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ମମତା ସ୍ୱାଇଁ । ମମତା ପ୍ରସବ ବେଦନ ପାଇବା ପରେ ଗତକାଲି ରାତି ୭ଟା ବେଳକୁ ଡାକ୍ତରଖାନା ଅଣାଯାଇଥିଲା । ଲେବର ରୁମରେ ତାଙ୍କର ସଠିକ ଭାବେ ଚିକିତ୍ସା କରାଯାଇନଥିଲା । ଡାକ୍ତର ତାଙ୍କୁ ଦେଖିବା ପାଇଁ ଆସିନଥିଲେ । ଯେଉଁ କାରଣରୁ ଦୀର୍ଘ ସମୟ ଧରି ପ୍ରବସ ବେଦନ ପାଇବା ପରେ ରାତି ୩ଟା ୪୫ ବେଳକୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ସଦଳବଳେ ପହଞ୍ଚି ବୁଝାଶୁଝା କରିଥିଲେ । ସକାଳୁ ଏହି ଖବର ପ୍ରଚାରିତ ହେବା ପରେ ଶହଶହ ଲୋକ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୁଣ୍ଡ ହୋଇଥିଲେ । ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସନାତନ କାଲୋ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ଏବଂ ୪ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ୨ ପ୍ଲାଟୁନ ଫୋର୍ସ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜୋରଦାର ଦାବି କରାଯାଇଥିଲା । ଏହାକୁ ନେଇ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳି ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା । ନୟାଗଡ଼ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ମଧ ଆଲୋଚନାରେ ସାମିଲ ହୋଇଥିଲେ । ଦାବି ମୁତାବକ ତୁରନ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅନ୍ୟତ୍ର ବଦଳି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହା ସହିତ ଏକ କମିଟି ଗଠନ କରି ଘଟଣାର ତଦନ୍ତ କରାଯିବ ଏବଂ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଆଳି,୧।୬ (ସଂଚାର ବ୍ୟୁରୋ):** ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ସରକାର ଅନେକ ଗୁଡିଏ ଯୋଜନା ପ୍ରଣୟନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନ ୪ ଘଟିକା ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅଧୀନ ବଡ଼ାମ୍ବିଳା ଗ୍ରାମପଂଚାୟତର ସଭାଗୃହ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇସିଏଆର-ସିଆଇଡବ୍ଲୁଏର ବରିଷ୍ଠ ବୈଜ୍ଞାନିକ ଡ଼ା ଲକ୍ଷ୍ମୀପ୍ରିୟା ସାହୁ,ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ା ଅରବିନ୍ଦ ଦାସ, ବୈଜ୍ଞାନିକ ଡ଼ା ତାପସ ରଞ୍ଜନ ସାହୁ,ବୈଜ୍ଞାନିକ ନମିତା ମହାପାତ୍ର, ବ୍ଲକ କୃଷି ଅଧିକାରୀ ତାପସ ବେହେରା,ସହକାରୀ କୃଷି ଅଧିକାରୀଣି ସୁଚେତା ପାତ୍ର, ସହକାରୀ ଉଦ୍ୟାନ ଅଧିକାରୀ ସୌମ୍ୟ ରଞ୍ଜନ ସେଠି ପ୍ରମୁଖ ସଭା ରେ ଯୋଗ ଦେଇଥିଲେ । ସଭାରେ ଯୋଗ ଦେଇ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ ତଥା ସରକାରଙ୍କର କୃଷକ କଲ୍ୟାଣ ଯୋଜନା ବିଷୟ ରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଏକ ବୈଜ୍ଞାନିକ କୃଷକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଯେଉଁଥିରେ ଚାଷୀ ଭାଇ ମାନେ କୃଷି କ୍ଷେତ୍ର ରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ର ସୂତ୍ର ବୈଜ୍ଞାନିକ ମାନଙ୍କ ଠାରୁ ବୁଝିଥିଲେ। ଏଥିରେ ୩୦୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଂଚାୟତର ସରପଞ୍ଚ ଙ୍କ ପ୍ରତିନିଧି ତଥା ସମାଜସେବୀ ବିଜୟ କୁମାର ମହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ପରିଚାଳନା ରେ ସହଯୋଗ କରିବା ସହ କୃଷି ବିଭାଗ ର ସମସ୍ତ ଅଧିକାରୀ ଓ ଅନ୍ୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ ।



## ଭୁଧାର ଚଣ୍ଡୀଙ୍କ ପୀଠରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ କଲେ ବିଧାୟକ



**ନୀଳଗିରି,୧।୬ (ସଂଚାର ବ୍ୟୁରୋ):** ଶହ ଶହ ବର୍ଷ ଧରି ନୀଳଗିରି ଉପଖଣ୍ଡ ର ପ୍ରତ୍ୟକ୍ଷ ଦେବୀ ଭାବେ ସଜନାଗଡ ରେ ପୂଜା ପାଇଆସୁଥିବା ଦେବୀ ମା ଭୁଧାର ଚଣ୍ଡୀଙ୍କ ପୀଠରେ ସ୍ୱଚ୍ଛ ଶୀତଳ ପାନୀୟ ଜଳ ପ୍ରକଳ୍ପର ନୀଳଗିରି ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆଶୁଭ ଉଦଘାଟନକରିଛନ୍ତି। ଏହି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଶୁଭ ଉଦଘାଟନ ରେ ସଜନାଗଡ ସରପଞ୍ଚ ପ୍ରଦିପ ଖାଲପାଲିଆ, ସମିତି ସଭ୍ୟା ଶାନ୍ତି ସିଂ,ସ୍ଥାନୀୟ ବିଜେପି ନେତା ବିଜୟ ବେହେରା, ଅଜୟ ରାଉତ, ସଞ୍ଜୟ ପଣ୍ଡା, ସୁଜିତ୍ ରଣାସିଆ,ଭରତ ଖଣ୍ଡେଇ, ସନାତନ ସିଂ, ରବିନ୍ଦ୍ର ସିଂ, ଗଣେଶ୍ୱର ସିଂ, ଦୈତାରି ସିଂ, ସଂଜୟ ସିଂ, ଶିବ ଚରଣ ବେହେରା, ଦିନେଶ ସାହୁ, କରୁଣା ବେହେରା, ରବୀନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ମା'ଙ୍କ ନିକଟକୁ ଆସୁଥିବା ଭକ୍ତ ମାନେ ଗ୍ରୀଷ୍ମ ଦିନେ ଶୀତଳ ଜଳ ଓ ଶୀତ ଦିନେ ଗରମ ଜଳ ର ସୁବିଧା ପାଇପାରିବେ ବୋଲି କହିଛନ୍ତି ବିଧାୟକ କହିଛନ୍ତି। ସୁଚନା ଥାଉ କି ୧୨ନମ୍ବର୍ ଜିଲ୍ଲା ପରିଷଦ ରଞ୍ଜିତା ସିଂ ଙ୍କ ୧୫ ତମ ସିଏଫ୍‌ସି ସେୟାରର ୨,୩୭,୭୩୮ ଟଙ୍କା ଅନୁଦାନରେ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଛି। ତେବେ ମନ୍ଦୀରକୁ ଆସୁଥିବା ପର୍ଯ୍ୟଟକ, ଶ୍ରଦ୍ଧାଳୁ ଏବଂ ସଜନାଗଡ଼ ବଜାରରେ ଦୋକାନୀମାନେ ଏହି ଥଣ୍ଡା ପାନୀୟ ଜଳ ପ୍ରକଳ୍ପରୁ ଲାଭ ପାଇପାରିବେ ।

## ଅସହାୟଙ୍କ ଶବ ସଂସ୍କାର କଲେ ଟିମ ଶ୍ମଶାନ ବନ୍ଧୁ

● ସହଯୋଗର ହାତ ବଢ଼ାଇଲେ ଉଦ୍ୟମୀ ଯୁବକ



**ସୁନ୍ଦରଗଡ, ୧।୬ (ସଂଚାର ବ୍ୟୁରୋ):** ସଦର ଥାନା ଅନ୍ତର୍ଗତ ତିନକୁଡା ଗ୍ରାମର ଅସହାୟ ଯୁବକ ଦୁଃଶାସନ ମୁଣ୍ଡା ୪୩ବର୍ଷ, ନିଜ ମା' ସୁମିତ୍ରା ମୁଣ୍ଡାଙ୍କ ସହିତ ତିନକୁଡା ଗ୍ରାମର ମହେନ୍ଦ୍ର ରୋହିଦାସଙ୍କ ଘରେ ଆଶ୍ରୟ ନେଇ କି ରହୁଥିଲେ। ଗତକାଲି ରାତିରେ ତିନକୁଡା ଗ୍ରାମର ଏକ କ୍ଷେତ ମଧ୍ୟରେ ତାଙ୍କର ମରଶରୀର ପଡିଥିବାର ଗ୍ରାମବାସୀ ଦେଖି ସଦର ଥାନାକୁ ଖବର ଦେଇଥିଲେ। ସଦର ଥାନା ପୁଲିସ ଶବ ଜବତ କରିବା ସହିତ ତଦନ୍ତ ଜାରି ରଖି ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ନିଜର ପୁଅ ଝିଅ ମଧ କୌଣସି କାରଣରୁ ଶବ ନେବାକୁ ମନା କରି ଦେଇଥିଲେ। ତିନକୁଡା ଗ୍ରାମର ଉଦ୍ୟମୀ ଯୁବକ ମହେନ୍ଦ୍ର ରୋହିଦାସ ଓ ସଦର ଥାନା ଆଇଆଇସି ସସ୍ମିତା ଦେବତା ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ସହଯୋଗ ସକାଶେ ଅନୁରୋଧ କରିଥିଲେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା ଓ ଦେବେନ୍ଦ୍ର ସାହୁ ସୁନ୍ଦରଗଡ ସ୍ୱର୍ଗଦ୍ୱାରକୁ ଶବ ନେବା ସହିତ ମୃତ ଦୁଃଶାସନଙ୍କ ଶବସଂସ୍କାର ନୀତିନିୟମର ସହିତ ଶେଷକୃତ ସମ୍ପନ୍ନ କରିଥିଲେ। ମହେନ୍ଦ୍ର ରୋହିଦାସ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନଙ୍କ ସହିତ ସହଯୋଗର ହାତ ବଢ଼ାଇବା ସହିତ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କ ନିଃସ୍ୱାର୍ଥପର ସହଯୋଗ ସକାଶେ ଧନ୍ୟବାଦ ଅର୍ପଣ କରିଥିଲେ। ସଦର ଥାନା ଅଧିକାରୀ ସୁସ୍ମିତା ଦେବତା ମଧ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କେବେ ମିଳିବ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ?

**କାକଟପୁର/ଅସ୍ତରଙ୍ଗ, ୧।୬ (ସଂଚାର ବ୍ୟୁରୋ):** ନୂଆ ସରକାର ସମୟରେ ଲୋକଙ୍କୁ ଅଧିକ ପ୍ରଧାନମନ୍ତ୍ରୀ ଆବାସ ଘର ଦେବା ପାଇଁ ଏବେ ଦରଖାସ୍ତ ଆହ୍ୱାନ କରାଯାଉଛି। ଆସନ୍ତା ମେ ୩୧ତାରିଖ ଯାଏ ନୂଆ ଆବାସ ପାଇଁ ଦରଖାସ୍ତ ପକାଇବାର ଶେଷ ତାରିଖ ରଖିଛନ୍ତି ସରକାର। ଅନ୍ୟ ପଟେ ସରକାର ପରିବର୍ତ୍ତନ ହେବାର ପାଖାପାଖି ଏକ ବର୍ଷ ହୋଇଥିଲା ବେଳେ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ କାର୍ଯ୍ୟଦେଶ ବଣ୍ଟାଯାଇ ନଥିବା ଦେଖା ଯାଇଛି।

ସରକାର ବିଧବା ମହିଳା ଓ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଭାବେ ପକ୍କାଘର ଯୋଗାଇ ଦେବା ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ କରିଛନ୍ତି। ଯୋଗ୍ୟ ହିତାଧିକାରୀ ସାମିଲ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ସର୍ଭେ କାର୍ଯ୍ୟ ମଧ ଚାଲିଛି। ଏହା ଶେଷ ହେବା ପରେ ଯୋଗ୍ୟ ହିତାଧିକାରୀ ବଛାଯାଇ ସେମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଏହି ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ଲକ୍ଷ୍ୟ କରାଯାଇଛି। ଏହା ଛଡା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅସ୍ତରଙ୍ଗ ବ୍ଲକରୁ ୬ହଜାର ୪ଶହ ୪୯ ଆବେଦନକାରୀ ଥିବା ବେଳେ ସେଥିମଧ୍ୟରୁ ଆଳଙ୍ଗପୁର ୨୯୯, ଆଳସାହି ୩୮୪, ଅସ୍ତରଙ୍ଗ ୩୫୬, ଛୁରିଆନା ୫୨୬, ଝାଡ଼ଲିଙ୍ଗ ୨୯୧, କେନ୍ଦ୍ରାପଟି ୭୧୬, କୋରଣା ୬୪୨, ମାଣ୍ଡୁକି ୩୮୪, ନଗର ୫୬୨, ନଈଗୁଆଁ ୪୮୪, ନୂଆଗଡ ୧୬୮, ପାଟଳଦା ୨୦୩, ସରିପୁର ୫୮୧, ଶିଶୁଅ ୪୩୫, ଓ ତାଳଦା ୪୧୮ଜଣ ସର୍ଭେ ହିତାଧିକାରୀ ଆବେଦନ କରିଛନ୍ତି।




ବର୍ତ୍ତମାନ ମୌସୁମୀ ଜନିତ ବର୍ଷା ଆଗମନ ହୋଇ ସାରିଲାଣି। ହେଲେ ହିତାଧିକାରୀଙ୍କୁ ମିଳିନାହିଁ ପକ୍କାଘର ନିର୍ମାଣର କାର୍ଯ୍ୟାଦେଶ। ଯଦି ବର୍ଷା ଋତୁରେ ହିତାଧିକାରୀଙ୍କୁ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତାହା ହେଲେ ବର୍ଷା ସମୟରେ ସେମାନେ ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଉପକରଣ ବାଲି, ଇଟା, ଗୋଡି, ସିମେଣ୍ଟ ଆଦି ନେବା ଆଣିବା କରିବାରେ ଅସୁବିଧା ଉପୁଜିବ। ଗୃହ ନିର୍ମାଣ କାର୍ଯ୍ୟ ମଧ ହୋଇ ପାରିବ ନାହିଁ।

ସରକାରଙ୍କ ନିୟମାନୁଯାୟୀ ପ୍ରଥମ କିସ୍ତି ଅର୍ଥ ପାଇବାର ୧୨୦ଦିନ ଭିତରେ ଯଦି ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରେ ତାହା ହେଲେ ହିତାଧିକାରୀଙ୍କୁ ଅଧିକ ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିପରି ଯେଉଁ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥ ପାଇବାର ୧୮୦ଦିନ ଭିତରେ ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବ ତାଙ୍କୁ ୧୦ହଜାର ଟଙ୍କାର ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ହେଲେ ଜୁନରେ ଯଦି କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତାହା ହେଲେ ହିତାଧିକାରୀ ବର୍ଷା ଦିନରେ ନିର୍ଦ୍ଧିଷ୍ଟ ସମୟ ସୀମା ଭିତରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିବ ନାହିଁ କିମ୍ବା ପ୍ରୋତ୍ସାହନ ରାଶି ବାବଦ ଅର୍ଥ ରାଶି ପାଇପାରିବେ ନାହିଁ। ସେ ନେଇ ହିତାଧିକାରୀମାନେ ଆଶା ଆଶଙ୍କାରେ ଅଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ କାର୍ଯ୍ୟାଦେଶ ବଣ୍ଟନ କରିବାକୁ ସାଧାରଣରେ ଦାବୀ ହେଉଛି।